# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୨୫/୨୦୨୧ (୧୬ ପୃଷ୍ଠା) Rayagada, Saturday, September 25/2021 ★

୧୧ଶ ଭାଗ ୨୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-




**ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା**

ବିହାର ଆର୍‌ଟିଆଇ କର୍ମୀ ବିପିନ ଅଗ୍ରୱାଲ୍ (୪୫)ଙ୍କୁ ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଛନ୍ତି। ଶୁକ୍ରବାର ପୂର୍ବ ଚମ୍ପାରନ୍ ଜିଲାର ହର୍ସିଦ୍ଧି ବ୍ଲକ କାର୍ଯ୍ୟାଳୟ ନିକଟରେ ତାଙ୍କୁ ଗୁଳି କରାଯାଇଥିଲା। ସରକାରୀ ଜମି ଜବରଦଖଲ ତଥ୍ୟ ଜାଣିବା ପାଇଁ ସେ ସୂଚନା ଅଧିକାର ଆଇନରେ ପ୍ରାୟ ୯୦ଟି ଆବେଦନ କରିଥିଲେ। ପୂର୍ବରୁ ମଧ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ତାଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ସେ ନିକଟରେ ପୋଲିସକୁ ଅନୁରୋଧ କରିଥିଲେ।

## ସଂକ୍ଷେପରେ

### ୫୬ ସାମରିକ ବିମାନ କ୍ରୟ ଲାଗି ଏୟାରବସ୍ ସହ ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ, ୨୪।୯:** ସୈନ୍ୟବାହିନୀ ପାଇଁ ୫୬ଟି ପରିବହନ ବିମାନ କିଣିବା ଲାଗି ଏୟାରବସ୍ ସହ କେନ୍ଦ୍ର ସରକାର ଶୁକ୍ରବାର ୨୦,୦୦୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଚୁକ୍ତି ଅନୁଯାୟୀ ଦୁଇ ବର୍ଷ ମଧ୍ୟରେ ବାୟୁସେନାକୁ ପ୍ରଥମ ସି-୨୯୫ ଏମ୍‌ଡବ୍ଲ୍ୟୁ ପରିବହନ ବିମାନ ମିଳିବ। ପ୍ରଥମ ୧୬ଟି ବିମାନ ସ୍ପେନ୍‌ରୁ ଫ୍ଲାଏଆୱେ ସ୍ଥିତିରେ ଅଣାଯିବାକୁ ଥିବାବେଳେ ଅନ୍ୟ ୪୦ଟି ଭାରତରେ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଏବଂ ଏୟାରବସ୍ ମିଳିତ ଭାବେ ନିର୍ମାଣ କରିବେ। ଚୁକ୍ତି ସ୍ୱାକ୍ଷର ହେବାର ୨ରୁ ୪ ବର୍ଷ ମଧ୍ୟରେ ସ୍ପେନ୍‌ରୁ ୧୬ଟି ବିମାନ ମିଳିବାକୁ ଥିବାବେଳେ ୫ମ ବର୍ଷରୁ ଦଶମ ବର୍ଷ ମଧ୍ୟରେ ଭାରତରେ ନିର୍ମାଣ ହେବାକୁ ଥିବା ବିମାନ ମିଳିଯିବ ବୋଲି ଚୁକ୍ତିନାମାରେ କୁହାଯାଇଛି। ଚଳିତ ମାସ ଆରମ୍ଭରେ କ୍ୟାବିନେଟ କମିଟି ଉକ୍ତ ଚୁକ୍ତିନାମାକୁ ମଞ୍ଜୁରୀ ପ୍ରଦାନ କରିଥିଲା।

### ବଚସାରୁ ଗୁଳିକାଣ୍ଡ: ୨ ଯବାନ ନିହତ

**ନୂଆଦିଲ୍ଲୀ/ଅଗରତାଲା, ୨୪।୯(ପି.ଟି.):** ତ୍ରିପୁରାର ବାଂଲାଦେଶ ଅନ୍ତର୍ଜାତୀୟ ସୀମାରେ ଥିବା ଏକ ପୋଷ୍ଟରେ ଦୁଇ ଯବାନଙ୍କ ମଧ୍ୟରେ ବଚସାରୁ ଗୁଳିକାଣ୍ଡ ଘଟି ଦୁଇଜଣ ବିଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ ଘଟିବା ସହ ଜଣେ ବରିଷ୍ଠ ଅଫିସର ଆହତ ହୋଇଛନ୍ତି। ଗୋମତୀ ଜିଲାର କାରବୁକ୍ ଉପଖଣ୍ଡ ଅନ୍ତର୍ଗତ ଖଗ୍ରାଚେରି ଘାଟିରେ ଗୁରୁବାର ସନ୍ଧ୍ୟାରେ ଏହି ଗୁଳିକାଣ୍ଡ ଘଟିଛି। ସାମାନ୍ୟ ବଚସାରୁ ଉତ୍ତେଜିତ ହୋଇ ୨୦ ବାଟାଲିୟନ୍‌ର ପ୍ରତାପ ସିଂ ନାମକ ଯବାନ ହେଡ୍ କନ୍‌ଷ୍ଟେବଲ ସତ୍‌ବୀର ସିଂଙ୍କ ଉପରକୁ ଗୁଳି ଚଳାଇଥିଲେ। ଘଟଣାସ୍ଥଳରେ ସତ୍‌ବୀରଙ୍କର ମୃତ୍ୟୁ ହୋଇଥିଲା। ପରେ ସେଠାରେ ନିୟୋଜିତ ଥିବା ଜଣେ ସେଣ୍ଟ୍ରିଙ୍କ ଗୁଳିରେ ପ୍ରତାପଙ୍କର ମୃତ୍ୟୁ ଘଟିଛି। ପ୍ରତାପଙ୍କ ଗୁଳିରେ ଉକ୍ତ ପୋଷ୍ଟରେ କମାଣ୍ଡର ଥିବା ସବ୍‌ଇନ୍‌ସପେକ୍ଟର ରାମକୁମାର ଆହତ ହୋଇଛନ୍ତି। ତାଙ୍କ ଉଭୟ ଗୋଡ଼ରେ ଗୁଳି ବାଜିଛି। ଗୁଳିକାଣ୍ଡର କାରଣ ଜାଣିବା ପାଇଁ ବିଭାଗୀୟ ତଦନ୍ତ କରାଯାଉଥିବାବେଳେ ସିଲାଚେରି ଥାନାରେ ଏତଲା ରୁଜୁ ହୋଇଛି।

### ଏନ୍‌ଡିଏ ପରୀକ୍ଷା ପାଇଁ ମହିଳାଙ୍କ ଆବେଦନ ଲାଗି ୟୁପିଏସ୍‌ସିର ଅନୁମତି

**ନୂଆଦିଲ୍ଲୀ, ୨୪।୯(ପି.ଟି.):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ନଭେମ୍ବର ୧୪ରେ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍‌ଡିଏ) ଏବଂ ନାଭାଲ ଏକାଡେମୀ ପରୀକ୍ଷା ଦେବାକୁ ଚାହୁଁଥିବା ଅବିବାହିତା ମହିଳା ଆବେଦନ କରିବାକୁ କେନ୍ଦ୍ର ଲୋକସେବା ଆୟୋଗ (ୟୁପିଏସ୍‌ସି) ଅନୁମତି ଦେଇଛି। upsconline.nic.inରେ ଆବେଦନପତ୍ର ଗ୍ରହଣ କରିବାକୁ ୟୁପିଏସ୍‌ସି ନିଷ୍ପତ୍ତି ନେଇଛି। କେବଳ ଯୋଗ୍ୟ ଅବିବାହିତା ମହିଳା ଏଥିପାଇଁ ଆବେଦନ କରିପାରିବେ। ପ୍ରତିରକ୍ଷା ମନ୍ତ୍ରଣାଳୟରୁ ସୂଚନା ମିଳିବା ପରେ ମହିଳା ପ୍ରାର୍ଥୀଙ୍କ ପାଇଁ ଖାଲିସ୍ଥାନ ଏବଂ ଶାରୀରିକ ମାନଦଣ୍ଡ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବ। ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୮ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମହିଳା ପ୍ରାର୍ଥୀଙ୍କଠାରୁ ଆବେଦନ ଗ୍ରହଣ ଲାଗି ୱିଣ୍ଡୋ ଖୋଲା ରହିବ। ମହିଳାଙ୍କୁ ଆବେଦନ ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।

# ମଜଭୁତ ହେବ ଦ୍ୱିପାକ୍ଷିକ ସମ୍ପର୍କ

## ବାଇଡେନ୍‌ଙ୍କୁ ଭେଟିଲେ ମୋଦି

**ୱାଶିଂଟନ,୨୪।୯**



ହ୍ୱାଇଟ୍ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରୁଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍।

ଆମେରିକା ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହେବ। ବିଶ୍ୱର ଦୁଇ ବୃହତ୍ ଗଣତନ୍ତ୍ର ନିଜ ସମ୍ବନ୍ଧକୁ ଦୃଢ଼, ନିବିଡ଼ ଓ ଘନିଷ୍ଠ କରିବାକୁ ଯାଉଛନ୍ତି ବୋଲି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ସେହିପରି ଚଳିତ ଦଶନ୍ଧିରେ ଆମେରିକାର ନେତୃତ୍ୱ ନିର୍ଦ୍ଦିଷ୍ଟ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ଯାଉଛି। ଭାରତ-ଆମେରିକା ମଧ୍ୟରେ ବନ୍ଧୁତାକୁ ଆହୁରି ମଜଭୁତ କରିବା ପାଇଁ ମଞ୍ଜି ବୁଣାଯାଇଛି ବୋଲି ବାଇଡେନ୍‌ଙ୍କୁ ମୋଦି କହିଛନ୍ତି।

୩ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସେଠାକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ୱାଶିଂଟନସ୍ଥିତ ହ୍ୱାଇଟ୍ ହାଉସ୍‌ରେ ଭେଟିଛନ୍ତି। କୋଭିଡ୍-୧୯ ମହାମାରୀ ପରେ ଏହା ହେଉଛି ମୋଦିଙ୍କ ଦ୍ୱିତୀୟ ବିଦେଶ ଗସ୍ତ। ଏହି ଅବସରରେ ମୋଦି ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବାରେ ସହାୟକ ହେବ ବୋଲି କୁହାଯାଉଛି। ସାକ୍ଷାତ୍ ବେଳେ ମୋଦି ବାଇଡେନ୍‌ଙ୍କୁ କହିଥିଲେ, ଭାରତ-ଆମେରିକା ସମ୍ପର୍କରେ ନୂଆ ଅଧ୍ୟାୟ ଯୋଡ଼ିହୋଇଛି। ଏଥିରେ ଟେକ୍ନୋଲୋଜିର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ହିତ ପାଇଁ ଆମକୁ ମେଧାଶକ୍ତି ଓ ବୈଷୟିକ ଜ୍ଞାନର ଉପଯୁକ୍ତ ଉପଯୋଗ କରିବାକୁ ପଡ଼ିବ।

କ୍ୱାଡ୍ ରାଷ୍ଟ୍ର ଅଷ୍ଟ୍ରେଲିଆ, ଭାରତ, ଜାପାନ ଓ ଆମେରିକା ପକ୍ଷରୁ ମହାକାଶ ଉପରେ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ନେଇ ଘୋଷଣା ହୋଇଛି। ହ୍ୱାଇଟ୍ ହାଉସ୍‌ରେ ଅନୁଷ୍ଠିତ ଏହି ଐତିହାସିକ ସମ୍ମିଳନୀରେ ଯୋଗାଣ ଶୃଙ୍ଖଳ ପଦକ୍ଷେପ, ୫ଜି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆହ୍ୱାନ, ଜଳବାୟୁ ପରିବର୍ତ୍ତନ, କୋଭିଡ୍-୧୯ ମହାମାରୀ, ସ୍ୱାସ୍ଥ୍ୟ ସେବା, ଭିତ୍ତିଭୂମି ବିକାଶ ଏବଂ ଆଫଗାନିସ୍ତାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବହୁପାକ୍ଷିକ ସହଯୋଗିତାକୁ ମଜଭୁତ କରିବା ନେଇ କ୍ୱାଡ୍ ରାଷ୍ଟ୍ରମୁଖ୍ୟମାନେ ସହମତି ପ୍ରକାଶ କରିଛନ୍ତି। ୨୦୨୦ ଜାନୁୟାରୀରେ ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଜୋ ବାଇଡେନ୍ ଦାୟିତ୍ୱ ନେବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏହା ତାଙ୍କର ପ୍ରଥମ ସାକ୍ଷାତ୍। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରଠାରୁ ଏହା ହେଉଛି ତାଙ୍କର ସପ୍ତମ ଆମେରିକା ଗସ୍ତ।

## ସାମୁଦ୍ରିକ ସୁରକ୍ଷାକୁ ଭାରତ-ଜାପାନର ଗୁରୁତ୍ୱ

**ୱାଶିଂଟନ,୨୪।୯**



ୟୋଶିହିଦେ ସୁଗା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନ ପ୍ରତିପକ୍ଷ ୟୋଶିହିଦେ ସୁଗା ୱାଶିଂଟନରେ ପରସ୍ପରକୁ ଭେଟିଛନ୍ତି। ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା, ଆର୍ଥିକ ଦମନ ଓ ଏକତରଫା ଉଦ୍ୟମକୁ ନେଇ ଦୁଇନେତା ଚିନ୍ତା ବ୍ୟକ୍ତ କରିଛନ୍ତି। ଏଭଳି କାର୍ଯ୍ୟକଳାପ ପୂର୍ବ ଓ ଦକ୍ଷିଣ ଚାଇନା ସାଗରରେ ସ୍ଥିତାବସ୍ଥାକୁ ବଦଳାଇଦେବା ଆଶଙ୍କା ରହିଥିବାରୁ ଏହାକୁ ମୋଦି ଓ ସୁଗା ବିରୋଧ କରିଛନ୍ତି। ଏହି ଅବସରରେ ଦୁହେଁ ଆଫଗାନିସ୍ତାନ ସ୍ଥିତି ସମେତ ସଦ୍ୟ ବୈଶ୍ୱିକ ଘଟଣାକ୍ରମ ନେଇ ଭାବ ବିନିମୟ କରିଥିଲେ। ଭାରତ ଓ ଜାପାନ ମଧ୍ୟରେ ଦ୍ୱିପାକ୍ଷିକ ନିରାପତ୍ତା ଏବଂ ପ୍ରତିରକ୍ଷା ସହଯୋଗିତା ନେଇ ମଧ ଆଲୋଚନା ହୋଇଥିବା ଜାପାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

## ଅର୍ଥନୀତି ବଦଳାଇବ ସୌରଶକ୍ତି: ମୋରିସନ

**ୱାଶିଂଟନ,୨୪।୯**



ସ୍କଟ୍ ମୋରିସନ୍

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ କହିଛନ୍ତି, ସେ ଓ ତାଙ୍କ ଭାରତ ପ୍ରତିପକ୍ଷ ତଥା ପ୍ରିୟ ବନ୍ଧୁ ନରେନ୍ଦ୍ର ମୋଦି କେତେକ ନୂଆ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସହମତ ହୋଇଛନ୍ତି। ଏହା ମଧ୍ୟରେ ରହିଛି ନିମ୍ନ ଉତ୍ସର୍ଜନ କାରିଗରିରେ ସହଯୋଗିତା ଓ ଅତି କମ୍ ମୂଲ୍ୟରେ ସୌର କାର୍ଯ୍ୟକ୍ରମ, ଯାହାକି ଦୁଇଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଆହୁରି ମଜଭୁତ କରିବ। ମୋଦି ଓ ମୋରିସନ୍ ଫୋନ୍‌ରେ ଭାରତ-ଅଷ୍ଟ୍ରେଲିଆ ବିସ୍ତୃତ ପ୍ରତିରକ୍ଷା ସହଯୋଗିତା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ନେଇ ସମୀକ୍ଷା କରିବାର ସପ୍ତାହେ ପରେ ଗୁରୁବାର ୱାଶିଂଟନରେ ପରସ୍ପରକୁ ଭେଟିଛନ୍ତି। ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆକୁ ନେଇ କ୍ୱାଡ୍ରିଲେଟ୍‌ରାଲ୍ ସିକ୍ୟୁରିଟି ଡାଇଲଗ୍ ବା କ୍ୱାଡ୍ ସମ୍ମିଳନୀ ଅବସରରେ ଏହି ଆଲୋଚନା ହୋଇଛି। ପ୍ରକାଶ ଯେ, ବର୍ତ୍ତମାନ ସୌରଶକ୍ତି ଉତ୍ପାଦନ କାର୍ଯ୍ୟକ୍ରମରେ ଭାରତ ବିଶ୍ୱରେ ଆଗୁଆ ରହିଛି। ଭାରତ ପକ୍ଷରୁ ସ୍ୱଚ୍ଛ ରୋଷେଇ ଇନ୍ଧନକୁ ୮୦ ନିୟୁତ ପରିବାରକୁ ବିସ୍ତାର କରାଯାଇଛି।

# କଶ୍ମୀରରେ ମାନବାଧିକାରକୁ ନେଇ ବ୍ରିଟେନ୍ ପାର୍ଲାମେଣ୍ଟରେ ପ୍ରସ୍ତାବ

**ଲଣ୍ଡନ, ୨୪।୯**

## ନିନ୍ଦା କଲା ଭାରତ

ବ୍ରିଟେନର ହାଉସ୍ ଅଫ୍ କମନ୍ସରେ କଶ୍ମୀରରେ ମାନବାଧିକାରକୁ ନେଇ ଆଲୋଚନା ପାଇଁ ପ୍ରସ୍ତାବ ଅଣାଯାଇଛି। କଶ୍ମୀର ଉପରେ ସେଠାର ଅଲ୍ ପାର୍ଟି ପାର୍ଲାମେଣ୍ଟାରି ଗ୍ରୁପ୍ (ଏପିପିଜି) ଏହି ପ୍ରସ୍ତାବ ଆଣିଛି। ଏହାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଦେଶର ଅବିଚ୍ଛେଦ୍ୟ ଅଙ୍ଗ ସମ୍ପର୍କିତ କୌଣସି ପ୍ରସଙ୍ଗ ଯେକୌଣସି ଫୋରମ୍‌ରେ ଉଠାଯିବା ପୂର୍ବରୁ ଉପଯୁକ୍ତ ଯାଞ୍ଚ ଦ୍ୱାରା ଏହାକୁ ସିଦ୍ଧ କରାଯିବା ଆବଶ୍ୟକ ବୋଲି ଭାରତ କହିଛି। ବିଦେଶ, କମନ୍‌ୱେଲ୍‌ଥ ଏବଂ ବିକାଶ କାର୍ଯ୍ୟାଳୟ (ଏଫ୍‌ସିଡିଓ)ରେ ଏସିଆ ମନ୍ତ୍ରୀ ଥିବା ଆମଣ୍ଡ ମିଲିଙ୍ଗ୍ ପ୍ରତିକ୍ରିୟା ରଖି କହିଛନ୍ତି, କଶ୍ମୀର ଏକ ଦ୍ୱିପାକ୍ଷିକ ମାମଲା ଯାହା ଉପରେ ବ୍ରିଟେନ ସରକାରଙ୍କ ଆଭିମୁଖ୍ୟ ଅପରିବର୍ତ୍ତିତ ରହିଛି। ସରକାର କଶ୍ମୀର ସ୍ଥିତିକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଉଛନ୍ତି। ତେବେ କଶ୍ମୀରବାସୀଙ୍କ ଇଚ୍ଛାକୁ ବିଚାରକୁ ନେଇ ଭାରତ ଓ ପାକିସ୍ତାନ ରାଜନୈତିକ ସମାଧାନ ସୂତ୍ର ବାହାର କରିବା ଉଚିତ। ବ୍ରିଟେନ ସମାଧାନ ପାଇଁ କୌଣସି ପରାମର୍ଶ ଦେବନାହିଁ କିମ୍ବା ମଧ୍ୟସ୍ଥତା କରିବ ନାହିଁ ବୋଲି ମିଲିଙ୍ଗ କହିଛନ୍ତି। ପାକିସ୍ତାନୀ ବଂଶୋଦ୍ଭବ ଲେବର ପାର୍ଟି ଏମ୍‌ପି ନାଜ ଶାହାଙ୍କ ସମେତ ପଛ ବେଞ୍ଚର କେତେଜଣ ଏମ୍‌ପି ଆଲୋଚନାରେ ଭାଗ ନେଇଥିଲେ। ସେମାନେ ବ୍ୟବହାର କରିଥିବା ଭାଷାକୁ ଭାରତ ନିନ୍ଦା କରିଛି। କଶ୍ମୀର ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରାଯାଇଥିବାରୁ ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।



## ୱାରାୱାରା ରାଓଙ୍କ ଜାମିନ ଶୁଣାଣି ସ୍ଥଗିତ

**ମୁମ୍ବାଇ, ୨୪।୯(ପି.ଟି.)**



ଏଲ୍‌ଗାର ପରିଷଦ ମାମଲାରେ ଅଭିଯୁକ୍ତ ଥିବା କବି ତଥା ସାମାଜିକ କର୍ମୀ ୱାରାୱାରା ରାଓଙ୍କ ଜାମିନ ମିଆଦ ବୃଦ୍ଧି ଆବେଦନର ଶୁଣାଣିକୁ ଶୁକ୍ରବାର ବମ୍ବେ ହାଇକୋର୍ଟ ଅକ୍ଟୋବର ୧୩ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଅକ୍ଟୋବର ୧୪ ପର୍ଯ୍ୟନ୍ତ ତାଙ୍କର ତାଲୋଜା ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାର ଆବଶ୍ୟକ ନାହିଁ ବୋଲି ଅଦାଲତ କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ୮୨ ବର୍ଷୀୟ ୱାରାୱାରାଙ୍କୁ ଗତ ଫେବୃୟାରୀ ୨୨ରେ ହାଇକୋର୍ଟ ୬ ମାସ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଥିଲେ। ସେପ୍ଟେମ୍ବର ୫ରେ ତାଙ୍କୁ ଜେଲ୍‌କୁ ଫେରିବାର ଥିଲା। ଜାମିନ ମିଆଦ ବଢ଼ାଇବା ଏବଂ ଜାମିନ ସମୟରେ ନିଜ ସହର ହାଇଦ୍ରାବାଦରେ ରହିବା ପାଇଁ ଅନୁମତି ଦେବାକୁ ୱାରାୱାରା ଆବେଦନ କରିଥିଲେ।

## ଭାଜପା, ନିଶାଦ ପାର୍ଟି ଏକାଠି ଲଢ଼ିବେ ୟୁପି ନିର୍ବାଚନ

**ଲକ୍ଷ୍ନୌ, ୨୪।୯:** ଆଗାମୀ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ଏବଂ ନିଶାଦ ପାର୍ଟି ଏକାଠି ଲଢ଼ିବେ ଓ ପରବର୍ତ୍ତୀ ସରକାର ଗଢ଼ିବେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ୟୁପି ପାଇଁ ଭାଜପାର ନିର୍ବାଚନ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ଏକ ଖବରଦାତା ସମ୍ମିଳନୀରେ ଭାଜପା-ନିଶାଦ ପାର୍ଟି ମେଣ୍ଟ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ସେଠାରେ ନିଶାଦ ପାର୍ଟି ମୁଖ୍ୟ ସଞ୍ଜୟ ନିଶାଦ ଉପସ୍ଥିତ ଥିଲେ। କେବଳ ନିଶାଦ ପାର୍ଟି ନୁହେଁ, ଅପ୍‌ନା ଦଳ ସହ ମଧ ମେଣ୍ଟ ହେବ ଏବଂ ୟୁପିରେ ପରବର୍ତ୍ତୀ ସରକାର ଗଠନ ପାଇଁ ସମସ୍ତେ ଏକାଠି କାମ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।




# କଲେଜ ବେଳର ଶତ୍ରୁତାରୁ ଗ୍ୟାଙ୍ଗୱାର

**ନୂଆଦିଲ୍ଲୀ, ୨୪।୯**

ଜିତେନ୍ଦ୍ର ଓରଫ ଗୋଗି ଏବଂ ଟିଲ୍ଲୁ ତାଜପୁରିଆ ଗ୍ୟାଙ୍ଗ ମଧ୍ୟରେ ପୂର୍ବ ଶତ୍ରୁତାରୁ ରୋହିଣୀ କୋର୍ଟ ପରିସରରେ ଆକ୍ରମଣ ଘଟି ୩ ଗ୍ୟାଙ୍ଗଷ୍ଟରଙ୍କ ଜୀବନ ଯାଇଛି ଓ ଜଣେ ଆଇନଜୀବୀ ଆହତ ହୋଇଛନ୍ତି। ଗୋଗି ଏବଂ ଟିଲ୍ଲୁ କଲେଜରେ ପଢ଼ିବା ବେଳେ ଦୁଇ ବନ୍ଧୁ ଥିଲେ। ୨୦୧୦ରେ କଲେଜ ଛାତ୍ର ସଂସଦ ନିର୍ବାଚନରେ ଉଭୟେ ଭାଗ ନେଇଥିଲେ। ସେହିଠାରୁ ସେମାନଙ୍କ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା ଯାହା ପରବର୍ତ୍ତୀ ସମୟରେ ଗ୍ୟାଙ୍ଗୱାରର ରୂପ ନେଇଥିଲା। ୨୦୧୩ରେ



ଜିତେନ୍ଦ୍ର ଓରଫ ଗୋଗି

ପୋଲିସ ଏନ୍‌କାଉଣ୍ଟରରେ ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ନୀତୁ ଦାବୋଡିଆ ନିହତ ହୋଇଥିଲେ। ଏଥିସହିତ ଦିଲ୍ଲୀର ଡନ୍ କୁହାଯାଉଥିବା ନୀରଜ ବାୱାନିଆ ଜେଲ୍ ଯିବା ପରେ ପତିଆରା ଜାହିର ପାଇଁ ଗୋଗି ଓ ଟିଲ୍ଲୁ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଜାରି ରହିଥିଲା। ୨୦୧୮ରେ ଦୁଇ ଗ୍ୟାଙ୍ଗ୍‌ର ସଦସ୍ୟଙ୍କ ମଧ୍ୟରେ ବୁରାରିଠାରେ ସଂଘର୍ଷ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ୫ ଜଣ ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ଦୁଇଗୋଷ୍ଠୀ ମଧ୍ୟରେ ଲଢ଼େଇରୁ ଶତାଧିକ ଲୋକଙ୍କ ଜୀବନ ଗଲାଣି। ଦିଲ୍ଲୀ-ହରିୟାଣା ସୀମାର ଆଲିପୋର ଅଞ୍ଚଳରେ ଗୋଗିଙ୍କ ଘର। ସେ ଦିଲ୍ଲୀ ପୋଲିସର ମୋଷ୍ଟ ୱାଣ୍ଟେଡ୍ ତାଲିକାର ଶୀର୍ଷରେ ଥିଲେ। ତିହାର ଜେଲ୍‌ରୁ ସେ ଦୁବାଇର ଜଣେ ବ୍ୟବସାୟୀଙ୍କୁ ୫ କୋଟି ଟଙ୍କା ଚାନ୍ଦା ମାଗି ଖବରର ଶିରୋନାମା ପାଲଟିଥିଲେ। ଜବରଦସ୍ତ ବଟି ଆଦାୟ, ଅପହରଣ କରି ପଣବନ୍ଦୀ ରଖିବା, ହତ୍ୟା ଆଦି ଅପରାଧରେ ଗୋଗି ସମ୍ପୃକ୍ତ ଥିଲେ। ୩ ଥର ସେ ପୋଲିସ ହାଜତରୁ ଖସିଯାଇଥିଲେ। ଅନ୍ୟପକ୍ଷରେ ଟିଲ୍ଲୁ ତାଜପୁରିଆ ମଧ ତିହାର ଜେଲ୍‌ରେ ଥାଇ ତାଙ୍କ ଗ୍ୟାଙ୍ଗ ଚଳାଇଥିଲେ।

## ‘ସୁରକ୍ଷାଗତ ତ୍ରୁଟିକୁ ବରଦାସ୍ତ କରାଯିବନି’



ରାକେଶ ଅସ୍ଥାନା

କୋର୍ଟ ପରିସରରେ ସୁରକ୍ଷାଗତ ତ୍ରୁଟିରୁ ଗୁଳିକାଣ୍ଡ ଘଟି ୩ ଜଣଙ୍କ ଜୀବନ ଗଲା। ଏଭଳି ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନା କହିଛନ୍ତି। ତେବେ ଏହା ଗ୍ୟାଙ୍ଗୱାର ନ ଥିଲା। ସେଠାରେ ଉପସ୍ଥିତ ଥିବା ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଓ ସେମାନଙ୍କ ପାଲଟା ଗୁଳିରେ ୨ ଆକ୍ରମଣକାରୀ ନିହତ ହୋଇଛନ୍ତି। ସୁରକ୍ଷା ବ୍ୟବସ୍ଥାରେ ନିଶ୍ଚିତ ଭାବେ ତ୍ରୁଟି ହୋଇଛି। ଏହାର ଅନୁଧ୍ୟାନ କରାଯିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅସ୍ଥାନା ପ୍ରତିଶ୍ରୁତି ଦେଇଛନ୍ତି।

ଧରିତ୍ରୀ
DHARITRI
ଶନିବାର, ସେପ୍ଟେମ୍ବର ୨୫/୨୦୨୧ | Saturday, September 25/2021 | ପୃଷ୍ଠା-୧



**ହ୍ୱାଟ୍‌ମୋର୍ ବରୋଦା ମୁଖ୍ୟ କୋଚ୍**
ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଡେଭ୍ ହ୍ୱାଟ୍‌ମୋର୍ ବରୋଦା କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ଯୋଗ ଦେଇଛନ୍ତି।

୧୪

୧୨

**ଅଡୁଆରେ କପିଲ ଶର୍ମାଙ୍କ ଶୋ'**
କପିଲ ଶର୍ମାଙ୍କ ଶୋ'ରେ କୋର୍ଟ ରୁମ୍‌ରେ ମଦ୍ୟପାନ ଦୃଶ୍ୟ ଦେଖାଯାଇଥିଲା। ଯାହା କୋର୍ଟ ପ୍ରତି ଅପମାନ ଦର୍ଶାଇ ଏତଲା ଦାଏର ହୋଇଛି।



# କୋର୍ଟରୁମ୍‌ରେ ଗ୍ୟାଙ୍ଗଷ୍ଟରଙ୍କୁ ହତ୍ୟା

## ପୋଲିସ ଗୁଳିରେ ୨ ଆକ୍ରମଣକାରୀ ନିହତ

**ନୂଆଦିଲ୍ଲୀ, ୨୪।୯(ପି.ଟି.)**

ଦିଲ୍ଲୀର ରୋହିଣୀ କୋର୍ଟ ରୁମ୍‌ରେ ଶୁକ୍ରବାର ଦୁଇଜଣ ଆତତାୟୀ ଆଇନଜୀବୀ ପୋଷାକରେ ଆସି ଗ୍ୟାଙ୍ଗଷ୍ଟର ଜିତେନ୍ଦ୍ର ମାନ୍ ଓରଫ ଗୋଗିଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୋଲିସ ଗୁଳିରେ ୨ ଆକ୍ରମଣକାରୀ ନିହତ ହୋଇଛନ୍ତି। ବିଚାରାଧୀନ କଏଦୀ ଗୋଗିଙ୍କୁ କୋର୍ଟରେ ହାଜର କରିବାକୁ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଆଣିଥିଲା। ୨୦୭ ନମ୍ବର ପ୍ରକୋଷ୍ଠରେ ତାଙ୍କୁ ବିଚାରପତିଙ୍କ ଆଗରେ ହାଜର କରାଯାଇଥିବାବେଳେ ବିରୋଧୀ ଗ୍ୟାଙ୍ଗ୍‌ର ସଦସ୍ୟ ଗୁଳି ଚଳାଇଥିଲେ। କୋର୍ଟ ପରିସରରେ



ନୂଆଦିଲ୍ଲୀସ୍ଥିତ ରୋହିଣୀ କୋର୍ଟ ରୁମ୍‌ରେ ଗ୍ୟାଙ୍ଗଷ୍ଟର ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ବେଳର ଦୃଶ୍ୟ ।



ଜିତେନ୍ଦ୍ର ମାନ୍

ଗୁଳିକାଣ୍ଡକୁ ନେଇ ବିଚାରପତି ଓ ଆଇନଜୀବୀଙ୍କ ସୁରକ୍ଷା ଓ ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୋହିଣୀ କୋର୍ଟରେ ଏହା ଚତୁର୍ଥ ଗୁଳିକାଣ୍ଡ।

ଆଇନଜୀବୀ ପୋଷାକରେ ଆସିଥିବା ଆକ୍ରମଣକାରୀ ବିରୋଧୀ ଟିଲୁ ତାଜପୁରିଆ ଗ୍ୟାଙ୍ଗର ରାହୁଲ ଏବଂ କୁକି ବୋଲି ଜଣାପଡ଼ିଛି। ସ୍ପେଶାଲ ସେଲ୍ ☞ପୃଷ୍ଠା-୨

## ଡିଜେଲ ୨୩ ପଇସା ବଢ଼ିଲା

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୪।୯**

ବିଗତ ୧୯ ଦିନର ବିରତି ପରେ ପ୍ରଥମ ଥର ପାଇଁ ଡିଜେଲ ଦରରେ ପରିବର୍ତ୍ତନ ଘଟିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ(ଆଇଓସିଏଲ୍)ର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ଡିଜେଲ ୨୩ ପଇସା ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ପୂର୍ବପରି ସ୍ଥିର ରହିଛି। ଫଳରେ ଏଠାରେ ଡିଜେଲ ଲିଟର ପିଛା ୯୬.୮୪ ଟଙ୍କା ଏବଂ ପେଟ୍ରୋଲ ୧୦୨.୦୪ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ଡିଜେଲ ଲିଟର ପିଛା ୯୭.୧୮ ଟଙ୍କା ଓ ପେଟ୍ରୋଲ ୧୦୨.୩୯ ଟଙ୍କା ରହିଛି।

ସେହିପରି ନୂଆଦିଲ୍ଲୀରେ ମଧ୍ୟ ଡିଜେଲ ୨୦ ପଇସା ବଢ଼ିଥିବା ବେଳେ ପେଟ୍ରୋଲ ମୂଲ୍ୟ ସ୍ଥିର ରହିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ଡିଜେଲ ଲିଟର ପିଛା ୮୮.୮୨ ଟଙ୍କା ଏବଂ ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ନୂଆଦିଲ୍ଲୀ ଗସ୍ତ



**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତା ୨୬ ତାରିଖରେ ସେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ମାଓବାଦୀ ମୁକାବିଲା ନେଇ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବେ। ଏହି ବୈଠକରେ ୧୦ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଯୋଗଦେବେ। ଆସନ୍ତା ୨୮ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି।

**ଆଜିର ସମ୍ପାଦକୀୟ**

**ମୁଣ୍ଡ ନୁଆଁଇଲେ**




# ୪୬ତମ ର୍ୟାଙ୍କରେ ଜୁବିନ୍ ମହାପାତ୍ର

## ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା-୨୦୨୦ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସାରା ଦେଶରୁ ମୋଟ ୭୬୧ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶୁଭମ୍ କୁମାର ଟପ୍ପର ହୋଇଛନ୍ତି। ଶୁଭମ୍ ଆଇଆଇଟି ବମ୍ବେରୁ ସିଭିଲ୍ ଇଞ୍ଜିନିୟରିଂରେ ବିଟେକ୍ କରିଛନ୍ତି। ତେବେ ଓଡ଼ିଶାରୁ ଭୁବନେଶ୍ୱରର ଜୁବିନ୍ ମହାପାତ୍ର ୪୬ତମ ର୍ୟାଙ୍କରେ ରହି ରାଜ୍ୟ ଟପ୍ପର ହୋଇଥିବା ଜଣାପଡିଛି। ସେହିପରି ଓଡ଼ିଶାର ଆଶିଷ କୁମାର ମିଶ୍ର ୫୨, ଶୁଭଙ୍କର ବଳ ୭୯, ଅଙ୍କିତ କୁମାର ବର୍ମା ୧୮୪, ରୀନା ପ୍ରଧାନ ୧୯୪, ପୂର୍ବି ନନ୍ଦ ୨୪୪, ନବଜ୍ୟୋତି ମିଶ୍ର ୩୯୫, ବବିତାରାଣୀ ସ୍ୱାଇଁ ୪୬୪, ଅଙ୍କିତ ମିଶ୍ର ୫୨୨ ଓ ସୁଧାଂଶୁ ନାୟକ ୬୨୦ ର୍ୟାଙ୍କ୍ ପାଇଛନ୍ତି।



ଜୁବିନ୍ ମହାପାତ୍ର

ସର୍ବଭାରତୀୟ ସ୍ତରରେ ଭୋପାଳର ଜାଗୃତି ଅୱସ୍ତି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ମହିଳା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଟପ୍ପର ହୋଇଛନ୍ତି। ୨୪ ବର୍ଷୀୟା ଜାଗୃତି ଇଞ୍ଜିନିୟରିଂ ଗ୍ରାଜୁଏଟ୍ ଓ ଭେଲ୍ ସହିତ କାମ କରିଛନ୍ତି। ଅଙ୍କିତା ଜୈନ ତୃତୀୟ ସ୍ଥାନରେ ରହିଥିବାବେଳେ ଯଶ ଜାଲୁକା ଚତୁର୍ଥ ଓ ☞ପୃଷ୍ଠା-୨

## ଡଲାର ତୁଳନାରେ ୪ ପଇସା କମିଲା ଟଙ୍କା

**ନୂଆଦିଲ୍ଲୀ,୨୪।୯**

ଡଲାର ତୁଳନାରେ ଶୁକ୍ରବାର ଭାରତୀୟ ଟଙ୍କାର ମୂଲ୍ୟ ୪ ପଇସା ହ୍ରାସ ଘଟି ୭୩.୬୮ ଟଙ୍କା ସ୍ତରରେ ରହିଛି। ଇଣ୍ଟରବ୍ୟାଙ୍କ ଫରେନ ଏକ୍ସଚେଞ୍ଜ ମାର୍କେଟରେ ଟଙ୍କା ୭୭.୭୩ ସ୍ତରରୁ କାରବାର ଆରମ୍ଭ କରିଥିଲା। ଦିନ ମଧ୍ୟରେ ଏହାର ସର୍ବୋଚ୍ଚ ସ୍ତର ୭୩.୬୧ ଟଙ୍କା ଥିବା ବେଳେ ସର୍ବନିମ୍ନ ସ୍ତର ୭୩.୭୮ ଟଙ୍କା ରହିଥିଲା। ମାତ୍ର କାରବାର ଶେଷ ବେଳକୁ ଟଙ୍କା ୭୩.୬୮ ସ୍ତରରେ ରହିଥିବା ଜଣାପଡିଛି। ଗୁରୁବାର ଟଙ୍କାର ମୂଲ୍ୟ ୭୩.୬୪ ଟଙ୍କା ରହିଥିଲା। ☞ପୃଷ୍ଠା-୨


# ବାତ୍ୟା ଆସୁଛି

- ୨୬ରେ ଗୋପାଳପୁର-ବିଶାଖାପାଟଣା ମଧ୍ୟରେ ଅତିକ୍ରମ କରିବ
- ଘଣ୍ଟା ପ୍ରତି ୭୦ରୁ ୯୦ କି.ମି. ବେଗରେ ବହିବ

*ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ପିଛା ଛାଡୁନାହିଁ। କରୋନା ମହାମାରୀ ପରେ ରାଜ୍ୟରେ ବର୍ଷା ଅଭାବରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏବେ ପୁଣି ରାଜ୍ୟକୁ ବାତ୍ୟା ଭଳି ବିପଦ ମାଡ଼ିଆସୁଛି।*

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଉତ୍ତର-ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ମ୍ୟାନ୍‌ମାର ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶୁକ୍ରବାର ଲଘୁଚାପରେ ପରିଣତ ହୋଇଛି। ଏହା ଘନୀଭୂତ



ହୋଇ ଧୀରେ ଧୀରେ ଆନ୍ଧ୍ରପ୍ରଦେଶର ବିଶାଖାପଟଣା ଏବଂ ଦକ୍ଷିଣ ଓଡ଼ିଶା ଉପକୂଳ ଆଡ଼କୁ ମୁହାଁଉଛି। ଏହା ଗୋପାଳପୁରଠାରୁ ପୂର୍ବ-ଦକ୍ଷିଣ-ପୂର୍ବରେ ୭୨୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ବାତ୍ୟା ରୂପ ନେବ। ଆସନ୍ତା ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ବିଶାଖାପଟଣା ଏବଂ ଗଞ୍ଜାମର ଗୋପାଳପୁର ☞ପୃଷ୍ଠା-୨




# ରିପୋର୍ଟିଂ ବେଳେ ଅରିନ୍ଦମଙ୍କ ପ୍ରାଣଗଲା

**କଟକ ଅଫିସ,୨୪।୯**

କଟକ ମୁଣ୍ଡଳି ବ୍ୟାରେଜ ନିକଟରେ ଶୁକ୍ରବାର ଫସିଥିବା ହାତୀକୁ ଉଦ୍ଧାର କରିବାକୁ ଯାଇଥିବା ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ(ଓଡ୍ରାଫ୍)ର ବୋଟ ଓଲଟି ପଡ଼ିଛି। ଫଳରେ ଉକ୍ତ



ଅରିନ୍ଦମ ଦାସ

ବୋଟରେ ଖବର ସଂଗ୍ରହ କରିବାକୁ ଯାଇଥିବା ଓଟିଭି ରିପୋର୍ଟର ଅରିନ୍ଦମ ଦାସ(୩୯)ଙ୍କ ଅକାଳ ବିୟୋଗ ଘଟିଛି। ଏହି ଘଟଣାରେ କ୍ୟାମେରାମ୍ୟାନ୍ ପ୍ରଭାତ ସିହ୍ନା, ଓଡ୍ରାଫ୍ ଟିମ୍ ସଦସ୍ୟ ହରିଶ ଚନ୍ଦ୍ର ନାୟକ, ଅନ୍ନଦା ପାଲ୍, ସଞ୍ଜୀବ ବିଶ୍ୱାଳଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବି ଆଇସିୟୁରେ ଭର୍ତ୍ତି କରାଯାଇଛି ବୋଲି ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ଓଡ୍ରାଫ ଟିମ୍‌ର ରୁଦ୍ର ପ୍ରଧାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ସୀତାରାମ ମୁର୍ମୁ ନାମକ ଜଣେ କର୍ମଚାରୀ ନିଖୋଜ ଅଛନ୍ତି। ତାଙ୍କୁ ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍‌ର ଟିମ୍ ସଦସ୍ୟ ବହୁ ଖୋଜା ଖୋଜି କରିଥିଲେ ସୁଦ୍ଧା ରାତି ପର୍ଯ୍ୟନ୍ତ କୌଣସି ପତ୍ତା ମିଳିପାରି ନାହିଁ। ଓଡ୍ରାଫ୍ ଟିମ୍ ବୋଟ ବୁଡ଼ି ଘଟଣାରେ ରିପୋର୍ଟର ଅରିନ୍ଦମଙ୍କ ମୃତ୍ୟୁ ଘଟଣାରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ରାଜ୍ୟପାଳ ପ୍ରଫେଶର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ରାଜ୍ୟପାଳ ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**
"ମହିଳା ଓ ସଂଖ୍ୟାଲଘୁଙ୍କୁ ବିପଦରେ ଛାଡ଼ିଦେଇ ବିଶ୍ବକୁ ବଞ୍ଚାଯାଇପାରିବ ନାହିଁ -ଜୁଜାନା କେପୁଟୋଭା, ସ୍ଲୋଭାକିଆ ରାଷ୍ଟ୍ରପତି


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ବର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବ ବିଜେଡିର ମିଶ୍ରଣ ପର୍ବ

ଭୁବନେଶ୍ବର,୨୪।୯(ବ୍ୟୁରୋ)

ଯୁବ ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଯାଜପୁର ଧର୍ମଶାଳା ଭାଜପାର ୧୨ ଜଣ ବରିଷ୍ଠ ନେତା ବିଜେଡିରେ ଯୋଗ ଦେଇଛନ୍ତି। ମିଶ୍ରଣ ପର୍ବରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଦଳର ମୁଖପାତ୍ର ପ୍ରତାପ ଦେବ, କୋରେଇ ବିଧାୟକ ଅଶୋକ ବଳ ଉପସ୍ଥିତ ଥିଲେ। ୨୦୧୯ରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ରମେଶ ଚନ୍ଦ୍ର ପରିଡ଼ା ବିଜେଡିରେ ମିଶିଛନ୍ତି। ରମେଶଙ୍କ ସମେତ ଭାଜପା ଛାଡ଼ିଥିବା ଅନ୍ୟ ୧୧ ଜଣ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ସେମାନେ ହେଲେ ଚୈତନ୍ୟ ସାମଲ, ମହେନ୍ଦ୍ର ପଣ୍ଡା, ବିଜୟ କୁମାର ନାୟକ, ନିରଞ୍ଜନ ବେହେରା, ଅଶୋକ କୁମାର ସାହୁ, ଆଶିଷ କୁମାର ବଳ, ବିଭୁ ପ୍ରସାଦ ଦାସ, ରମେଶ ଚନ୍ଦ୍ର ବେହେରା, ମାନସ ମହାନ୍ତି ଓ ପ୍ରଭଞ୍ଜନ ମହାନ୍ତି।

## ବାତ୍ୟା ଆସୁଛି

ନିକଟ ଦେଇ ସ୍ଥଳଭାଗ ଅତିକ୍ରମ କରିବା ଆଶଙ୍କା ରହିଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଏହା ଘଣ୍ଟା ପ୍ରତି ୭୦ରୁ ୯୦ କିଲୋମିଟର ବେଗରେ ବହିପାରେ। ଏହାର ପ୍ରଭାବରେ ପବନ ସହିତ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବାତ୍ୟା ପ୍ରଭାବରେ କଚ୍ଚାଘର, ବିଦ୍ୟୁତ୍ ଖୁଣ୍ଟ, ଗଛ ଉପୁଡ଼ିପାରେ। ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିପାରେ। ବାତ୍ୟା ପ୍ରଭାବରେ ଗଞ୍ଜାମ, ରାୟଗଡ଼ା, କନ୍ଧମାଳ ଏବଂ ଗଜପତି ଜିଲାରେ ପ୍ରବଳରୁ ଅତିପ୍ରବଳ (୨୦ ସେଣ୍ଟିମିଟରରୁ ଅଧିକ) ବର୍ଷା ହେବା ଆଶଙ୍କା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏପରିକି କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ମାଲକାନଗିରି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବାତ୍ୟା ଯୋଗୁ ୨୬ରୁ ୨୮ ତାରିଖ ଯାଏ ଉକ୍ତ ଜିଲାଗୁଡ଼ିକରେ ବର୍ଷାହେବ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ୨୫ରୁ ୨୮ ତାରିଖ ଯାଏ ସମୁଦ୍ର ଭିତରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ସେହିପରି ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ବତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ରିପୋର୍ଟିଂ ବେଳେ ...

ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଟୁଇଟ ଜରିଆରେ କାର୍ଯ୍ୟରତ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

ସୂଚନା ମୁତାବକ, ଶୁକ୍ରବାର ସକାଳେ ମୁଣ୍ଡଳୀ ବ୍ୟାରେଜ ନିକଟରେ ଏକ ହାତୀ ଫସିଯାଇଥିଲା। ଦୀର୍ଘସମୟ ଧରି ପାଣିରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲେ ସୁଦ୍ଧା ପାଣିରୁ ବାହାରି ପାରି ନ ଥିଲା। ମଧ୍ୟାହ୍ନରେ ହାତୀକୁ ଉଦ୍ଧାର କରିବା ପାଇଁ ଏକ ୫ଜଣିଆ ଓଡ୍ରାଫ୍ ଟିମ୍ ରବର ବୋଟରେ ନଦୀ ଭିତରକୁ ଯାଇଥିଲେ। ତାଙ୍କ ସହ ଓଟିଭିର ରିପୋର୍ଟର ଅରିନ୍ଦମ ଏବଂ କ୍ୟାମେରାମ୍ୟାନ୍ ପ୍ରଭାତ ମଧ୍ୟ ଖବର ସଂଗ୍ରହ ପାଇଁ ଯାଇଥିଲେ। ହେଲେ କିଛି ସମୟ ମଧ୍ୟରେ ଓଡ୍ରାଫ୍ ଟିମ୍‌ର ବୋଟ୍‌ଟି ପ୍ରଖର ସ୍ରୋତରେ ଭାସି ଯାଇ ବ୍ୟାରେଜର ଏକ ପିଲର ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହାପରେ ବନବିଭାଗ ଓ ଅଗ୍ନିଶମ ବିଭାଗର ମିଳିତ ଉଦ୍ୟମରେ ଜଣଙ୍କ ପରେ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ବହୁତ ସମୟର ସଂଘର୍ଷ ପରେ ଅରିନ୍ଦମ ଓ ପ୍ରଭାତଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବିକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ଅରିନ୍ଦମଙ୍କୁ ମୃତ ଘୋଷଣା କରିଥିଲେ। ପରେ ଓଡ୍ରାଫ କର୍ମଚାରୀ ହରିଶ, ଅନ୍ନଦା, ସଞ୍ଜୀବଙ୍କୁ ଗୁରୁତର ଅବସ୍ଥାରେ ଏସସିବି ନିଆଯାଇଥିଲା।

### ଜନ୍ମମାଟିରେ ଶୋକାକୁଳ ପରିବେଶ

ପାଟଣା,(ସ୍ବ.ପ୍ର.): ଖବରଦାତା ଅରିନ୍ଦମ ଦାସ(ସାମୀ)ଙ୍କ ଜନ୍ମମାଟି କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ପଞ୍ଚାୟତ ରାଇକଳା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସ୍ବର୍ଗତ ଯୁଗଳ କିଶୋର ଦାସଙ୍କ ସେ ଏକ ମାତ୍ର ପୁଅ ଥିଲେ। କକା ଧରଣୀଧର ଦାସଙ୍କ ସୂଚନା ଅନୁଯାୟୀ ଅରିନ୍ଦମଙ୍କ ଅକାଳ ବିୟୋଗ ଖବର ଶୁଣି ତାଙ୍କ ମା’ କୁନି ଦାସ ସଂଜ୍ଞା ହୀନ ହୋଇ ପଡ଼ିବା ସହ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସ୍ତ୍ରୀ ସମୀକ୍ଷା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅରିନ୍ଦମ୍‌ଙ୍କର ଅଢେଇବର୍ଷର ପୁତ୍ର ଅଛନ୍ତି। କେନ୍ଦୁଝର ଡି.ଡି କଲେଜରୁ ବିକମ୍ ପାସ କରିବା ପରେ ଢେଙ୍କାନାଳ ସ୍ଥିତ ଆଇଆଇଏମ୍‌ସିରେ ଜର୍ଣ୍ଣାଲିଜିମ୍ କରିଥିଲେ। ଦୈନିକ ଖବର କାଗଜ ‘ଧରିତ୍ରୀ’ରୁ ଖବରଦାତା ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ଡିଡି କଲେଜର ପୂର୍ବତନ ଛାତ୍ର ୟୁନିୟନ ସଭାପତି ଅରିନ୍ଦମଙ୍କ ମର ଶରୀର ଗାଁରେ ପହଞ୍ଚିବା ପରେ ଅନ୍ତ୍ୟେଷ୍ଟି କ୍ରିୟା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ତାଙ୍କ କକା ଧରଣୀଧର କହିଛନ୍ତି। ଅରିନ୍ଦମ୍‌ଙ୍କ ଅକାଳ ବିୟୋଗରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ଅଧ୍ୟକ୍ଷ ବିଶ୍ବନାଥ ନାଏକ, ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଉଦ୍ୟୋଗି ବିବେକାନନ୍ଦ ଦାଶ, କଂଗ୍ରେସ ନେତା ବିନୋଦ ବିହାରୀ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ଖବରଦାତା ବୀରକିଶୋର ଦାଶ, ମହେଶ୍ବର ପୃଷ୍ଟି, ନୃସିଂହ ନାଥ ସିଂ, ସନ୍ତୋଷ କୁମାର ପତି, କିଶୋର ଚନ୍ଦ୍ର ମହାନ୍ତ, ରାହାସ ବିହାରୀ ପୃଷ୍ଟି, ବିଜୟ ରତ୍ନ ପତ, କାମିନୀ କାନ୍ତ ଦ୍ବିବେଦୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ୪୬ତମ ର୍‍ୟାଙ୍କରେ...

ମମତା ଯାଦବ ପଞ୍ଚମ ସ୍ଥାନରେ ରହିଛନ୍ତି।

ଗତ ଜାନୁୟାରୀରେ ଲିଖିତ ମୁଖ୍ୟ ପରୀକ୍ଷା ଓ ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ହୋଇଥିବା ପର୍ସନାଲିଟି ଟେଷ୍ଟ ଆଧାରରେ ୟୁପିଏସ୍‌ସି ଏହି ରେଜଲ୍ଟ ପ୍ରକାଶ କରିଛି। ଉତ୍ତୀର୍ଣ୍ଣ ହୋଇଥିବା ୭୬୧ ଜଣଙ୍କ ମଧ୍ୟରୁ ସାଧାରଣ ବର୍ଗରୁ ୨୬୩ ଜଣ ଥିବାବେଳେ ଓବିସି ବର୍ଗର ୨୨୯ଜଣ, ଏସ୍‌ସି ୧୨୨ଜଣ ଓ ଏସ୍‌ଟି ବର୍ଗରୁ ୬୧ଜଣ ଛାତ୍ରୀଛାତ୍ର ଅଛନ୍ତି। ସେହିପରି ୧୫୦ଜଣ ରିଜର୍ଭ ତାଲିକାରେ ରହିଛନ୍ତି। ସେଥିରୁ ୭୫ଜଣ ସାଧାରଣ ବର୍ଗରେ ଥିବାବେଳେ ୧୫ଜଣ ଇଡବ୍ଲ୍ୟୁଏସ୍, ୫୫ଜଣ ଓବିସି, ୫ଜଣ ଏସ୍‌ସି ଓ ଜଣେ ଏସ୍‌ଟି ରହିଛନ୍ତି। ଶ୍ରେଷ୍ଠ ୨୫ ପ୍ରାର୍ଥୀଙ୍କ ମଧ୍ୟରୁ ୧୨ଜଣ ମହିଳା ଓ ୧୩ଜଣ ପୁରୁଷ ରହିଛନ୍ତି। ଆଇଏଏସ୍ ପାଇଁ ୧୮୦, ଆଇଏଫ୍‌ଏସ୍ ପାଇଁ ୩୬, ଆଇପିଏସ୍ ପାଇଁ ୨୦୦, ସେଣ୍ଟ୍ରାଲ ସର୍ଭିସ ଗ୍ରୁପ-ଏ ପାଇଁ ୩୦୨ ଓ ଗ୍ରୁପ୍-ବି ପଦବୀ ପାଇଁ ୧୧୮ ଜଣଙ୍କୁ ନିଯୁକ୍ତି ମିଳିବ। ପରୀକ୍ଷାର୍ଥୀମାନେ ସିଭିଲ୍ ସର୍ଭିସେସ୍ ୨୦୨୦ ପ୍ରାଥମିକ ପରୀକ୍ଷା ଏବଂ ମୁଖ୍ୟ ପରୀକ୍ଷା ରେଜଲ୍ଟ www.upsc.gov.in ୱେବ୍‌ସାଇଟ୍‌ରୁ ପାଇପାରିବେ ବୋଲି ୟୁପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ଟପ୍ପର ହୋଇଥିବା ଜୁବିନ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ ଶେଷ କରିବା ପରେ ଏମ୍‌ବିଏ କରିଥିଲେ। ୨୦୧୭ରୁ ଚାକିରି କରିବା ସହ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ୨୦୧୮ରେ ପ୍ରଥମଥର ୟୁପିଏସ୍‌ସି ପରୀକ୍ଷା ଦେଇ ୨୩୫ ର୍‍ୟାଙ୍କରେ ରହିଥିଲେ। ୨୦୧୯ରେ ୩୭୯ ର୍‍ୟାଙ୍କ୍ ପାଇଥିଲେ।

### ଡିଜେଲ ୨୩ ...

ପେଟ୍ରୋଲ ୧୦୧.୧୯ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ମଧ୍ୟ ଡିଜେଲ ଦର ୨୦ରୁ ୨୨ ପଇସା ବଢ଼ି ଯଥାକ୍ରମେ ୯୩.୪୬ ଟଙ୍କା, ୯୧.୯୨ ଟଙ୍କା ଏବଂ ୯୬.୪୧ ଟଙ୍କା ରହିଛି। ଏହିସବୁ ମେଟ୍ରୋ ସହରରେ ପେଟ୍ରୋଲ ଦର ଯଥାକ୍ରମେ ୯୮.୯୬ ଟଙ୍କା, ୧୦୧.୬୨ ଟଙ୍କା ଏବଂ ୧୦୭.୨୬ ଟଙ୍କାରେ ପହଞ୍ଚିଛି।

ଗତ କିଛି ଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବହୁ ପରିମାଣରେ ବୃଦ୍ଧି ଘଟିଛି। ଏଥିଯୋଗୁ ଭାରତ ବଜାରରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି ବୋଲି ତୈଳ କମ୍ପାନୀଗୁଡିକ ମତ ଦେଉଛନ୍ତି। ଡିଜେଲ ଦର ବୃଦ୍ଧି ଯୋଗୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଏପରିକି ପରିବା ହାଟରୁ ପରିବହନ ସେବା ପର୍ଯ୍ୟନ୍ତ ସବୁ ସ୍ତରରେ ଦର ବୃଦ୍ଧି ଘଟୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

### କୋର୍ଟରୁମ୍‌ରେ ...

ପୋଲିସ ଟିମ୍‌ର ଜବାବୀ ଗୁଳିମାଡ଼ରେ ଉଭୟଙ୍କର ମୃତ୍ୟୁ ଘଟିଛି। ପୋଲିସ କହିବା ଅନୁଯାୟୀ ଗୋଗି ଏବଂ ଟିଲୁ ଗ୍ୟାଙ୍ଗର ସୁନୀଲ ମାନ୍‌ଙ୍କୁ ଏକ ହତ୍ୟା ମାମଲାରେ କୋର୍ଟରେ ହାଜର କରାଯାଇଥିଲା। ଗୋଗି ହାଜର ହେବାର ୩୦ ମିନିଟ ପୂର୍ବରୁ ମାନ୍ କୋର୍ଟରେ ହାଜର ହୋଇଥିଲେ। ସେହି ସମୟରେ ରାହୁଲ ଓ କୁକି କୋର୍ଟ ପରିସରରେ ପ୍ରବେଶ କରି ଗୋଗିଙ୍କ ଉପରକୁ ୫-୬ ରାଉଣ୍ଡ ଗୁଳି ଚଳାଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁଳିକାଣ୍ଡ ବେଳେ ଜଣେ ମହିଳା ଆଇନଜୀବୀ ଆହତ ହୋଇଛନ୍ତି। ଏହା ବ୍ୟତୀତ ଅନ୍ୟ କେତେଜଣ ଆଇନଜୀବୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ଗୋଗି ଅନେକ ଅପରାଧ ମାମଲାରେ ସମ୍ପୃକ୍ତ ଥିଲେ। ତାଙ୍କୁ ଧରାଇଦେଲେ ୬.୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଗତବର୍ଷ ମାର୍ଚ୍ଚରେ ଦିଲ୍ଲୀ ପୋଲିସର ସ୍ବତନ୍ତ୍ର ସେଲ୍ ତାଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଗୁରୁଗ୍ରାମରୁ ଗିରଫ କରିଥିଲା। ବର୍ଷେ ହେଲା ଗୋଗି ତିହାର ଜେଲ୍‌ରେ ରହିଥିଲେ।

### ଡଲାର ତୁଳନାରେ ...

ଚଳିତ ମାସ ଶେଷ ସୁଦ୍ଧା ଟଙ୍କା ୭୩.୪୦ ରୁ ୭୩.୯୫ ସ୍ତରରେ କାରବାର କରିପାରେ ବୋଲି ଆକଳନ କରାଯାଇଛି। ସେହିଭଳି ବିଶ୍ବ ବଜାରରେ ବ୍ରେଣ୍ଟ ଅଶୋଧିତ ତେଲର ଦର ବ୍ୟାରେଲ ପିଛା ୦.୨୫% ବୃଦ୍ଧି ଘଟି ୭୭.୪୪ ଡଲାର ରହିଛି।

## ଆଜି ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ଧର୍ମେନ୍ଦ୍ର

ଭୁବନେଶ୍ବର,୨୪।୯(ବ୍ୟୁରୋ): ଆସନ୍ତା ୩୦ରେ ହେବାକୁ ଥିବା ପିପିଲି ଉପନିର୍ବାଚନ ପାଇଁ ଭାଜପାର ଦଳୀୟ ପ୍ରଚାରରେ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ। ଧର୍ମେନ୍ଦ୍ର ଦିନିକିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିବା ପରେ ପ୍ରଥମେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୬ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ସେ ପିପିଲି ଅଭିମୁଖେ ଯାଇ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସପକ୍ଷରେ ପ୍ରଚାର କରିବେ। ଧର୍ମେନ୍ଦ୍ର ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀର ମଧୁପୁର ପୁବାଶାସନରୁ ପ୍ରଚାର ଆରମ୍ଭ କରି ପିପିଲି ଓ ଡେଲାଙ୍ଗ ବ୍ଲକର ବିଭିନ୍ନ ସ୍ଥାନକୁ ଯାଇ ଭୋଟରଙ୍କୁ ଭେଟିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କ ଅପୂରଣୀୟ ଅଭିଳାଷ ପୂର୍ଣ୍ଣ ହେବା କାରଣରୁ ମାନସିକ ପ୍ରଫୁଲ୍ଲତା ଜାରି ରହିବ। ବନ୍ଧୁ ମାନଙ୍କ ସହ ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ତଥାପି ଗୃହ, ଭୂମି, ଗାଡି, ମୋଟର, ସହକର୍ମୀ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି ମନସ୍ତାପ ଘଟିପାରେ।

**ବୃଷ**
ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ପୂର୍ବ ପରିକଳ୍ପିତ ନୂତନ ଗୃହ, ଅନୁଷ୍ଠାନ,ବାଣିଜ୍ୟାରମ୍ଭ କରିପାରନ୍ତି। ଅସାବଧାନତାବଶତଃ ଘରେ କିମ୍ବା ଅଫିସ୍‌ରେ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମିଥୁନ**
ଆକସ୍ମିକ ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅସ୍ଥିରତାଜନିତ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ।

**କର୍କଟ**
ଆକସ୍ମିକଭାବରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟାସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ଠାରୁ କିଛି ଖବର ଆପଣଙ୍କୁ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ଆଜି ଯୋଜନା ମୁତାବକ କାମରେ ସଫଳତା ମିଳିବାରେ କିଛିଟା ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ସଙ୍ଗୀତ ଓ ଯୋଗ ସାଧନା,ଗବେଷଣା, ରଚନାତ୍ମକ କାମ,ଅଧ୍ୟୟନ ଓ ଅଧ୍ୟାପନାରୁ ଖୁସୀ ହେବେ। ପରିବହନ, ନିର୍ମାଣ ,ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ। ବନ୍ଧୁଙ୍କ ସହୃଦୟତାରୁ ନୂତନ ଜିନିଷ ଲାଭକରିବେ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି,ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ସନ୍ତୁଷ୍ଟ ହୋଇପାରନ୍ତି। କିନ୍ତୁ ଘରେ ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଆକସ୍ମିକଭାବରେ କଚେରି ମାମଲା ଜଡିତ ହେବାରୁ ଦୁଚିନ୍ତା ବଢ଼ିପାରେ। ପୂର୍ବ ସମସ୍ୟାକୁ କେନ୍ଦ୍ରକରି ପରୋକ୍ଷ ଶତ୍ରୁତା କାରଣରୁ ବିଚଳିତ ହୋଇପାରନ୍ତି।

**ବିଛା**
ଆଜି ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ**
ଆଜି ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟ ସ୍ୱଜନ ମାନଙ୍କ ଉପସ୍ଥିତି ଯୋଗୁ ଖୁସୀ ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**ମକର**
ଦୃଢ଼ ଇଚ୍ଛାଶକ୍ତି ବଳରେ ଅସାଧ୍ୟସାଧନ କରିବାରେ ସଫଳତା ହାସଲ କରିବେ। ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ**
କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ**
ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ନିଜ ଲୋକ ମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ସଭାସମିତି,କଳା,ସାହିତ୍ୟ,ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ। ପାଖ, ପଡ଼ୋଶୀଙ୍କ ଗୋପନୀୟ କଥା ଶୁଣି ମନ ବିଷାକ୍ତ ହୋଇଯାଇପାରେ।


# classifieds Everyday
0674-2580101, 2549302

real estate

**SALE**

2 storied new Building Sale at Puri near Atharnala, Land area 1425Sqft. & Construction Area 2700Sqft. Only buyer contact : 9827453152/ 6372897984. D-21744

CV Raman College ପାଖରେ 27,000sqft. plot ବିକ୍ରିହେବ। Contact: 9937910363. D-70243

Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013. D-21690

Demarcated gharabari plot near Mangaraj Point Puri bypass road Bankual for sale. Per sqft. @1650/-. Contact No.- 9827339640. D-21710

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-21745

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-21531

ମାସିକ ମାତ୍ର 3000 ଟଙ୍କା କିସ୍ତି ପୈଠ କରି ଭୁବନେଶ୍ବର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

Gated community township planning gharabari plot sale in Gudiapokhari near KEC College with 30’road, Electricity, boundarywall. 8763887357, 9238902929. D-71702

ଭୁବନେଶ୍ବର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

construction

Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118. D-70888

Construct your home @ 850/-, 1300/- includes architecture, structure with 3year FMC, provide BDA plan approval, Boring/ interiorwork SNV Construction. 9439295469. D-71710

to-let

Girls Hostel BED system Behera Sahi, Nayapali, Bhubaneswar. 8480204021, 9348726113. D-21707

healthcare

Ashirvaad Salon and SPA get good massage for your health tha best therapy. 7077181074. D-70487

Refreshing your mind, your body with tha best therapy at Lotus Spa. 8018891951. D-70488

Swarna SPA newly open positively health benefits with expert therapist. 9556978408. D-71162

Newly open SPA offer @799/-, positively health benefits, Jaydevbihar. 7846814019. D-71419

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA centre with therapist full body massage. 8455987557. D-71418

Newly open full body massage ladies and gents. 8327740003. D-70486

Newly Open Saikrupa Panchakarma Spa positively health benefits with Expert. 8984068077. D-21717

**LOST**

ମୁଁ ଜଗବନ୍ଧୁ ବସ୍ତିଆ, ପିତା ମୃତ ଭିକା ବସ୍ତିଆ, ଗ୍ରାମ- କୁଶପୁର, ପୋଷ୍ଟ- ବାଘଲା, ଥାନା- ପୁରୁଷୋତ୍ତମପୁର, ଜିଲ୍ଲା- ଗଞ୍ଜାମ ଏଥିଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉ ଅଛି ଯେ ମୁଁ ଗତ ୨୧।୦୯।୨୦୨୧ରିଖରେ ପୁରୁଷୋତ୍ତମପୁର ତହସିଲ ଅଫିସକୁ ମୋର କାର୍ଯ୍ୟରେ ଯିବାରେ ମୋର ଘରର ଦସ୍ତାବିଜ ପୁରୁଷୋତ୍ତମପୁର ସବ୍‌ରେଜିଷ୍ଟ୍ରର ରେଜିଷ୍ଟ୍ରେସନ ନଂ.- ୩୪୨୦/୦୪।୧୨।୧୯୮୨ କୁଶପୁର ମୌଜାର ଖାତା ନଂ.- ୨୪୮, ପ୍ଲଟ୍ ନଂ.- ୭୦୮ଟି କେଉଁଠାରେ ହଜିଯାଇଛି। ଯଦି କେହି ବ୍ୟକ୍ତି ଏହାକୁ ପାଇଥାନ୍ତି ତେବେ ମୋର ଠିକଣାରେ ଜଣାଇବା ଲାଗି ଅନୁରୋଧ। ଧ-୨୧୭୫୧

ମୁଁ ଶ୍ରୀ ଦୋଳଗୋବିନ୍ଦ ସାହୁ, ପି- ଦୁଃଖବନ୍ଧୁ ସାହୁ, ଗ୍ରାମ- ଖଣ୍ଡତିରି, ପୋ- ଗିରିଧର ପ୍ରସାଦ, ଥାନା- ରାସୋଳ, ଜିଲ୍ଲା- ଢେଙ୍କାନାଳ, ମୋର ନାମରେ ଥିବା ଜମି ଖାତା ନଂ.- ୮୪୭/୧୭୧, ପ୍ଲଟ୍ ନମ୍ବର- ୧୪୦୬, ୧୪୦୭, ୧୪୦୮, ୧୪୦୮/୧୪୧୧୯ର କବଲା ନଂ.- ୧୦୫୩୧୭୦୦୬୨୯, dt. 14.09.2017 ଯାହା ମୋ ନାମରେ ରେକର୍ଡ ଅଛି। ଘରକୁ ଯିବା ସମୟରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କବଲାଟି ପାଇଥାନ୍ତି ତେବେ ନିମ୍ନ ଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରୁଅଛି।
ଦୋଳଗୋବିନ୍ଦ ସାହୁ
Mob- 9937460143, 8456936378. D-21749

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**AFFIDAVIT**



By virtue of an affidavit made before the Executive Magistrate, Bari on 23.09.2021, I, Sibananda Swain, S/o- Late Debanarayan Swain, Vill- Sanaolara, P.O.- Bhatapara, Via- Madanpur, Dist- Kendrapara declare that the name of my younger son, Susham Sundarray, is written in his Birth Certificate as Susham Sundar Ray which is typographical error. His actual name is Susham Sundarray which is mentioned in his Aadhaar Card. This fact is true to and necessary to the concerned authority. D-21748

By the virtue of an affidavit before the Court of Executive Magistrate, Bhubaneswar, I, Manisha Patra resident of AL-172, PH-I, Bhimatangi HB Colony, PO- Old Town, P.S.- Airfield, Bhubaneswar, Dist- Khurda have changed my name from Manisha Patra to CH Manisha Prusty after marriage i.e. CH Manisha Prusty for all future purposes and records. D-21747

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୧୬,୦୫,୫୦୪ | ୪୭,୪୫,୬୮୦ | ୨୦,୮୨,୬୮,୭୪୨ |
| ଭାରତ | ୩,୩୬,୧୭,୧୦୦ | ୪,୪୬,୬୦୧ | ୩,୨୮,୬୧,୩୮୨ |
| ଓଡ଼ିଶା | ୧୦,୨୩,୧୩୩ | ୮୧୬୩(+୫୩) | ୧୦,୦୯,୫୮୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ୪ ପୋଲିସ ଅଧିକାରୀଙ୍କ ବଦଳି

କଟକ ଅଫିସ,୨୪।୯

୪ ଜଣ ପୋଲିସ ଅଧିକାରୀଙ୍କ ବଦଳି ନେଇ ଶୁକ୍ରବାର କଟକସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଳାହାଣ୍ଡିରେ ଡିଏସ୍‌ପି ଭାବେ କାର୍ଯ୍ୟରତ ଭି.ଏସ୍. ଚନ୍ଦ୍ରଶେଖର ରାଓ ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସ୍‌ପି ପଦବୀକୁ ପଦୋନ୍ନତି ହୋଇଛନ୍ତି। ସେହିପରି ଢେଙ୍କାନାଳର ଅତିରିକ୍ତ ଏସ୍‌ପି ଗଣେଶ ଚନ୍ଦ୍ର ପ୍ରଧାନ, କମିଶନରେଟ୍ ପୋଲିସର ଅତିରିକ୍ତ ଡିସିପି କେଦାରନାଥ ସାହୁ ଓ ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସ୍‌ପି ନରହରି ନାୟକଙ୍କୁ ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ପଦବୀକୁ ବଦଳି କରାଯାଇଛି।



ଭୁବନେଶ୍ୱର ବିମାନବନ୍ଦରଠାରେ ଶୁକ୍ରବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍. ଭି. ରମନାଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ସ୍ୱାଗତ କରୁଛନ୍ତି।

# ଓଡ଼ିଶାରେ ସିଜେଆଇ

ଭୁବନେଶ୍ୱର,୨୪।୯(ବ୍ୟୁରୋ)/ ପୁରୀ ଅଫିସ/ କଟକ ଅଫିସ

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏନ୍. ଭି. ରମନା ଶୁକ୍ରବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସନ୍ଧ୍ୟା ୭ଟା ୫୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ସ୍ୱାଗତ କରିଥିଲେ। ଏହାପରେ ସେ ରାତି ୮ଟା ୧୫ରେ ପୁରୀ ଅଭିମୁଖେ ବାହାରିଥିଲେ। ରାତି ୯ଟା ୨୦ରେ ସେ ପରିବାର ଓ ୫ରୁ ଊର୍ଦ୍ଧ୍ୱ ବିଚାରପତିଙ୍କ ସହ ପୁରୀରେ ପହଞ୍ଚିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା, ଜିଲା ଆରକ୍ଷୀ ଅଧୀକ୍ଷକ କନୱର ବିଶାଲ ସିଂ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ସ୍ୱାଗତ ଜଣାଇଥିଲେ। ସେହିପରି ୫-ଟି ସଚିବ ଭି.କେ. ପାଣ୍ଡିଆନ, ସୁପ୍ରିମକୋର୍ଟର ବିଚାରପତି ବିନୀତ ଶରନ ଏବଂ ପୁରୀ ଏମ୍‌ପି ପିନାକୀ ମିଶ୍ର ମଧ୍ୟ ସ୍ୱାଗତ କରିଥିଲେ। ପ୍ରଧାନ ବିଚାରପତି ମେ ଫେୟାର ହୋଟେଲରେ ଅବସ୍ଥାନ କରିଥିଲେ। ଶନିବାର ସକାଳ ୭ଟାରେ ସେ ପରିବାର ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ କଟକ ଯାଇ ପୂର୍ବାହ୍ନ ୧୧ଟା ୧୦ରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ(ଆଇନ ସେବା ଭବନ)ର ନୂତନ କୋଠାକୁ ଲୋକାର୍ପଣ କରିବେ। ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ବିଚାରପତି ୟୁ.ୟୁ. ଲଳିତ ଓ ବିନୀତ ଶରନ ଉପସ୍ଥିତ ରହିବେ। ସେହିପରି ରମନା ହାଇକୋର୍ଟ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀର ଡିଜିଟାଇଜେଶନ ସେଣ୍ଟର ପରିଦର୍ଶନ କରିବା ସହ ଏକାଡେମୀ ପ୍ରେକ୍ଷାଳୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨ଟା ୩୫ରେ ଭୁବନେଶ୍ୱର ଫେରି ମେ' ଫେୟାରରେ କିଛି ସମୟ ବିଶ୍ରାମ ନେବେ। ଅପରାହ୍ନ ୫ଟା ୫୦ରେ ସେ ଭୁବନେଶ୍ୱର ବିମାନବନ୍ଦର ବାହାରି ସନ୍ଧ୍ୟା ୬ଟା ୪୦ରେ ଇଣ୍ଡିଗୋ ୬ଇ-୨୫୦୧ ବିମାନରେ ନୂଆଦିଲ୍ଲୀ ଫେରିଯିବେ।

# ଅରିନ୍ଦମଙ୍କୁ ମାରିଦେଲା ଓଡ୍ରାଫ୍ ଟିମ୍

ଭୁବନେଶ୍ୱର,୨୪।୯(ବ୍ୟୁରୋ)

କଟକ ମୁଣ୍ଡଳୀ ନିକଟରେ ମହାନଦୀର ପ୍ରଖର ସ୍ରୋତରେ ଫସିଯାଇଥିବା ଏକ ହାତୀକୁ ଘଉଡ଼ାଇବାକୁ ଓଡ୍ରାଫ୍ ଟିମ୍ ସହିତ ଯାଇଥିବା ଜଣେ କର୍ତ୍ତବ୍ୟରତ ଖବରଦାତା ଅରିନ୍ଦମ ଦାସଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ଭରା ନଈରେ କୌଣସି ଏସ୍‌ଓପି ଗ୍ରହଣ ନ କରି ଏଭଳି ଉଦ୍ଧାର କାର୍ଯ୍ୟକୁ ଦୁର୍ଘଟଣା କି ଦାୟିତ୍ୱହୀନତା କୁହାଯିବ ତାକୁ ନେଇ ସବୁଠି ଚର୍ଚ୍ଚା ଲାଗି ରହିଛି। ବିଶେଷକରି ଓଡ୍ରାଫ୍ ଟିମ୍‌ର ପ୍ରଶିକ୍ଷିତ କର୍ମଚାରୀଙ୍କ ସହ ଅଣପ୍ରଶିକ୍ଷିତ ଏବଂ ଭିନ୍ନ ଏକ ପେସାର ୨ ଜଣଙ୍କୁ କିପରି ପାଣି ଭିତରକୁ ଯାଇ ଲାଇଭ୍ ରିପୋର୍ଟିଂ କରିବାକୁ ଅନୁମତି ମିଳିଲା ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅରିନ୍ଦମଙ୍କୁ ଓଡ୍ରାଫ୍ ଟିମ୍ ଭିତରକୁ ଯିବାକୁ ବାରଣ କରିବା ପରିବର୍ତ୍ତେ ଓଲଟି ତାଙ୍କୁ ସାଙ୍ଗରେ ନେଇଯିବା ଦ୍ୱାରା ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଦୁର୍ଘଟଣା ନୁହେଁ ବରଂ ଜଣେ ସାମ୍ବାଦିକଙ୍କୁ ଓଡ୍ରାଫ୍ ଟିମ୍ ମାରିଦେଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ଖୋଦ୍ ପୋଲିସ ମହାନିର୍ଦ୍ଦେଶକ ଅଭୟ ଏହି ବିଭାଗର ମୁଖ୍ୟ ହୋଇଥିବା ବେଳେ ତାଙ୍କ ନଜରକୁ ଏହା କିପରି ଆସିଲା ନାହିଁ ତାହା ମଧ୍ୟ ସବୁଠାରୁ ବଡ଼ ପ୍ରଶ୍ନ। ଯଦି ପୋଲିସ ଡିଜିଙ୍କ ଦୃଷ୍ଟିରେ ଏହି ନଜର ପଡ଼ି ନ ଥିଲା ତାଙ୍କ ତଳେ ଆହୁରି ଅଭିଜ୍ଞ ଏବଂ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ରହିଛନ୍ତି, ସେମାନେ କ'ଣ ଏହା ଦେଖିପାରୁ ନ ଥିଲେ କି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠିବାରେ ଲାଗିଛି। ଜଣେ ଛାପା ଗଣମାଧ୍ୟମ ଖବରଦାତା ଭାବେ ଆମେ ମଧ୍ୟ ପୂର୍ବରୁ ଓଡ୍ରାଫ୍ ଟିମ୍ ସହ ବନ୍ୟା ବାତ୍ୟା ଅଞ୍ଚଳକୁ ଗସ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଗତ ଦିନରେ ଏଥିପାଇଁ ମନା କରାଯାଇଛି। ତେବେ ଯେତେବେଳେ ଜଣେ ଟେଲିଭିଜନ ଖବରଦାତା ନିଜ କ୍ୟାମେରାମ୍ୟାନ୍‌ଙ୍କ ସହ ପହଞ୍ଚୁଛନ୍ତି ସେମାନଙ୍କୁ କାହିଁକି ନିୟମକାନୁନ୍‌କୁ ଭାଙ୍ଗିଦେଇ ଏସ୍‌ଓପି ବାହାରକୁ ଯାଇ ସାଙ୍ଗରେ ନିଆଯାଉଛି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ଘଟଣା ସହିତ ଓଡ୍ରାଫ୍ ଟିମ୍‌ର ପ୍ରଚାର ପ୍ରସାର ବଢ଼ାଇବା ଲାଗି ଏଭଳି ଘଟଣାକୁ ପୋଲିସ ମହାନିର୍ଦ୍ଦେଶକ ପ୍ରୋତ୍ସାହିତ କରୁଥିବା ନେଇ ସବୁଆଡୁ ଅଙ୍ଗୁଳି ଉଠିଲାଣି।

ଅନ୍ୟପଟେ ଓଡ୍ରାଫ୍ ଟିମ୍ ନିଜ ସାଙ୍ଗରେ ଟେଲିଭିଜନ ଖବରଦାତାଙ୍କୁ ସାଙ୍ଗରେ ନେବା ନୂଆ ଘଟଣା ନୁହେଁ, ପୂର୍ବରୁ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିଛି। ଏନେଇ ପୋଲିସ ମହାନିର୍ଦ୍ଦେଶକଙ୍କ ମତାମତ ନେବା ଲାଗି ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ତାଙ୍କ ଟେଲିଫୋନ ଉଠାଇ ନାହାନ୍ତି। ତେବେ ଏହି କାର୍ଯ୍ୟକୁ କେଉଁ ବରିଷ୍ଠ ଅଧିକାରୀ ଅନୁମତି ଦେଇଥିଲେ ଏବଂ କେଉଁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ଏହା କରାଯାଇଛି ସେନେଇ କୌଣସି ସୂଚନା ଓଡ୍ରାଫ୍ ତରଫରୁ ଦିଆଯାଇ ନାହିଁ। ଏହାସହ ଏତେବଡ଼ ବନ୍ୟଜନ୍ତୁକୁ ଉଦ୍ଧାର କରିବାକୁ ଯାଇଥିବା ଓଡ୍ରାଫ୍ ଟିମ୍ ପ୍ରଶିକ୍ଷିତ ଥିଲେ ନା ନାହିଁ ଏ ବିଷୟରେ ଜାଣିବାକୁ ରାଜ୍ୟ ଆଇନଶୃଙ୍ଖଳା ଏଡିଜି ଆର୍.କେ. ଶର୍ମାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ବର୍ତ୍ତମାନ ଏକ ଖରାପ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟ ହୋଇଛି। ଏ ପର୍ଯ୍ୟନ୍ତ ତଦନ୍ତ ହୋଇନାହିଁ। ହାତୀକୁ ଉଦ୍ଧାର କରିବା କାର୍ଯ୍ୟ ଜଙ୍ଗଲ ବିଭାଗର। ଯେହେତୁ ହାତୀ ପାଣି ଭିତରେ ପଶି ଯାଇଥିଲା ସେଥିଲାଗି ଡିଏଫ୍‌ଓଙ୍କ ଅନୁମତିକ୍ରମେ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଥିଲା। ଓଡ୍ରାଫ୍ ଟିମ୍ ନିଜ ସାଙ୍ଗରେ ୨ ଜଣ ଭିନ୍ନ ପେସାର ବ୍ୟକ୍ତିଙ୍କୁ ସାଙ୍ଗରେ ନେବାର ନିୟମ ରହିଛି ନା ନାହିଁ ସେକଥା ମଧ୍ୟ ତଦନ୍ତ ପରେ କହିବେ ବୋଲି ସେ କହିଛନ୍ତି। ଏତେବଡ଼ ଘଟଣା ସମ୍ପର୍କରେ ରାଜ୍ୟ ପୋଲିସର କୌଣସି ଅଧିକାରୀ ସ୍ପଷ୍ଟ ଉତ୍ତର ନ ରଖିବା ପୋଲିସ ବିଭାଗର ଭୁଲ୍ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ) ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଜେନା କହିଛନ୍ତି, ଉଦ୍ଧାରକାରୀ ଦଳ ବୋଟ୍‌ରେ ଅନ୍ୟ କାହାକୁ ନ ନେବା ପାଇଁ ସ୍ପେଶାଲ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି)ରେ ବ୍ୟବସ୍ଥା ରହିଛି। ବନ୍ୟା, ବାତ୍ୟା ସମୟରେ ଆମେ ଓଡ୍ରାଫ୍ ଟିମ୍‌କୁ ବ୍ୟବହାର କରିଥାଉ। ହାତୀ ଉଦ୍ଧାର ପାଇଁ ଆମେ ଅନୁମତି ଦେଇ ନ ଥିଲୁ। ଡିଏଫ୍‌ଓଙ୍କ ଅନୁରୋଧ କ୍ରମେ ସେମାନେ ଉଦ୍ଧାର ପାଇଁ ଯାଇଥାଇ ପାରନ୍ତି। ତେବେ କେଉଁ ପରିସ୍ଥିତିରେ ସେମାନେ ସାଙ୍ଗରେ ୨ ଜଣ ଖବରଦାତାଙ୍କୁ ନେଲେ ଓ କିଭଳି ଏହି ଦୁର୍ଘଟଣା ଘଟିଲା ସେ ସମ୍ପର୍କରେ ଏଡିଜି ର୍‍ୟାଙ୍କର ଜଣେ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏସ୍‌ଓପି କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭବିଷ୍ୟତରେ ଏସ୍‌ଓପି ଉଲ୍ଲଂଘନ କରିବା କର୍ମଚାରୀ ଓ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜେନା କହିଛନ୍ତି।

ଓଏସ୍‌ଡିଏମ୍‌ଏ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ମିଶ୍ର କହିଛନ୍ତି ଯେ ଉଦ୍ଧାର ପାଇଁ ଯାଉଥିବା ବୋଟ୍‌ରେ କାହାକୁ ସାଙ୍ଗରେ ନେବାର ନିୟମ ନାହିଁ। ଲୋକାଲ ସ୍ତରରେ ସେମାନେ କହି ଯାଇଥିବେ। ଏବେ ଉଦ୍ଧାର ହୋଇଥିବା ଓଡ୍ରାଫ୍ ଟିମ୍ ସଦସ୍ୟଙ୍କ ଜୀବନ ବଞ୍ଚାଇବା ପ୍ରଥମ କାମ। ପରେ ତଦନ୍ତ କରାଯାଇ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବା କଥା ନିଆଯିବ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6850/P.S.C., (1R-13-21-22) (DR-V), dt.24.9.21**

**No. D-150:** In continuation to OPSC Notice No.-6361/PSC, Dt.09.09.2021 & No-6567/PSC, Dt.17.09.2021 it is for information of all concerned that, for recruitment to the post of Assistant Professor, the document verification in the discipline **"Computer Science & Application"** scheduled to be held on 27.09.2021 has now postponed to **11.10.2021** and for the discipline **"Psychology"** document verification is now rescheduled to **22.10.2021** instead of 27.09.2021 as notified earlier. The rescheduling was necessitated owing to unavoidable circumstances.

All other terms & conditions of the previous notice mentioned above remain unchanged.

OIPR-12002/11/0103/2122 **Sd./- Secretary**



**ODISHA PUBLIC SERVICE COMMISSION**
**19, Dr. P.K. Parija Road, Cuttack-753001**
**NOTICE**

**No. 6844/P.S.C., Dt. 24.9.21**

**No. D-149:-** In continuation to this Office Notice No.-6401/PSC, Dt- 13.09.2021, it is for information of all concerned that, the physical verification of original documents and viva voce tst in respect of **36 (Thirty Six)** candidates for recruitment to the post of Odisha Civil Services Examination-2019, pursuant to Advt. No.11 of 2019-20, scheduled to be held on 27.09.2021 has been postponed to **05.10.2021** due to **Bharat Bandh**, as per the programme mentioned below.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Roll Nos. of candidates | Date of Personality Test | Time of Personality Test | Board |
|---|---|---|---|---|
| 1 | 2 | 3 | 4 | 5 |
| 1. | 308632, 308669, 308671, 308755, 308896, 309015, 309261 = 07 candidates | 05.10.2021 | 11.00 A.M. | Board-I |
| | 309475, 309533, 309624, 309626, 309805 = 05 candidates | | 3.00 P.M. | |
| | 310054, 310393, 310441, 310516, 310593, 310737, 310798 = 07 candidates | 05.10.2021 | 11.00 A.M. | Board-II |
| | 311173, 311177, 311290, 311373, 311838 = 05 candidates | | 3.00 P.M. | |
| | 311940, 312120, 312170, 312219, 312293, 312396, 312425 = 07 candidates | 05.10.2021 | 11.00 A.M. | Board-III |
| | 312652, 312766, 312798, 312850, 312927 = 05 candidates | | 3.00 P.M. | |

All other terms and conditions of the previous notice mentioned above remain unchanged.

OIPR-12002/11/0102/2122 **Sd./- Secretary**


## ଅସୁସ୍ଥ ଦନ୍ତାହାତୀ ମୃତ



ବନ୍ତଳା,୨୪।୯(ଡି.ଏନ.ଏ.): ଅନୁଗୋଳ ଜିଲା ବନ୍ତଳା ରେଞ୍ଜ ନୁଖୁରିପଦା ମଉଁଷି ଗୋଠଠାରେ ଶୁକ୍ରବାର ଏକ ଅସୁସ୍ଥ ଦନ୍ତା ହାତୀର ମୃତଦେହ ଜବତ କରାଯାଇଛି। ବନ୍ତଳା ରେଞ୍ଜ ଅଧିକାରୀ ମାଧବ ନାୟକ ଓ ବନକର୍ମଚାରୀମାନେ ମୃତଦେହ ଜବତ କରିଛନ୍ତି। ଦୁଇଦିନ ହେଲା ଉକ୍ତ ହାତୀଟି ଅସୁସ୍ଥ ହୋଇ ଗୋଟିଏ ସ୍ଥାନରେ ଠିଆ ହୋଇ ରହିଥିବାବେଳେ ଗୁରୁବାର ଅପରାହ୍ନରେ ଜଙ୍ଗଲ ମଧକୁ ପଳାଇ ଯାଇଥିଲା। ଶୁଣ୍ଢରୁ ରକ୍ତ ଓ ଫେଣ ବାହାରୁଥିବାରୁ ବିଷାକ୍ତ ମହୁଲ ପୋଚ ଖାଇ ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ସନ୍ଦେହ କରୁଛି। ଶନିବାର ସକାଳେ ପ୍ରାଣୀ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ରେଞ୍ଜ ଅଧିକାରୀ ପ୍ରକାଶ କରିଛନ୍ତି।

## ଜୁଇ ନିଆଁରେ ମୃତକଙ୍କ ୨ ସମ୍ପର୍କୀୟ ପୋଡ଼ିଗଲେ


ପରଜଙ୍ଗ, ୨୪।୯(ଡି.ଏନ୍.ଏ.): ମୃତଦେହ ଦାହ କରାଯାଉଥିବାବେଳେ ଜୁଇରେ ଢାଳିଦେଲେ କିରୋସିନ। ଫଳରେ ହୁତାସନ ହୋଇଉଠିଲା ନିଆଁ। ଆଉ ସେହି ନିଆଁରେ ପୋଡ଼ିଯାଇ ଗୁରୁତର ହୋଇଛନ୍ତି ମୃତକଙ୍କ ୨ ସମ୍ପର୍କୀୟ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଚାନ୍ଦପୁର ପଞ୍ଚାୟତ ବତାସିଂହ ଗ୍ରାମରେ ଶୁକ୍ରବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବୃଦ୍ଧ ଅକ୍ଷୟ ବେହେରାଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ପରେ ଗ୍ରାମବାସୀ ଏବଂ ସମ୍ପର୍କୀୟମାନେ ମରଶରୀରକୁ ଶେଷକୃତ୍ୟ କରିବା ଲାଗି ଶ୍ମଶାନକୁ ନେଇଥିଲେ। ଜୁଇରେ ନିଆଁ ଭଲଭାବେ ନ ଜଳିବାରୁ ମୃତକଙ୍କ ପୁତୁରା କାଳିଆ ବେହେରା ଏବଂ ସମ୍ପର୍କୀୟ ନିତ୍ୟାନନ୍ଦ ବେହେରା କିରୋସିନ ଢାଳିଥିଲେ। ତେବେ କିରୋସିନ ଅଧିକ ଢାଳି ହୋଇଯିବାରୁ ନିଆଁ ଅଣାୟତ୍ତ ହୋଇ ଚାରି ଆଡ଼କୁ ବ୍ୟାପିଯାଇଥିଲା। ଏଥିରେ ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡ଼ି ଯାଇଛି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନିକଟ ସମ୍ପର୍କୀୟଙ୍କ ସୂତ୍ରରୁ ଜଣାପଡ଼ିଛି।




୧୫ ଦଫା ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

# ଦେଶୀ ବନ୍ଧୁକର ଆଡ୍ଡା ଢେଙ୍କାନାଳ

- ଏସ୍‌ଟିଏଫ୍ ଟିମ୍‌ର ଅତର୍କିତ ଚଢ଼ାଉ
- ୧୦ ଦେଶୀ ବନ୍ଧୁକ ଜବତ, ୨ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ଢେଙ୍କାନାଳ ଅଫିସ/ ଭୁବନେଶ୍ୱର(ବ୍ୟୁରୋ), ୨୪।୯

ଚୋରା ଦେଶୀ ବନ୍ଧୁକର ଆଡ୍ଡା ପାଲଟିଛି ଢେଙ୍କାନାଳ। ସଂରକ୍ଷିତ ଜଙ୍ଗଲରେ ଶିକାର କରିବା ହେଉ କିମ୍ବା ଆପରାଧିକ କାର୍ଯ୍ୟକଳାପ, ସବୁଥିରେ ବ୍ୟବହାର ହେଉଛି ହାତତିଆରି ବନ୍ଧୁକ। ଅତି ଶସ୍ତାରେ ମିଳୁ ନ ଥିବାରୁ ଏଠାରୁ ବାହାରକୁ ବେଆଇନ ଭାବେ ଚାଲାଣ ହେଉଛି ଏଭଳି ଘାତକ ହତିଆର। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଶୁକ୍ରବାର ଅତର୍କିତ ଚଢ଼ାଉ କରି ୯ଟି ଦେଶୀ ବନ୍ଧୁକ ଏବଂ ଗୋଟିଏ ଦେଶୀ ରିଭଲଭର ଜବତ କରିଛି। ଏହି ଘଟଣାରେ କଟକ ଜିଲା ଖୁଣ୍ଟଣୀ ଥାନା ଅଧୀନ ରାଧାକ୍ରିଷ୍ଣପୁର ଅଞ୍ଚଳର କାଳିନ୍ଦୀ ନାୟକ ଏବଂ ସଦର ଥାନା ଭାପୁର ଫାଣ୍ଡି ବାଲ୍ୟାମ୍ବା ଅଞ୍ଚଳର ଶ୍ୟାମସୁନ୍ଦର ସିଠ ଗିରଫ ହୋଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ପକ୍ଷରୁ କେସ୍ ନଂ. ୩୩/୨୧, ଦଫା ୨୫ ଓ ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗତ କିଛି ବର୍ଷ ମଧ୍ୟରେ ଚୋରା ଦେଶୀ ବନ୍ଧୁକ କାରବାରର ହବ୍ ପାଲଟିଛି ଢେଙ୍କାନାଳ। ଢେଙ୍କାନାଳ, କାମାକ୍ଷାନଗର ସମେତ ଅନ୍ୟ ଅଞ୍ଚଳରେ ଶସ୍ତା ଏବଂ ସୁବିଧାରେ ଏହା ମିଳିଯାଉଛି। ମାତ୍ର କେଇ ହଜାର ଟଙ୍କା ଦେଇ ଅପରାଧୀ, ଶିକାରୀମାନେ ଏହାକୁ କିଣି ନେଇ ବେଆଇନ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଭାପୁର ଅଞ୍ଚଳରେ ଦେଶୀ ବନ୍ଧୁକ ତିଆରି କରାଯାଇ ବାହାରକୁ ଚାଲାଣ କରାଯାଉଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଉକ୍ତ ବେଆଇନ ବନ୍ଧୁକ ବିଭିନ୍ନ ଆପରାଧିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ଟିମ୍ ବାଲ୍ୟାମ୍ବା ଗ୍ରାମରେ ଚଢ଼ାଉ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ପଚରାଉଚୁରା କରାଯାଉଛି। ସେମାନେ ପୂର୍ବରୁ ଆଉ କେତୋଟି ବନ୍ଧୁକ ତିଆରି କରିଛନ୍ତି, ସେଗୁଡ଼ିକୁ କାହାରିକୁ ବିକ୍ରି କରାଯାଉଛି, ଏହି ବେଆଇନ ବ୍ୟବସାୟରେ ଜିଲା ବାହାର ଅପରାଧୀଙ୍କ ସମ୍ପୃକ୍ତି ଅଛି କି ନାହିଁ, ରାଜ୍ୟ ବାହାରକୁ ବେଆଇନ ବନ୍ଧୁକ ଚାଲାଣ ହେଉଛି କି ନାହିଁ ଏଭଳି ଅନେକ ପ୍ରଶ୍ନର ଉତ୍ତର ଜାଣିବାକୁ ଅଧିକାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ୨୦୨୦ରୁ ଏସ୍‌ଟିଏଫ୍ ପକ୍ଷରୁ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ରୋକିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଅଦ୍ୟାବଧି ୫୬ ବନ୍ଧୁକ ଏବଂ ୯୧ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।


DSPL-151

**ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଏ ଆର (AR) ସିରିଜ୍**

**ବିଶେଷ ସୂଚନା**

ଓଡିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ଏ ଆର (AR) ସିରିଜ୍ ର କୁପନ୍ ସଂଗ୍ରହ କରିଥିବା ସ୍ୱଳ୍ପ ସଞ୍ଚୟ ଜମାକାରୀ ମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅନିବାର୍ଯ୍ୟ କାରଣବଶତଃ, ଏହି ଯୋଜନାର ଉଠାଣ ତା ୨୬/୦୯/୨୦୨୧ ରିଖ ପରିବର୍ତ୍ତେ ତା ୨୭/୧୦/୨୦୨୧ ରିଖ ଅପରାହ୍ନ ୩ ଘଟିକା ୩୦ ମିନିଟ ସମୟରେ ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡିଶା ସରକାର

OIPR-05001/13/0004/2122



ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

ନୟାପଲ୍ଲୀ ଶାଖା
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ରେବତୀ ନାୟକ, ସ୍ୱାମୀ: ଶ୍ରୀ ଶତ୍ରୁଘନ ନାୟକ, ୨) ଶ୍ରୀ ଶତ୍ରୁଘନ ନାୟକ, ୩) ଶ୍ରୀ ସୁବ୍ରତ କୁମାର ନାୟକ, ସମସ୍ତଙ୍କ ଠିକଣା- ସା: ଭିରଙ୍ଗ, ପୋ.: କୃଷ୍ଣଚନ୍ଦ୍ରପୁର, ଥାନା: ଏରସମା, ଜିଲ୍ଲା: ଜଗତ୍‌ସିଂହପୁର-୭୫୪୧୩୯ | ଟ. ୧୮,୫୩,୦୯୯/- + ସେବାବଦ ସୁଧ | ୨୯.୦୬.୨୦୧୮/ ୨୨.୦୯.୨୦୨୧ | ଶ୍ରୀମତୀ ରେବତୀ ନାୟକ ଏବଂ ଶ୍ରୀ ଶତ୍ରୁଘନ ନାୟକଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୧୭, ଖାତା ନଂ.: ୨୩୧/୩୬୦, କ୍ଷେତ୍ର: ୧୪୫୦ ବର୍ଗଫୁଟ, ସବ୍ ପ୍ଲଟ୍ ନଂ.: ୩, ମୌଜା: ବୋଡଣ୍ଡା, ଥାନା: ଏୟାରଫିଲ୍ଡ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା |
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁମିତ୍ରା ଦଳପତି, ସ୍ୱାମୀ: ଶ୍ରୀ ଜୟରାମ ପାଙ୍ଗି, ୨) ଶ୍ରୀ ଜୟରାମ ପାଙ୍ଗି, ପିତା: ଶ୍ରୀ ମସୁରି ଶାନ୍ତ ପାଙ୍ଗି, ଉଭୟଙ୍କ ଠିକଣା-୧: ସା: ହାଟପଡା, ପୋ.: କୁନ୍ଦଲି, ଭାୟା: ସେମିଳିଗୁଡା, ଜିଲ୍ଲା: କୋରାପୁଟ-୭୬୪୦୦୧, ଠିକଣା-୨: ଫ୍ଲାଟ୍ ନଂ.: ୯-୬-୬୮, ୪୦୨, ଆନନ୍ଦ ରେସିଡେନ୍ସି, ଶିବାଜୀ ପାଲେମ, ବିଶାଖାପାଟନମ-୫୩୦୦୧୭ (ଏପି) | ଟ.୩୪,୯୨,୬୭୧.୪୫ + ସେବାବଦ ସୁଧ | ୧୨.୦୪.୨୦୨୧/ ୨୨.୦୯.୨୦୨୧ | ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ବି, ତଳ ମହଲା, କମଳା ବିଜୟ ନିବାସ, ପ୍ଲଟ୍ ନଂ.: ୧୧୩/୨୫୨୩/୩୩୧୮, ଖାତା ନଂ.: ୧୧୩୩/୩୦୨୯, କ୍ଷେତ୍ର: ଏକର୦.୦୦୩ଡିସିମିଲି, ଜାଗମରା, ୟୁନିଟ୍-୨୦, ମୌଜା: ଭୁବନେଶ୍ୱର ସହର, ଏସ୍‌ଆର୍: ଖଣ୍ଡଗିରି, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୪.୦୯.୨୦୨୧ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

ଗୋଟିଏ ସ୍ଥାନରେ ମାଟି ଗଦା କରିବା ଅର୍ଥ ଅନ୍ୟସ୍ଥାନରେ ମାଟି ଖୋଳି ଗାତ ତିଆରି କରିବା। ଠିକ୍ ସେହିପରି ଜଣକର ବିଳାସ ବ୍ୟସନ ଅନ୍ୟ କେତେକଙ୍କର ଦାରିଦ୍ର୍ୟର କାରଣ ହୋଇଥାଏ। -ଶ୍ରୀମା



# ମୁଣ୍ଡ ନୁଆଁଇଲେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନ୍ୟାଶ୍‌ନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ଏବଂ ନ୍ୟାଶ୍‌ନାଲ କମ୍ପାନୀ ଲ'ଆପିଲେଟ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି)ର ସଦସ୍ୟ ପଦ ପୂରଣ କରିବାରେ କେନ୍ଦ୍ର ସରକାରଙ୍କ ବିଳମ୍ବିତ କାର୍ଯ୍ୟଧାରାକୁ ନେଇ ସୁପ୍ରିମ୍‌କୋର୍ଟ (ଏସ୍‌ସି) ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁଇ ସଂସ୍ଥାରେ ପଦ ଖାଲି ରହିବା ଦ୍ୱାରା ଆଇନଗତ କାର୍ଯ୍ୟଧାରା ଦେବାଳିଆ ସ୍ଥିତିକୁ ଚାଲିଯାଇଛି ଏବଂ ଅତ୍ୟଧିକ ପିଛିଲା ମାମଲା ବିଚାର ନ ହୋଇ ପଡ଼ିରହିଛି। ଏନ୍‌ସିଏଲ୍‌ଟିର ନିର୍ଦ୍ଧାରିତ ସଦସ୍ୟ ସଂଖ୍ୟା ୬୩ ଥିବାବେଳେ ଏବେ ରହିଛନ୍ତି ୩୦ ସଦସ୍ୟ। ସେହିଭଳି ଏନ୍‌ସିଏଲ୍‌ଏଟିରେ ୧୧ ସଦସ୍ୟ ରହିବାର ପ୍ରାବଧାନ ଥିବାବେଳେ ଏବେ ଏହା ୮ ସଦସ୍ୟରେ ଚାଲିଛି। ପୁନଶ୍ଚ ଚଳିତ ବର୍ଷ ବହୁସମୟ ଉଭୟ ଟ୍ରିବ୍ୟୁନାଲ ବିନା ଫୁଲ୍‌ଟାଇମ୍ ଅଧ୍ୟକ୍ଷରେ ଚାଲିଛି। ସଦସ୍ୟ ନିଯୁକ୍ତିରେ ବିଳମ୍ବ ଯୋଗୁ ଏସ୍‌ସି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ଦ୍ୱାରା ଏହା ତରବରିଆ ଭାବେ ଏନ୍‌ସିଏଲ୍‌ଟିରେ ୧୮ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦେବା ଲାଗି ଘୋଷଣା କରିଦେଲେ। ଏହାସହ ସରକାର ମଧ୍ୟ ଏନ୍‌ସିଏଲ୍‌ଏଟି ପାଇଁ ଜଣେ କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଦେଲେ। ସରକାର ଭାବିଥିଲେ ଯେ, ଏସ୍‌ସି କୋହଳ ମନୋଭାବ ପୋଷଣ କରିବେ। କିନ୍ତୁ ତାହା ହେଲା ନାହିଁ। କେନ୍ଦ୍ର ସରକାରଙ୍କ ପାଇଁ ଦୁର୍ଭାଗ୍ୟ ଯେ, ଏହି ଘଟଣାରେ ଏଯାବତ କୋର୍ଟଙ୍କ ଉଦ୍ଦେଶ୍ୟ ଅପରିବର୍ତ୍ତିତ ରହିଛି। ଏସବୁ ନିଯୁକ୍ତି ଉପରେ ମୁଖ୍ୟ ବିଚାରପତି ଏନ.ଭି.ରମନା ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ,ସିଲେକ୍‌ସନ କମିଟି ଦ୍ୱାରା ସୁପାରିସ୍ କରାଯାଇଥିବା ପ୍ରାର୍ଥୀଙ୍କୁ ସରକାର ଅଣଦେଖା କରିଛନ୍ତି। ଏବେ ସରକାର ଦୁଇ ସପ୍ତାହ ମଧ୍ୟରେ ଏହିସବୁ ନିଯୁକ୍ତିର ପୁନର୍ବିଚାର କରିବାକୁ ରାଜି ହୋଇଛନ୍ତି। ଅନ୍ୟପକ୍ଷରେ ଏନ୍‌ସିଏଲ୍‌ଏଟି କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ଅଶୋକ ଇକ୍‌ବାଲ ସିଂ ଚିମାଙ୍କ କାର୍ଯ୍ୟକାଳ ପୂରଣ ହେବାର ଅଳ୍ପଦିନ ପୂର୍ବରୁ ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ନିଯୁକ୍ତି ଦେବା ଘଟଣାରେ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ପ୍ରକାଶ କରିବାରୁ ସରକାର ଜଷ୍ଟିସ୍ ଚିମାଙ୍କୁ ପୁନଃ ଅବସ୍ଥାପିତ କରିବାକୁ ବାଧ୍ୟ ହୋଇଥିଲେ। ଏହିସବୁ ଘଟଣାରେ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ଦ୍ୱାରା କେନ୍ଦ୍ର ସରକାର ମୁଣ୍ଡ ନୁଆଁଇବାକୁ ବା ସ୍ୱୀକାର କରିବାକୁ ବଧ୍ୟ ହୋଇଛନ୍ତି।

## ଦରକାରୀ ବାବୁ

ତୁମର ଆବଶ୍ୟକତା ଅନ୍ୟ ପାଇଁ ଅପରିହାର୍ଯ୍ୟ–ଏଭଳି ସ୍ଥିତି ଯଦି ସୃଷ୍ଟି କରିପାରିବ ତେବେ ଅବସର ବୟସ ତୁମ ପାଇଁ ଏକ ସଂଖ୍ୟା ହୋଇଯିବ। ଅବସର ପରେ ପୁଣି କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିବ। ଏହାକୁ ଭଲ ଭାବେ ଅନୁଭବ କରିଛନ୍ତି ଗୁଜରାଟ କ୍ୟାଡର୍ ଆଇଏଏସ୍ ଅଧିକାରୀ କେ.କୈଳାସନାଥନ୍। ୧୯୭୯ ବ୍ୟାଚ୍‌ର ଅଧିକାରୀ କୈଳାସନାଥନ ୨୦୧୩ରେ ଅବସର ନେବା ପରେ ସେବେଠାରୁ ସେ ଗୁଜରାଟ ମୁଖ୍ୟମନ୍ତ୍ରୀମାନଙ୍କର ଚିଫ୍ ପ୍ରିନ୍‌ସିପାଲ ସେକ୍ରେଟାରି ଭାବେ କାର୍ଯ୍ୟ କରି ଆସୁଛନ୍ତି। ୨୦୧୩ରୁ ବହୁ ମୁଖ୍ୟମନ୍ତ୍ରୀ ଆସିଛନ୍ତି ଆଉ ଯାଇଛନ୍ତି, କିନ୍ତୁ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସେମିତି ରହିଛନ୍ତି। ନିକଟରେ ଗୁଜରାଟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଭୂପେନ୍ଦ୍ର ପଟେଲ ଶପଥ ନେବା ପରେ ସେ ପୁଣି କୈଳାସନାଥନଙ୍କ ଚୁକ୍ତି ଭିତ୍ତିକ ନିଯୁକ୍ତିକୁ ନବୀକରଣ କରିଛନ୍ତି। କୈଳାସନାଥନ୍ ନିଜକୁ ଦକ୍ଷ ତଥା ଅତି ଦରକାରୀ ବାବୁ ଭାବେ ପ୍ରତିପାଦିତ କରିଥିବାରୁ ଯେ କେହି ଗୁଜରାଟର ମୁଖ୍ୟମନ୍ତ୍ରୀ ହୁଅନ୍ତୁନା କାହିଁକି, ତାଙ୍କ ବଦଳରେ ଆଉ କାହାକୁ ଅବସ୍ଥାପିତ କରିବାକୁ ଚାହୁଁନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ଅନନ୍ଦି ବେନ ପଟେଲ, ବିଜୟ ରୂପାନି ଏବଂ ଏବକାର ମୁଖ୍ୟମନ୍ତ୍ରୀ ପଟେଲଙ୍କ ସହ ସେ ରହି ଆସିଛନ୍ତି। ଯେ ପର୍ଯ୍ୟନ୍ତ ସରକାରରେ କିଛି ବାବୁ କୈଳାସନାଥନଙ୍କ ଏଭଳି ଅସାଧାରଣ ଦୀର୍ଘମିଆଦୀ କାର୍ଯ୍ୟକାଳ ସମ୍ପର୍କିତ ରହସ୍ୟ ଉଦ୍‌ଘାଟନ ନ କରିଛନ୍ତି, ସେ ଯାଏ ଅନେକ ଦ୍ୱନ୍ଦ୍ୱରେ ରହିବେ।

## କ୍ଷୀଣ ଆଶା

କେନ୍ଦ୍ର ଓ ବହୁ ରାଜ୍ୟରେ ବାବୁ ସଙ୍କଟ ଦେଖାଦେଇଛି। ଯଦି ସରକାର ଏହା ଉପରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଏହା ଏକ ମହାସଙ୍କଟର ରୂପ ନେବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ଅନ୍ୟ ବିଭାଗରେ ୧୩ଟି ସଚିବ ସ୍ତରୀୟ ପଦବୀ ଖାଲି ପଡ଼ିଛି। କାର୍ଯ୍ୟରତ ସଚିବମାନଙ୍କ ମଧ୍ୟରୁ ଏହି ମାସ ଶେଷସୁଦ୍ଧା ୭ ଜଣ ଅବସର ନେବାକୁ ଯାଉଛନ୍ତି। ଏଣୁ ଖାଲି ପଦବୀ ସଂଖ୍ୟା ୨୦କୁ ବଢ଼ିଯିବ ! ଶୀର୍ଷ ସ୍ତରରେ ଏତେ ସଂଖ୍ୟକ ପଦବୀ ଖାଲି ରହିବାରୁ ବୁଝାପଡ଼େ ଯେ, ଯଦି ଏଭଳି ସ୍ଥିତି ଦୂରେଇବା ଦାୟିତ୍ୱ କ୍ୟାବିନେଟ ସଚିବ ରାଜୀବ ଗୌବା ଏବଂ ବ୍ୟକ୍ତିଗତ ସଚିବ ଦୀପକ ଦାଣ୍ଡେକରଙ୍କ ଉପରେ ରହେ ତେବେ ସେମାନେ ଅତ୍ୟନ୍ତ ଚାପରେ ରହିବେ। ସୂତ୍ରରୁ ଜଣାପଡ଼ିଛି ଯେ, ଅତି କମ୍‌ରେ ୧୧ ଜଣ ସଚିବ ଦ୍ୱୈତ ଦାୟିତ୍ୱ ସମ୍ଭାଳୁଛନ୍ତି ଏବଂ ଜଣେ ତିନୋଟି ପଦବୀର କାର୍ଯ୍ୟଭାର ମୁଣ୍ଡକୁ ନେଇଛନ୍ତି। ପ୍ରଶାସନିକ ସଂସ୍କାର ବିଭାଗର ସଚିବ ଏସ୍.କେ.ସିଂ ମଧ୍ୟ ପେନ୍‌ସନ ବିଭାଗ ଓ ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟର ଦେଖାରଖା କରୁଛନ୍ତି। ଅନ୍ୟପକ୍ଷରେ ନୂଆ ଗଢ଼ାଯାଇଥିବା ସହଯୋଗ ମନ୍ତ୍ରଣାଳୟ ଏବେସୁଦ୍ଧା ତା'ର ପ୍ରଥମ ସଚିବ ପାଇବା ଅପେକ୍ଷାରେ ରହିଛି। କୌତୂହଳର କଥା, ଖାଲି ପଦବୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଫେବୃୟାରୀରେ ସଚିବ ସ୍ତରୀୟ ପଦରେ ନିଯୁକ୍ତି ପାଇଁ ତାଲିକାଭୁକ୍ତ ୧୯୮୯ ବ୍ୟାଚ୍‌ର ବହୁ ଅଧିକାରୀ ଏହିସବୁ ଖାଲି ପଦବୀରେ ନିଯୁକ୍ତି ପାଇବେ ବୋଲି ଅଶା ବାନ୍ଧି ବସିଛନ୍ତି। ଏହି ସବୁ ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସରକାର ନିଷ୍ପତ୍ତି ନେବାର ବିଳମ୍ବ ସେମାନଙ୍କ ପାଇଁ ଅତ୍ୟଧିକ ଯନ୍ତ୍ରଣାଦାୟକ ହୋଇଛି। ଯଦି ଏହିସବୁ ଖାଲିପଦବୀରେ ନିଯୁକ୍ତି ଦେବାରେ ବିଳମ୍ବ ହୁଏ, ତେବେ ପଦୋନ୍ନତି ପାଇବାକୁ ଥିବା ବାବୁମାନଙ୍କ ଆଶା ମଧ୍ୟ ମଉଳିଯିବ।

Email: dilipcherian@gmail.com

# ବିରୋଧୀଙ୍କ ଭୂମିକା ଓ ସ୍ଥିତି



ଅନିଲ କୁମାର ବିଶ୍ୱାଳ

ଶାସକ ଏବଂ ବିରୋଧୀ ହେଉଛନ୍ତି ଗଣତନ୍ତ୍ର ବ୍ୟବସ୍ଥାରେ ଲୋକମାନଙ୍କର ଦୁଇ ଆଖି ଭଳି। ଯଦିଓ ବିଧାନସଭା ବା ଲୋକ ସଭାରେ ଯେଉଁ ବିରୋଧୀ ରାଜନୈତିକ ଦଳ ଦ୍ୱିତୀୟ ସର୍ବାଧିକ ଆସନ ପାଇଥାଏ ତାକୁ ବିରୋଧୀ ଦଳର ମାନ୍ୟତା ମିଳେ କିନ୍ତୁ ଏହା ଅନ୍ୟ ବିରୋଧୀ ଦଳମାନଙ୍କର ଭୂମିକା ଏବଂ ଉତ୍ତରଦାୟିତ୍ୱକୁ କମ୍ କରେନି। ଦେଖିବାକୁ ଗଲେ ସମସ୍ତ ବିରୋଧୀ ଦଳର ଭୂମିକା ସମାନ। ବିରୋଧୀ ଦଳମାନଙ୍କର ମୁଖ୍ୟ ଭୂମିକା ହେଉଛି ସରକାରଙ୍କୁ ପ୍ରଶ୍ନ କରିବା ଏବଂ ସେମାନଙ୍କୁ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ କରାଇବା। ସରକାରଙ୍କର ଦୋଷ ତ୍ରୁଟିକୁ ସୁଧାରିବାରେ ଓ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ଦିଗରେ ବିରୋଧୀ ଦଳମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏକ ଆଦର୍ଶ ରାଜନୈତିକ ବ୍ୟବସ୍ଥାରେ ଲୋକମାନଙ୍କ ପାଖରେ ସରକାରୀ ଦଳ ଯେତିକି ଉତ୍ତରଦାୟୀ ବିରୋଧୀ ଦଳଗୁଡ଼ିକ ମଧ୍ୟ ସେତିକି ପରିମାଣର ଉତ୍ତରଦାୟୀ। ସଂସଦ କି ବିଧାନସଭାରେ ହେଉ ବା ବାହାରେ ବିରୋଧୀମାନେ ସବୁବେଳେ ସେମାନଙ୍କର ଉପସ୍ଥିତି ରଖିବା ଦରକାର। ନ ହେଲେ ସରକାର ମନମୋଟିଆ, ଏକଛତ୍ରବାଦୀ ହୋଇଯିବେ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟତମ ଜଣାଶୁଣା ବ୍ୟାଖ୍ୟାକାର ତଥା ନ୍ୟୁଜିଲାଣ୍ଡର ନେତା ଡନ୍ ବ୍ରାଶଙ୍କ ଭାଷାରେ, 'ବିରୋଧୀ ଦଳର ଅର୍ଥ ହେଉଛି ବିକଳ୍ପ ସରକାର'।

ରାଜତନ୍ତ୍ର ଗଲା ଗଣତନ୍ତ୍ର ଆସିଲା। ଗଣତନ୍ତ୍ର ଆଉ ରାଜତନ୍ତ୍ର ବ୍ୟବସ୍ଥା ଭିତରେ ଫରକ ହେଉଛି, ରାଜତନ୍ତ୍ର ବ୍ୟବସ୍ଥାରେ ବିରୋଧର ପ୍ରଶ୍ନ ନ ଥିଲା। କିନ୍ତୁ ଗଣତନ୍ତ୍ରରେ ଲୋକମାନେ ଶାସକଙ୍କୁ ବିରୋଧ କରିପାରିବେ, ପ୍ରଶ୍ନ ପଚାରିପାରିବେ। ଲୋକଙ୍କ ସ୍ୱରକୁ ଏକ ଚିତ୍ର ମାନ ସ୍ୱରୂପ ଦେବା ହେଉଛି ବିରୋଧୀ ରାଜନୈତିକ ବ୍ୟବସ୍ଥାର କାମ। ସରକାରଙ୍କୁ ଗଠନମୂଳକ ସମାଲୋଚନା, ଶାସକ ଦଳର ଅବାଧତା ଉପରେ ପ୍ରତିବନ୍ଧକ ଲଗାଇବା, ଲୋକଙ୍କର ସ୍ୱାଧୀନତା ଓ ଅଧିକାରକୁ ସୁନିଶ୍ଚିତ କରିବା, ଜନତାଙ୍କର ମତକୁ ସରକାରଙ୍କ ପାଖରେ ରଖିବା ହେଉଛି ବିରୋଧୀ ଦଳମାନଙ୍କର କାମ। ହେଲେ ତାହା ହେଉଛି କି? ବ୍ୟବସ୍ଥାରେ ବିରୋଧୀ ଦଳମାନଙ୍କର ଯେଉଁ ତତ୍ତ୍ୱଗତ ଆବଶ୍ୟକତା ରହିଛି ତାହା ସେମାନେ ନିଭାଇ ପାରୁଛନ୍ତି କି ? ବିରୋଧୀମାନେ ଯଦି କେବଳ ନିର୍ବାଚନ ଆସିଲା ବେଳକୁ ସଜବାଜ ହୋଇ ସେହି ସମୟରେ ବିଭିନ୍ନ ରାଜନୈତିକ ବୟାନ କରି ଲୋକଙ୍କ ନଜରକୁ ନିଜ ଆଡକୁ ଟାଣିବା ଲକ୍ଷ୍ୟରେ ରହିବେ, ବାକିସମୟରେ ନିଜର ଭୂମିକାକୁ ଗୌଣ କରିରଖିବେ ତା'ହେଲେ ଏହା ଭଲ କି? ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଲାଗୁଛି ସରକାରଙ୍କୁ ଗଠନମୂଳକ ସମାଲୋଚନା ଓ ପ୍ରସ୍ତାବ କମ୍ ରହୁଛି। ବିଭିନ୍ନ ଅଯଥା ପ୍ରସଙ୍ଗ, ଯେପରିକି ବ୍ୟକ୍ତିଗତ ରାଜନୈତିକ ବିରୋଧ, ବ୍ୟକ୍ତିଗତ ବିଚାରଗତ ବିରୋଧ (ଯାହାର ଲୋକମାନଙ୍କର ସାମାଜିକ ଜୀବନ ସହିତ କୌଣସି ସମ୍ପର୍କ ନାହିଁ) ବେଶି ହେଉଛି। ଏହା କେବଳ କେଉଁ ଏକ ରାଜ୍ୟର ଅବସ୍ଥା ନୁହେଁ ବରଂ ସମସ୍ତ ରାଜ୍ୟ ଓ କେନ୍ଦ୍ରୀୟ ରାଜନୀତିରେ ଏପରି ଲକ୍ଷଣ ଦେଖିବାକୁ ମିଳୁଛି। ଓଡ଼ିଶାରେ ତ ସରକାରଙ୍କୁ କେବେ କେଉଁ ବିକାଶମୂଳକ ବିଷୟରେ ବିରୋଧୀମାନେ ଗଠନମୂଳକ ଉପଦେଶ ଦେବା ବିରଳ।

ବିରୋଧୀମାନେ ବିଭିନ୍ନ ସମସ୍ୟା ଉପରେ ଅଧ୍ୟୟନ କରି ନିଜର ମତ ସରକାର ଓ ଲୋକଙ୍କ ପାଖରେ ରଖିବା କଥା, ସରକାରଙ୍କ ନୀତିକୁ ତର୍ଜମା କରିବା କଥା। ଏଠି ତ ସମସ୍ୟାକୁ ବିରୋଧୀ ଦଳମାନେ ଚିହ୍ନି ପାରୁନାହାନ୍ତି, ସରକାରଙ୍କର ନୀତି ଯେତେବେଳେ ଲାଗୁ ହେଉଛି ବିରୋଧୀମାନେ ଜାଣିପାରୁନାହାନ୍ତି। ସେହି ନିୟମ କାର୍ଯ୍ୟକାରୀ ହେଲା ପରେ ଯେତେବେଳେ ଲୋକେ ଅସୁବିଧା ଭୋଗୁଛନ୍ତି ସେତେବେଳେ ଯାଇ ବିରୋଧୀ ଦଳମାନେ ନିଦରୁ ଉଠୁଛନ୍ତି। ବିରୋଧୀ ଦଳମାନଙ୍କ ପାଖରୁ ଯେଉଁ ଚତୁରତା ଆଶା କରାଯାଏ ତାହା ଦେଖିବାକୁ ମିଳୁନାହିଁ। ବେଳେବେଳେ ଅନୁଭବ ହୁଏ ଯେ ଭାରତୀୟ ରାଜନୀତିରେ (ଉଭୟ କେନ୍ଦ୍ର ଓ ରାଜ୍ୟ) ଯଦି ଗଣମାଧ୍ୟମ କି ଅଦାଲତମାନ ନ ଥାନ୍ତା ତା'ହେଲେ ଲୋକମାନେ ସେମାନଙ୍କର କଥା କାହାକୁ କହିଥାନ୍ତେ ?

ଏବେ କିଛି ଦିନ ତଳେ ଓଡ଼ିଶାରେ ବିଧାନସଭା ଓ କେନ୍ଦ୍ରରେ ସଂସଦ ଚାଲିଥିଲା। ସଂସଦର ପୂରା ଅଧିବେଶନ ବିନା ଆଲୋଚନାରେ ଧୋଇଗଲା ଗୋଟିଏ ପ୍ରସଙ୍ଗକୁ ନେଇ, ତାହା ହେଉଛି, 'ପେଗାସସ୍'। ଏ କଥା ଆମକୁ ସ୍ୱୀକାର କରିବାକୁ ହେବ ଯେ ପେଗାସସ୍ ବିଷୟ ଲୋକଙ୍କର ମୌଳିକ ସମସ୍ୟା ନୁହେଁ। ଯଦି ଏହା ଲୋକଙ୍କର ମୌଳିକ ସମସ୍ୟା ହୋଇଥାନ୍ତା ତା'ହେଲେ କାହିଁକି ଯେମିତି ସଂସଦର ଅଧିବେଶନ ସରିଛି ସେମିତି ପେଗାସସ୍ ପ୍ରସଙ୍ଗ ବି ଉଭେଇ ଯାଇଥାନ୍ତା ? ପେଗାସସ୍‌ରେ ବଡ଼ ବଡ଼ିଆଙ୍କର ଫୋନ୍ ଟ୍ୟାପ ହୋଇଛି। ଏହା ହେଉଛି କିଛି ରାଜନେତାଙ୍କର ବ୍ୟକ୍ତିଗତ ମାମଲା ଭଳି। କାରଣ ବିରୋଧୀଙ୍କର ଅଭିଯୋଗ ହେଲା ଯେ ସରକାର ସେହି ପେଗାସସ୍ ମାଧ୍ୟମରେ ବିରୋଧୀ ରାଜନୈତିକ ନେତାମାନଙ୍କର ଫୋନ୍ ଟ୍ୟାପିଙ୍ଗ କରୁଛନ୍ତି। ହେଲେ ବିରୋଧୀ ଦଳମାନେ ନିଜର ବ୍ୟକ୍ତିଗତ ମାମଲାକୁ ଲୋକଙ୍କର ବିଷୟ ବୋଲି ଦେଖାଇ ସଂସଦକୁ ପୂରା ଅଚଳ କରିଦେଲେ। ସଂସଦରେ ସେହି ଅଧିବେଶନରେ ଆସୁଥିବା ବିଧେୟକ, ସାମ୍ପ୍ରତିକ ସମସ୍ୟା, ସାଧାରଣ ଲୋକଙ୍କର ଦାବି ଉପରେ ଆଲୋଚନା ପ୍ରାଥମିକତାରେ ହେବା କଥା। ଏହା ପରେ ଆଉ ସବୁ ସମସ୍ୟାକୁ ବିରୋଧୀମାନେ ଉଠାଇଲେ କିଛି ଆପତ୍ତି ନାହିଁ। ହେଲେ ତାହା ନ କରି ବିରୋଧୀମାନେ ନିଜର ଫୋନ୍ ଟ୍ୟାପିଙ୍ଗକୁ ନେଇ ଗୃହକୁ ଅଚଳ କରିଲେ, ଯାହାଫଳରେ କିଛି ବିଧେୟକ ବିନା ଆଲୋଚନାରେ ପାରିତ ହେଲା। କ୍ଷତି ଜନତାଙ୍କର ଘଟିଲା। ସେଥିପାଇଁ ସେମାନେ ହାଇକୋର୍ଟ, ସୁପ୍ରିମକୋର୍ଟ ଯାଇପାରିଥାନ୍ତେ। ସଂସଦ ଯେ ଲୋକଙ୍କ ପାଇଁ ବସେ ତାହା ସେମାନେ ଭୁଲିଗଲେ। ଏମିତିରେ ଫୋନ୍ ଟ୍ୟାପିଙ୍ଗର ଇତିହାସ ଦେଶରେ ପୁରୁଣା।

ଓଡ଼ିଶା ବିଧାନସଭାରେ ବି ସମାନ ଅବସ୍ଥା। ଦୁଇଟି ଯାକ ବିରୋଧୀ ଦଳ ଉଭୟ କଂଗ୍ରେସ ଓ ଭାଜପା ଭିତରେ କଳି କାରଣରୁ ଶାସକ ଦଳ ସବୁବେଳେ ଫାଇଦାରେ। ଗୋଟିଏ ଦଳ ଆଇନଶୃଙ୍ଖଳାରେ ମୁଲତବୀ ଆଲୋଚନା ଆଣିଲା ବେଳକୁ ଅନ୍ୟ ଦଳଟି ନିଯୁକ୍ତିକୁ ନେଇ ଗୃହ ଅଚଳ କରିଦେଉଛି। ପରଦିନ ପୂର୍ବ ଦିନ ହଟ୍ଟଗୋଳ କରୁଥିବା ଦଳ ଚାଷୀଙ୍କ ସମସ୍ୟାକୁ ନେଇ ମୁଲତବୀ ଆଲୋଚନା ଆଣିଲା ବେଳେ ଅନ୍ୟ ଦଳଟି ଯିଏ ପୂର୍ବଦିନ ମୁଲତବୀ ଆଣିଥିଲା ସେମାନେ ଦୁର୍ନୀତି ପ୍ରସଙ୍ଗରେ ହଟ୍ଟଗୋଳ କରି ଗୃହ ବନ୍ଦ କରୁଛନ୍ତି। ଏହାକୁ ରାଜନୈତିକ ଦୃଷ୍ଟିରୁ କ'ଣ କୁହାଯିବ ତାହା ଭିନ୍ନ କଥା କିନ୍ତୁ ବାସ୍ତବରେ କ୍ଷତି ଲୋକମାନଙ୍କର ହେଉଛି। ବିରୋଧୀ ଦଳମାନଙ୍କର ରାଜନୈତିକ ଅହଙ୍କାର ଆଗରେ ଲୋକଙ୍କର ସ୍ୱାର୍ଥ ନ୍ୟୂନ ହୋଇଯାଉଛି। ଗୃହ ନ ଚାଲିବା କାରଣରୁ ସରକାରଙ୍କୁ ମଧ ଲାଭ ହେଉଛି। ଏକ ସଂସ୍ଥାର ରିପୋର୍ଟ ଅନୁସାରେ ଉଭୟ ସଂସଦ ଏବଂ ବିଭିନ୍ନ ରାଜ୍ୟର ବିଧାନସଭାରେ ପାସ୍ ହେଉଥିବା ବିଧେୟକଗୁଡ଼ିକର ଆଲୋଚନା ସମୟ ହାରାହାରି ଭାବରେ ମାତ୍ର ୫ରୁ ୭ ମିନିଟ୍ ତାହା ପୁଣି ଅଧିକାଂଶ ଶାସକ ଦଳର ସଦସ୍ୟମାନଙ୍କର ଆଲୋଚନାରେ। ତା'ହେଲେ ବିରୋଧୀମାନେ ସେମାନଙ୍କର ଭୂମିକା ତୁଲାଇପାରିଲେ କି ନାହିଁ ଏହା ଉପରେ ତର୍ଜମା କରିବାର ଆବଶ୍ୟକତା ରହିନାହିଁ କି?

ଏବେ ଆସିବା ଗୃହ ବାହାରେ ହେଉଥିବା ରାଜନୀତିକୁ। ଯଦିଓ ସରକାରଙ୍କୁ ଘେରିବା ପାଇଁ ମାଳମାଳ ପ୍ରସଙ୍ଗ ରହିଛି ତଥାପି ବିରୋଧୀ ଦଳଗୁଡ଼ିକ ପ୍ରସଙ୍ଗ ନ ପାଇଲା ଭଳି ଅନୁଭବ ହେଉଛି। ଆଗରୁ କୌଣସି ବଡ଼ ପ୍ରସଙ୍ଗରେ ରାଜନୈତିକ ମହଲରୁ ଖବର ଯାଉଥିଲା ଗଣମାଧ୍ୟମକୁ। ଏବେ ଓଲଟା ହେଉଛି। ଗଣମାଧ୍ୟମରେ ଖବର ବାହାରିଲା ପରେ ବିରୋଧୀଙ୍କର ଚେତା ଫିରୁଛି ବା ସେହି ପ୍ରସଙ୍ଗ ବିଷୟରେ ସେମାନେ ଜାଣିପାରୁଛନ୍ତି। ଓଡ଼ିଶାରେ ଏହାର ମାତ୍ରା ସର୍ବାଧିକ। ଗଣମାଧ୍ୟମରୁ ହିଁ ବିରୋଧୀମାନେ ଲୋକଙ୍କର ସମସ୍ୟା ବା ସରକାରଙ୍କର ଦୋଷ, ଦୁର୍ନୀତି ବିଷୟରେ ଜାଣିପାରୁଛନ୍ତି। ଜାଣିଲା ପରେ କ'ଣ ହେଉଛି। ଟୁଇଟ୍ ଆଉ ବାଇଟ୍ (ସାମାଜିକ ଗଣମାଧ୍ୟମରେ ଦୁଇ ଧାଡ଼ି, ଟିଭି କ୍ୟାମେରା ଆଗରେ ଦୁଇ ପଦ) ପ୍ରତିକ୍ରିୟାରେ ପୂରା ଦାୟିତ୍ୱ ସରୁଛି। ବେଳେବେଳେ ଲାଗେ ଯଦି ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀ କରିବାର ବ୍ୟବସ୍ଥା ନ ଥାନ୍ତା ତାହେଲେ ହୁଏତ ବିରୋଧୀ ଦଳମାନେ ହଜିଯାଆନ୍ତେ। ଓଡ଼ିଶାରେ ଅନେକ ବର୍ଷ ହେଲାଣି କେବେ ଦେଖାଯାଇନି ଯେ ବିରୋଧୀମାନେ କୌଣସି ପ୍ରସଙ୍ଗରେ ଲଢ଼େଇକୁ ଶେଷ ନିର୍ଣ୍ଣାୟକ ମୋଡକୁ ନେଇଯିବାର। ଅନେକ ପ୍ରସଙ୍ଗରେ ଯେପରି ବୌଦ୍ଧିକ ପରିଶ୍ରମର ଆବଶ୍ୟକତା ରହିଛି ତାହା ବି ହେଉନାହିଁ। ଏପରି ସ୍ଥିତିରେ ଲୋକମାନେ ଯେଉଁ ଆଶା ବିରୋଧୀ ଦଳମାନଙ୍କଠାରୁ ରଖିବା କଥା ତାହା ମଉଳିଯାଉଛି। ଅଞ୍ଜନା ଗଣବଳାତ୍କାର ବୋଧହୁଏ ଓଡ଼ିଶାରେ ଶେଷ ରାଜନୈତିକ ଆନ୍ଦୋଳନ, ଯାହା ଜନମାନସରେ ପ୍ରଭାବ ପକାଇଥିଲା। ଚିଟ୍‌ଫଣ୍ଡ ଠକେଇ, ଅନେକ ଗଣବଳାତ୍କାର ହୋଇଛି ଯାହା ଲୋକଙ୍କ ସହିତ ସିଧାସଳଖ ସମ୍ପର୍କିତ। ଲୋକଙ୍କ ମନରେ ପ୍ରତିକ୍ରିୟା ବି ସୃଷ୍ଟି ହୋଇଛି ହେଲେ ତାହା ଜନ ଆନ୍ଦୋଳନର ରୂପ ନେଇପାରିନାହିଁ। କାରଣ ଏହାର ନେତୃତ୍ୱ ନେବାକୁ କେହି ନାହାନ୍ତି।

ବିରୋଧୀ ଦଳମାନେ ଦୁଇ ପ୍ରକାର ରୋଗରେ ରୋଗଗ୍ରସ୍ତ। ଗୋଟିଏ ହେଲା ଲୋକଙ୍କ ପାଖରେ ପହଞ୍ଚିବା, ସେମାନଙ୍କର ସମସ୍ୟା ବୁଝିବା, ତାକୁ ନେଇ ସରକାରଙ୍କୁ ଘେରିବା ଆଦିରେ ସେମାନେ ବିଫଳ। ଆଉ ଗୋଟିଏ ହେଲା ନିଜ ନିଜ ଦଳ ଭିତରେ ଥିବା ନେତୃତ୍ୱମାନଙ୍କର ତାଳମେଳର ଅଭାବ ଓ ଲଢ଼ାଇ। ସମ୍ରାଟଙ୍କୁ ଗୋଲାମ ଦରକାର ଏହି ମାନସିକତାରେ ଭାରାକ୍ରାନ୍ତ। ଏଥିପାଇଁ ବିରୋଧୀ ନେତୃତ୍ୱ ସଶକ୍ତ ହୋଇପାରୁନାହିଁ। କେବଳ ନିର୍ବାଚନ ପାଖେଇ ଆସିଲେ ସଜାଗ ହୋଇଉଠିବା, ନିର୍ବାଚନ ଜିତିବା ପାଇଁ ଲଢ଼ିବା, ଏହା କେବଳ କର୍ତ୍ତବ୍ୟ ନ ହେଉ, ସବୁ ସମୟରେ ଲୋକଙ୍କ ପାଇଁ ଲଢ଼େଇ ହେଉ, ତା'ହେଲେ ଯାଇ ଲୋକଙ୍କର ମଙ୍ଗଳ ହେବ।

ହରିରାଜପୁର, ପୁରୀ
ମୋ:୮୨୪୯୮୬୮୯୬୧

# ଅକ୍ଷର ଜ୍ଞାନ ବନାମ ସାକ୍ଷରତା



ନଗେନ୍ଦ୍ର ନାଥ ପଟ୍ଟନାୟକ

ଜ୍ଞାନ ମନୁଷ୍ୟ ପାଇଁ ଦଶଟି ମାର୍ଗ ଉନ୍ମୁକ୍ତ କରିଥାଏ। କିନ୍ତୁ ମଣିଷ ଯେତେବେଳେ ପଢ଼ାଲେଖା ଭଳି ମୌଳିକ କଥା ଜାଣିପାରୁନି, ନିଜର ତଥା ପରିବାର ଲାଗି ସୁଦିନର ସୁନେଲି ସ୍ୱପ୍ନ ଦେଖିବ କିପରି? ସଂପ୍ରତି ଭାରତବର୍ଷର ସ୍ଥିତି ଉପରେ ତୀକ୍ଷ୍ଣ ନଜର ପକାଇଲେ ମନରେ କ୍ଷୋଭ ଆସେ ଯେ, ସ୍ୱାଧୀନତା ପ୍ରାପ୍ତିର ୭୪ ବର୍ଷ ବିତିଯାଇଥିଲେ ସୁଦ୍ଧା ଦେଶର ତିନିକୋଟି ଲୋକ ନିରକ୍ଷର, ପାଖାପାଖି ୩୨ କୋଟି ଲୋକ ନାମକୁମାତ୍ର ପାଠୁଆ। କେବଳ ନାଆଁ ଲେଖିବା ଅବା ଦସ୍ତଖତ କରିବା ଛଡ଼ା କଲମ ଚଳେଇ ଜାଣନ୍ତି ନାହିଁ।

ସାକ୍ଷରତା ଏଭଳି ଏକ ଶବ୍ଦ ଯାହା ସମ୍ବନ୍ଧରେ ଜାଣିବାପାଇଁ ତା'ର ନିହିତ ଭାବାର୍ଥକୁ ବୁଝିବାକୁ ପଡ଼ିବ। ଉପରଠାଉରିଆ ଭାବେ ଦେଖିଲେ ଲାଗେ ସାକ୍ଷରତାର ଅର୍ଥ ଖାଲି ଅକ୍ଷର ଜ୍ଞାନ । ଅର୍ଥାତ ସ୍ୱର ବ୍ୟଞ୍ଜନ ବର୍ଣ୍ଣ କିମ୍ବା ଅ ଆ ଇ ଠୁ ଆରମ୍ଭ କରି କ, ଖ, ଗ, କ୍ଷ ଅକ୍ଷର ସହିତ ପରିଚିତି । କିନ୍ତୁ ଅସଲ ଦୃଷ୍ଟିକୋଣରୁ ବିଚାରିଲେ ସାକ୍ଷରତା କେବଳ ଅକ୍ଷର ଜ୍ଞାନ ବା ଶବ୍ଦଜ୍ଞାନର ସୀମିତ ଅବଧାରଣା ନୁହେଁ । ପ୍ରାରମ୍ଭିକ ଯୁଗରେ ସେଭଳି ମନେ ହେଉଥିଲେ ମଧ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ସାକ୍ଷରତାକୁ ପ୍ରତ୍ୟକ୍ଷ ଭାବେ ବିଚାର ସହିତ ଯୋଡ଼ାଯାଇପାରେ। ସେଇ ବ୍ୟକ୍ତିବିଶେଷକୁ ଆଜି ଶିକ୍ଷିତ ବୋଲି କୁହାଯାଇପାରିବ, ଯିଏ କି କେବଳ ଲେଖିପାରୁଥିବ ତାହା ନୁହେଁ ବରଂ ତା'ର ଠିକ୍ ଅର୍ଥକୁ ବୁଝିବା ସହିତ ସାଧାରଣ ଜୀବନରେ ପ୍ରୟୋଗ କରିବାରେ ସାମର୍ଥ୍ୟ ରଖିପାରୁଥିବ।

କହିବା ଅନାବଶ୍ୟକ, ଭାରତରେ ସାକ୍ଷରତା ହାର ୨୦୧୯ରେ ଥିଲା ୭୭.୪ ପ୍ରତିଶତ, ମାତ୍ର ବର୍ତ୍ତମାନ ଏହା ବିଶ୍ୱର ହାରାହାରି ସାକ୍ଷରତା ହାର ୮୪ ପ୍ରତିଶତଠୁ ଖୁବ୍ କମ୍। ଗୁଣାତ୍ମକ ସାକ୍ଷରତା ହାର ଦ୍ୱାରା ଜନସଂଖ୍ୟା ବୃଦ୍ଧି, ଗରିବୀ ଓ ଲିଙ୍ଗଭେଦ ଭଳି ଆହ୍ୱାନକୁ କଡ଼ା ମୁକାବିଲା କରାଯାଇପାରିବ। ସାକ୍ଷରତା ହାର ବଢ଼ାଇବା ଲାଗି ଦେଶର ବିକାଶ କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରାଯାଇପାରି ନାହିଁ। ଅଧିକନ୍ତୁ ୧୯୯୦ରେ ଏନେଇ କରାଯାଇଥିବା ଏକ ନିର୍ଭରଯୋଗ୍ୟ ଅଧ୍ୟୟନ ମୁତାବକ, ଭାରତରେ ଯଦି ସାକ୍ଷରତା ହାର ଏଭଳି ସ୍ଥିତି ବଜାୟ ରୁହେ ତେବେ ପୂର୍ଣ୍ଣ ସାକ୍ଷରତା ହାର ହାସଲ କରିବାରେ ୨୦୬୦ ବର୍ଷ ପର୍ଯ୍ୟନ୍ତ ଆମକୁ ଧୈର୍ଯ୍ୟର ସହିତ ପ୍ରତିରକ୍ଷା କରିବାକୁ ପଡ଼ିବ।

ସାକ୍ଷରତା ହାର ହାସଲ କରିବା ଲାଗି ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ସାକ୍ଷରତା ମିଶନ, ମଧ୍ୟାହ୍ନ ଭୋଜନ ଯୋଜନା ଅଥବା ମିଡ୍ ଡେ ମିଲ ଭଳି ଲୋକପ୍ରିୟ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ସତ, ମାତ୍ର ଏ ସବୁକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟାନ୍ୱୟନ କରି ସଫଳତା ସାଉଁଟିବା ସ୍ୱପ୍ନ ଛଡ଼ା ଆଉ କିଛି ନ ହୋଇପାରେ। କାଗଜକୁ ଆମେ ଯାହା କହୁ ପଛେ ତା'ର ଶତପ୍ରତିଶତ ଯଥାର୍ଥତା ରହିଛି। ସାକ୍ଷରତାର ଦ୍ୱାହି ଦେଇ ଆରମ୍ଭରୁ ସାକ୍ଷରଙ୍କୁ ବାରମ୍ବାର ସାକ୍ଷର କରିବାର କାର୍ଯ୍ୟ ଯେପର୍ଯ୍ୟନ୍ତ ଚାଲୁଥିବ ସେ ଯାଏ ଦେଶରେ ନିରକ୍ଷରତାର କଳଙ୍କ ରହିଥିବ। କେବଳ ଭାରତ ନୁହେଁ , ତୃତୀୟ ବିଶ୍ୱର ଅଧିକାଂଶ ଦେଶର ଦଶା ମଧ୍ୟ ଏହିଭଳି। ଆଫ୍ରିକା ଓ ଦକ୍ଷିଣ ଏସିଆରେ ନିରକ୍ଷରତା ତଥା ଅଶିକ୍ଷା ପଛରେ ଗରିବୀ ଏକ ବଡ଼ କାରଣ। ଏହାବ୍ୟତୀତ, ଆଉ ଏକ ପ୍ରମୁଖ ହେତୁଟି ହେଉଛି ସେଠାରେ ଛୋଟ ଛୋଟ ଦେଶ–ସୋମାଲିଆ, ସୁଡାନ କଂଗୋ ଇତ୍ୟାଦିରେ ଦୀର୍ଘସମୟ ବ୍ୟାପୀ ହଂସାକାଣ୍ଡ ଘଟିଆସୁଛି । ଆମେ ଏକ ସଭ୍ୟ ଶିକ୍ଷିତ ଦୁନିଆରେ ସହାବସ୍ଥାନ କରିବାର ଦାବିକରି ଶାନ୍ତି ଓ ସମୃଦ୍ଧି ତଥା ସୁଖର ସକଳ ସାଧନ ଥିବା ଜ୍ଞାନଯୁଗର ପ୍ରତିନିଧିତ୍ୱ କରୁଥିଲେ ହେଁ ଏକ ବଡ଼ଅଂଶ ଏଭଳି ରହିଛି, ଯାହା ପର୍ଯ୍ୟନ୍ତ ନା ସୁଖ ପହଞ୍ଚିପାରେ ନା ଜ୍ଞାନ। ତେବେ ସାକ୍ଷରତାକୁ ନେଇ ଗଭୀର ଚିନ୍ତନ କରିବାର ଆବଶ୍ୟକତା ରହିଛି। ଏବେସୁଦ୍ଧା ଆମ ଭିତରୁ ଅଧିକାଂଶ ନିରକ୍ଷରତାର ଅଭିଶାପକୁ ମୁଣ୍ଡେଇ ରହିଛନ୍ତି । ଏକଥାକୁ ଧ୍ୟାନରେ ରଖି ସାରା ବିଶ୍ୱରେ ସାକ୍ଷରତା ଅଭିଯାନକୁ ବ୍ୟାପକ କରାଯାଉଛି। ମିଳିତ ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ (ୟୁନିସ୍କୋ) ଦ୍ୱାରା ସାକ୍ଷରତା ଦିବସ ମଧ ପାଳନ ହେଉଛି। ନକାରାତ୍ମକ ତଥା ନୈରାଶ୍ୟଜନକ ପରିସଂଖ୍ୟାନ ସତ୍ତ୍ୱେ ବି ବିଶ୍ୱର ପାଖାପାଖି ଚାରି ଅରବ ଲୋକ ସାକ୍ଷର ହୋଇପାରିଛନ୍ତି। ଯଦିଓ ଅଦ୍ୟାବଧି ସମଗ୍ର ବିଶ୍ୱର ସବୁ ସରକାରୀ ଓ ବେସରକାରୀ ସଂଗଠନଙ୍କ ନିରବଚ୍ଛିନ୍ନ ପ୍ରୟାସ ସତ୍ତ୍ୱେ ସାରା ବିଶ୍ୱରେ ଛଅ ଜଣଙ୍କ ମଧ୍ୟରୁ ଜଣେଲେଖାଁ ବୟସ୍କ ବ୍ୟକ୍ତି ନିରକ୍ଷର। ସାକ୍ଷରତା ଓ ପ୍ରଗତି ବିଷୟ ଉପରେ ବିଶେଷ ଧ୍ୟାନ ଦେବାର ଜରୁରୀ ଆବଶ୍ୟକତା ରହିଛି। କାରଣ ସାକ୍ଷରତା ମାନବୀୟ, ସାଂସ୍କୃତିକ, ସାମାଜିକ, ରାଜନୈତିକ ତଥା ଆର୍ଥିକ ଅକଳରୁ ନିସ୍ତରିବାରେ ସାହାଯ୍ୟ କରିଥାଏ। ଏବେ ସାକ୍ଷରତା ବିଷୟ ପାଇଁ ପ୍ରଦାନ କରାଯାଉଥିବା ମାନବୀୟ ସହାୟତା କ୍ଷେତ୍ରରେ ଶିକ୍ଷାର ଯୋଗଦାନ ମାତ୍ର ଦୁଇ ପ୍ରତିଶତ । ସାରା ବିଶ୍ୱରେ ସାକ୍ଷରତାକୁ ବ୍ୟାପକ କରାଇବା ଲାଗି ରାଜନୈତିକ ପ୍ରତିଶ୍ରୁତିବଦ୍ଧତା କେତେକ ଦେଶ ପ୍ରକଟନ କରୁଥିବା ଲକ୍ଷ୍ୟ କରାଯାଉଛି। ସେଇମାନଙ୍କ ମଧ୍ୟରୁ ଭେନିଜୁଏଲା ନାମ ସର୍ବାଗ୍ରେ। ହ୍ୟୁଗୋ ସ୍ୟାଭେଜ ଯେତେବେଳେ କ୍ଷମତାସୀନ ହେଲେ ସେ ସର୍ବପ୍ରଥମେ କ୍ୟୁବାର ଦୁଇଲକ୍ଷ ଶିକ୍ଷକଙ୍କୁ ନିଜ ଗୃହକୁ ଆମନ୍ତ୍ରଣ କଲେ, ଯଦ୍ଦ୍ୱାରା ସେମାନେ ବହୁ ଦେଶବାସୀଙ୍କୁ ଶିକ୍ଷିତ କରିପାରିବେ। ସାଭେଜଙ୍କ ଏଭଳି ସକାରାତ୍ମକ, ବଳିଷ୍ଠ ପଦକ୍ଷେପ ଦ୍ୱାରା ଆଜି ଭେନିଜୁଏଲାରେ ଅଭୂତପୂର୍ବ ପରିବର୍ତ୍ତନ ଘଟିଛି। ସେଠିକାର ଜନସାଧାରଣ ବୈଷୟିକ କୌଶଳଭିତ୍ତିକ କୃଷି କ୍ଷେତ୍ରରେ ବେଶ୍ ଅଗ୍ରସର କରିସାରିଲେଣି। ନୂତନ ଭାରତ ସରକାର ମଧ୍ୟ ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟାଇଛନ୍ତି ଓ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରି ସ୍ଥିତିକୁ ବଦଳାଇ ପାରିଛନ୍ତି। ଯଦିଓ ଭାରତରେ ଚାଲୁଥିବା ଏକ ବୟସ୍କ ସାକ୍ଷରତା କାର୍ଯ୍ୟକ୍ରମକୁ ଅନ୍ତଃରାଷ୍ଟ୍ରୀୟ ମାନବବାଦୀ ପୁରସ୍କାର ପାଇଁ ଅନ୍ତିମ ତାଲିକାରେ ରଖାଯାଇଛି। ଏହି କାର୍ଯ୍ୟକ୍ରମ ମୁତାବକ, କେବଳ ୩୫ ଦିନ ମଧ୍ୟରେ ପାଖାପାଖି 60,000 ମହିଳାଙ୍କୁ ଲେଖାପଢ଼ା ଶିଖାଇ ଦିଆଯାଇଛି। ଏହା ବିଶ୍ୱର ଏଭଳି ଏକ ସାକ୍ଷରତା କାର୍ଯ୍ୟକ୍ରମ, ଯଦ୍ଦ୍ୱାରା ଖୁବ୍ କମ୍ ସମୟରେ ହଜାର ହଜାର ଲୋକଙ୍କୁ ସାକ୍ଷର କରାଯାଇପାରିବ। ଭାରତରେ ସାକ୍ଷରତା କାର୍ଯ୍ୟକ୍ରମ ପ୍ରତି ବିଶେଷରୂପେ ମହିଳା ଛାତ୍ରୀମାନେ ଆକୃଷ୍ଟ ହେଉଛନ୍ତି। ତେବେ ଦେଶରେ ପାରିବାରିକ ଯୋଜନା ଓ ଜନସଂଖ୍ୟାର ସ୍ଥିରତା ନେଇ ମହିଳାଙ୍କ ସାକ୍ଷରତା ହାର କମ ହେବାର ନକାରାତ୍ମକ ପ୍ରଭାବ ପଡ଼ିଛି।

**୯୯୯–୩, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର, ମୋ:୯୪୩୮୩୩୨୧୩୮**

## ଏଇ ଭାରତରେ

ଆଗାମୀ ପିଢ଼ି ଲାଗି ଯଦି କିଛି ସର୍ବଶ୍ରେଷ୍ଠ ଉପହାର ଥାଏ, ତେବେ ତାହା ହେଉଛି ପାଣି–ଏହା ଉପଲବ୍ଧି କରିଛନ୍ତି ଗୁଜରାଟର ଡେଥାଲି ଗାଁ। ଏହି ମରୁଡ଼ି ପ୍ରବଣ ଗାଁରେ ଏବେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହେବା ସହ ପକ୍ଷୀଙ୍କ ସ୍ୱର୍ଗ ପାଲଟିଛି। ମେଶାନା ଜିଲା ଅନ୍ତର୍ଗତ ବହୁଚାରାଜି ମନ୍ଦିର ନିକଟରେ ଥିବା ଏହି ପଡ଼ା ଗାଁର ଲୋକସଂଖ୍ୟା ୧୩୦୦। ଏଠାରେ ୩୦ ଏକର ପରିମିତ ଜମ୍ବୁବନ ହ୍ରଦ ଜବରଦଖଲରେ ରହିଥିଲା ଓ ବର୍ଜ୍ୟ ଠୁଳ କରାଯାଉଥିଲା। ଉକ୍ତ ଗାଁର ସୋମଚାନ୍ଦ ଶାହାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ହ୍ରଦର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହ୍ରଦରୁ ମାଟି ବାହାର କରାଯାଇ ରାସ୍ତା ନିର୍ମାଣ କରାଯାଇଛି। ହ୍ରଦରେ ୯ କୋଟି ଲିଟର ପାଣି ରହୁଛି। କେବଳ ଏତିକି ନୁହେଁ, ଗାଁର ଚାରି ପାଖରେ ଆହୁରି ଛୋଟ ଛୋଟ ୧୭ଟି ଜଳାଶୟ କରାଯାଇଛି। ଏବେ ହ୍ରଦରେ ହଜାର ହଜାର ଦେଶୀ ବିଦେଶୀ ପକ୍ଷୀ ବସାବାନ୍ଧି ରହିଛନ୍ତି। ପକ୍ଷୀଙ୍କ ସୁରକ୍ଷା କରାଯାଉଛି ବୋଲି କହିଛନ୍ତି ପରିବେଶ ବିଶେଷଜ୍ଞ ତଥା ସୋମଚାନ୍ଦଙ୍କ ପୁତ୍ର ମୟୂର ଶାହା। ଏହା ଏକ ଗୋଷ୍ଠୀଗତ ପରିବେଶଗତ କାର୍ଯ୍ୟ; ଯେଉଁଥିରେ ଜୈବବିବିଧତା ସୁରକ୍ଷା ହୋଇପାରିଛି। ଏହି ହ୍ରଦର ସମ୍ମୁଖଭାଗର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବାର ଯୋଜନା ରହିଛି ବୋଲି କହନ୍ତି ସ୍ଥାନୀୟ ସରପଞ୍ଚ ଭିକାଭାଇ ପଟେଲ।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ସେପ୍ଟେମ୍ବର ୧୯୯୬

- ମିଳିତ ଜାତିସଂଘ ନିରାପତ୍ତା ପରିଷଦର ୫ ସ୍ଥାୟୀ ରାଷ୍ଟ୍ର ବିବାଦୀୟ ପୂର୍ଣ୍ଣାଙ୍ଗ ଆଣବିକ ପରୀକ୍ଷା ନିଷିଦ୍ଧ ଚୁକ୍ତିକୁ ଅନୁମୋଦନ କରିଛନ୍ତି।
- ଦିଲ୍ଲୀ ଦଙ୍ଗା ମାମଲାର ବିଚାରଧାରା ଉପରେ ରହିତାଦେଶ ଜାରି ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଚ୍.କେ.ଏଲ୍. ଭଗତ କରିଥିବା ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ।

## ଚିରନ୍ତନୀ

ପ୍ରତି ଲୋମକୂପ ଆଜି
ଥରିଉଠେ ପୁଲକେ
ଏ ପରଶ ଦେହେ ମୋର ଦେଲ କେ ?
ଦିବସର ଆଗମନୀ
ରଜନୀରେ ଦେଲ ଭଣି
ସୁଶୀତଳ ଜୋଛନାରେ ଝଲକେ
ଏ ପରଶ ଦେହେ ମୋର ଦେଲ କେ ?
–(ଶିଶିର–ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | 4 | 8 | | |
| | | | | | | | | |
| | 3 | 4 | 9 | 1 | 6 | | 7 | |
| 4 | 2 | | | | | | | |
| | | | 7 | | 8 | | | |
| 3 | | 1 | | | 2 | | 4 | |
| | | 2 | | 5 | | 4 | | |
| | | | | | 1 | 2 | | |
| | | 5 | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 6 | 9 | 4 | 8 | 1 | 7 |
| 6 | 4 | 8 | 7 | 5 | 1 | 3 | 9 | 2 |
| 7 | 1 | 9 | 2 | 8 | 3 | 4 | 6 | 5 |
| 5 | 6 | 3 | 4 | 1 | 9 | 7 | 2 | 8 |
| 9 | 7 | 2 | 8 | 3 | 6 | 5 | 4 | 1 |
| 1 | 8 | 4 | 5 | 2 | 7 | 6 | 3 | 9 |
| 2 | 9 | 7 | 3 | 4 | 5 | 1 | 8 | 6 |
| 8 | 3 | 6 | 1 | 7 | 2 | 9 | 5 | 4 |
| 4 | 5 | 1 | 9 | 6 | 8 | 2 | 7 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ଲାଷ୍ଟିକ ବୋତଲ ଫେଶନ

ମହାଶୟ,

ଆଗ କାଳରେ ଭୋଜନ ସମୟରେ ଘରେ ହେଉ କିମ୍ବା ହୋଟେଲରେ ପାଣି ପିଇବା ପାଇଁ ଗ୍ଲାସରେ ପାଣି ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ବୋତଲ ଧରାଇ ଦେଉଛନ୍ତି। ଏହି ବୋତଲଗୁଡ଼ିକ ପୂର୍ବରୁ ବ୍ୟବହୃତ ହୋଇଥାଏ। ଯଥା ମିନେରାଲ ପାଣି ବୋତଲ କିମ୍ବା ମୃଦୁପାନୀୟ ବୋତଲ। ଖାଇବା ସମୟରେ ପାଣି ପିଇବାର ଆବଶ୍ୟକତା ପଡ଼ିଥାଏ। ଫଳରେ ଛୋଟ ପିଲା ଓ ବୟସ୍କମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏପରି କି ସେମାନେ ଛାତିରେ କଷ୍ଟ ଅନୁଭବ କରିଥାନ୍ତି।

**–କନ୍ହେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୫କୁ ଘୁଞ୍ଚିଲା ଓସିଏସ୍ ପରୀକ୍ଷା

**ଭୁବନେଶ୍ୱର, ୨୪।୯(ବ୍ୟୁରୋ):** ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍)କୁ ଘୁଞ୍ଚାଇ ଦେଇଛି। ଉକ୍ତଦିନ ଓସିଏସ୍-୨୦୧୯ର ଭାଇଭା-ଭଏସ୍ ଟେଷ୍ଟ ବା ମୌଖିକ ପରୀକ୍ଷା ଏବଂ ଅରିଜିନାଲ ଡକ୍ୟୁମେଣ୍ଟ ଯାଞ୍ଚ ହେବାର ଥିଲା। ଏହାକୁ ଏବେ ଅକ୍ଟୋବର ୫ ତାରିଖକୁ ଘୁଞ୍ଚାଇ ଦିଆଯାଇଛି।

### ପିପିଲି ଉପନିର୍ବାଚନ ଭୋଟ ଗଣତି ନିମନ୍ତେ ତାଲିମ



**ପୁରୀ ଅଫିସ, ୨୪।୯:** ପିପିଲି ବିଧାନସଭା ଉପନିର୍ବାଚନ ଭୋଟ ଗଣତି ପାଇଁ ଶୁକ୍ରବାର ପୁରୀ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁପରଭାଇଜର ଓ କାଉଣ୍ଟିଂ ଆସିଷ୍ଟାଣ୍ଟମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଆସନ୍ତା ୩୦ ତାରିଖରେ ମତଦାନ ହୋଇ ଅକ୍ଟୋବର ୩ରେ ଭୋଟଗଣତି କରାଯିବ। ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ। ଗଣତି ପାଇଁ ଦୁଇଟି କକ୍ଷରେ ୧୪ଟି ଟେବୁଲ ଏବଂ ଅନ୍ୟ ଗୋଟିଏ ଟେବୁଲରେ ପୋଷ୍ଟାଲ ବାଲଟ ଗଣତି କରାଯିବ। ଗଣତି ସମ୍ବନ୍ଧୀୟ ସମସ୍ତ ପ୍ରସଙ୍ଗ ଉପରେ ତାଲିମ ଦିଆଯାଇଥିଲା। ଆସନ୍ତା ୨୮ ତାରିଖରେ ପୋଲିଂ ପାର୍ଟି ପିପିଲି ଓ ଡେଲାଙ୍ଗରେ ଥିବା ବୁଥ୍ ଅଭିମୁଖେ ଯାତ୍ରା କରିବେ। ଏଥିନିମନ୍ତେ ପେଣ୍ଠକଟାସ୍ଥିତ ୱେୟାର ହାଉସ୍‌ରେ ସମସ୍ତ ପ୍ରସ୍ତୁତି କରାଯାଇଛି। ଆସନ୍ତା ୩୦ ତାରିଖରେ ଭୋଟ ଗ୍ରହଣ ସାରି ପୋଲିଂ ଦଳ ଆସିବା ପରେ ଇଭିଏମ୍‌ଗୁଡ଼ିକୁ ସୁରକ୍ଷିତ ଭାବେ ରଖାଯିବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ଅବସରରେ ସାଧାରଣ ପର୍ଯ୍ୟବେକ୍ଷକ ଏମ୍. ବୀରବ୍ରହ୍ମୟ୍ୟା, ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଜିଲାପାଳ ସୁଭାଷନାଥ ଶର୍ମା, ଡେପୁଟି କଲେକ୍ଟର ସୁମନ୍ତ କର, ଜିତେନ୍ଦ୍ର କୁମାର ପାତ୍ରଙ୍କ ସମେତ ବିଡିଓ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# ୬୦ ହଜାର ପଏଣ୍ଟ ଟପିଲା ସେନ୍‌ସେକ୍ସ

**ମୁମ୍ବାଇ,୨୪।୯**

ଲଗାତର ଦ୍ୱିତୀୟ ସେସନ ଲାଗି ଭାରତୀୟ ପୁଞ୍ଜି ବଜାରର କାରବାର ଉନ୍ନତ ରହିଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ଶୁକ୍ରବାର ପ୍ରଥମ ଥର ଲାଗି ୬୦ ହଜାର ପଏଣ୍ଟ ସ୍ତର ଟପିଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) ମଧ୍ୟ ୧୭,୮୫୦ ପଏଣ୍ଟ ସ୍ତରରୁ ଊର୍ଦ୍ଧ୍ୱରେ ରହିଛି। ସେନ୍‌ସେକ୍ସ ୪୪୮ ପଏଣ୍ଟ ଊର୍ଦ୍ଧ୍ୱରେ ରହିବା ଯୋଗୁ ୬୦, ୩୩୩ ପଏଣ୍ଟ ସ୍ତରରେ ଛୁଇଁବାକୁ ସକ୍ଷମ ହୋଇଛି। ସେହିଭଳି ନିଫ୍ଟି ୫୦ ସୂଚକାଙ୍କ ୧୭,୯୪୭.୬୫ ପଏଣ୍ଟ ସ୍ତର ଛୁଇଁଛି। କାରବାର ଶେଷ ବେଳକୁ ସେନସେକ୍ସ ୧୬୩ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୬୦,୦୪୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୩୦ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୧୭,୮୫୩ ପଏଣ୍ଟରେ ବନ୍ଦ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ କୋଭିଡ ମାମଲା ହ୍ରାସ ହୋଇଥିବା ବେଳେ ଟିକାକରଣ ଧାରା ଉନ୍ନତ ହୋଇଛି। ଏହାର ଫାଇଦା ଦେଶର ଅର୍ଥ ବ୍ୟବସ୍ଥା ଉପରେ ପଡ଼ିଛି। ଏସବୁ ବିଭିନ୍ନ ଦିଗଗୁଡ଼ିକ ପୁଞ୍ଜି ବଜାରକୁ ଊର୍ଦ୍ଧ୍ୱଗାମୀ କରିବା ଦିଗରେ ସହାୟକ ହୋଇଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।



କୋଭିଡ-୧୯ ପାଇଁ ସେନସେକ୍ସ ୨୦୨୦ ମାର୍ଚ୍ଚ ୨୪ରେ ୨୫,୬୩୮ ପଏଣ୍ଟ ସ୍ତରକୁ ଖସି ଆସିଥିଲା। ଗତ ୧୮ ମାସ ମଧ୍ୟରେ ପୁଞ୍ଜି ବଜାରରେ ୧୨୫% ବୃଦ୍ଧି ଘଟିଛି। ୫୦ ହଜାର ପଏଣ୍ଟରୁ ୬୦ ହଜାର ସ୍ତର ଛୁଇଁବାକୁ ସେନ୍‌ସେକ୍ସକୁ ମାତ୍ର ୮ ମାସ ସମୟ ଲାଗିଛି। ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଅର୍ଥନୈତିକ ସୁଧାର ଏବଂ ଦେଶର ଜିଡିପି ଅଭିବୃଦ୍ଧି ଉନ୍ନତ ରହିବ ବୋଲି ବଜାରର ଭରସା ରହିଛି। ଯାହା ସେନ୍‌ସେକ୍ସ ବୃଦ୍ଧିରେ ଇନ୍ଧନ ଭାବେ କାର୍ଯ୍ୟ କରୁଛି। ବିଦେଶୀ ପୁଞ୍ଜି ନିବେଶକଙ୍କ ଲାଗି ଭାରତ ଏକ ଆକର୍ଷଣୀୟ ସ୍ଥାନ ପାଲଟିଥିବା ଆଇଆଇଏଫ୍‌ଏଲ୍ ସିକ୍ୟୁରିଟିଜର ସିଇଓ ସନ୍ଦୀପ ଭରଦ୍ୱାଜ କହିଛନ୍ତି। ଏଭଳି ସ୍ଥିତିରେ ଖୁଚୁରା ନିବେଶକମାନେ ବିସ୍ତୃତ ପୋର୍ଟଫୋଲିଓ ଉପରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଭରଦ୍ୱାଜ ମତ ପ୍ରକାଶ କରିଛନ୍ତି।

ବମ୍ବେ ଷ୍ଟକ୍ ବଜାରରେ ଟେଲିକମ ଶେୟାର କାରବାର ପ୍ରାୟ ୩% ଭଲ ପ୍ରଦର୍ଶନ କରିଛି। ସେହିଭଳି ସୂଚନା ପ୍ରଯୁକ୍ତି, କଞ୍ଜ୍ୟୁମର ଡ୍ୟୁରେବଲ୍ସ, ଅଟୋମୋବାଇଲ ଏବଂ ରିୟଲ ଇଷ୍ଟେଟ ଭଳି ଶେୟାର ମଧ୍ୟ ଉନ୍ନତ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଏହାବାଦ ଧାତୁ, ତୈଳ ଏବଂ ବାଷ୍ପ, ଶକ୍ତି ଏବଂ ଏଫ୍‌ଏମ୍‌ସିଜି ଭଳି କମ୍ପାନୀଗୁଡ଼ିକର ଶେୟାର କାରବାର କିଞ୍ଚିତ ପ୍ରଭାବିତ ରହିଥିଲା। ଚଳିତ ବର୍ଷ ସେନ୍‌ସେକ୍ସ ୭୦ ହଜାର ପଏଣ୍ଟ ଛୁଇଁପାରେ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି। ଚଳିତ ବର୍ଷ ଅଦ୍ୟାବଧି ସେନ୍‌ସେକ୍ସ ୨୫% ରିଟର୍ନ ପ୍ରଦାନ କରିଛି।

# କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବ, ପରବର୍ତ୍ତୀ ତଥ୍ୟ ଦେଉଥିଲେ

## ରିମାଣ୍ଡ ସରିଲା, ଜେଲ୍ ଗଲେ ୫ ଅଭିଯୁକ୍ତ

**ବାଲେଶ୍ୱର ଅଫିସ, ୨୪।୯**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ)ର ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିବା ୫ ଅଭିଯୁକ୍ତଙ୍କ ୭ ଦିନିଆ ରିମାଣ୍ଡ ଶେଷ ହେବା ପରେ ଶୁକ୍ରବାର ଅପରାହ୍ନରେ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ଅଭିଯୁକ୍ତମାନଙ୍କୁ ବାଲେଶ୍ୱର ଜେଲ୍‌କୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହନିଟ୍ରାପର ଶିକାର ହୋଇ ମହିଳା ଏଜେଣ୍ଟଙ୍କୁ କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କିତ ତଥ୍ୟ ଦେଉଥିଲେ ବୋଲି କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି।

ରିମାଣ୍ଡ ସମୟରେ କ୍ରାଇମବ୍ରାଞ୍ଚ ପଚରାଉଚୁରା କରି ସେମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। କୋର୍ଟକୁ ସ୍ଥାନାନ୍ତର ବେଳେ ଦାୟିତ୍ୱରେ ଥିବା ଅତିରିକ୍ତ କ୍ରାଇମବ୍ରାଞ୍ଚ ଏସ୍‌ପି ପ୍ରଶାନ୍ତ କୁମାର ବିଷୋୟୀ ସୂଚନା ଦେଇଛନ୍ତି ଯେ, ଅଭିଯୁକ୍ତମାନଙ୍କ ନିକଟରୁ ଲାପଟପ୍ ଓ ମୋବାଇଲ ଜବତ କରାଯାଇଛି। ଏବେ ରିମାଣ୍ଡ ପାଇଁ ଆବେଦନ କରାଯିବନି। ଜଣେ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିଦେଶରୁ ଦୁଇଟି କିସ୍ତିରେ ୨୪ ହଜାର ଓ ୧୪ ହଜାର ଟଙ୍କା ଆସିଛି। ପାକିସ୍ତାନୀ ଗୋଇନ୍ଦାର ଯୁବତୀ ଏଜେଣ୍ଟ ବସନ୍ତ ବେହେରାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ବସନ୍ତଙ୍କ ସହ କଥା ହୋଇଥିବା ଯୁବତୀ ଦୁବାଇର ବୋଲି ସନ୍ଦେହ କରାଯାଉଛି। ସଚିନ କୁମାର ଛଡ଼ା ମଧ୍ୟ ୩ଜଣ ଯୁବତୀଙ୍କ ସମ୍ପର୍କରେ ଥିଲେ। ଫରେନ୍ସିକ ଅନାଲିସିସ୍ ପରେ ସ୍ପଷ୍ଟ ହୋଇଯିବ। ଯୁବତୀ ଏଜେଣ୍ଟମାନେ ୫ ଅଭିଯୁକ୍ତଙ୍କ ନିକଟରୁ କେବେ କ୍ଷେପଣାସ୍ତ୍ର ପରୀକ୍ଷଣ ହେବ ଓ ପରେ ସଫଳ କି ବିଫଳ ସମ୍ପର୍କରେ ଖବର ନେଉଥିଲେ।



ଅଭିଯୁକ୍ତଙ୍କୁ ବାଲେଶ୍ୱର ଏସଡିଜେଏମ୍ କୋର୍ଟରେ ହାଜର କରାଯାଉଛି।

ସୂଚନାଯୋଗ୍ୟ, ଡିଆରଡିଓ ଗୁପ୍ତ ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ସେପ୍ଟେମ୍ବର ୧୪ରେ ଆଇଟିଆରର ୪ ଠିକା କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଠିକା କର୍ମଚାରୀ ଚାନ୍ଦିପୁର ଥାନା ଝାମ୍ପୁରା ଗ୍ରାମର ବସନ୍ତ ବେହେରା (୫୨) ଓ ଶ୍ରୀକୋଣା ଗ୍ରାମର ଏସ୍‌କେ ମୁସାଫିର (୩୨), ଡିଜି ଅପରେଟର ଭାବେ କାମ କରୁଥିବା ସଦର ଥାନା ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି (୫୨), ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅଧୀନ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧)। ପରେ ୧୬ତାରିଖରେ ଏହି ଘଟଣାରେ ଡିଆର୍‌ଡିଓର ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚିନ କୁମାର ଛଡ଼ାଙ୍କୁ ଗିରଫ କରାଯାଇଥିଲା। ସମସ୍ତ ୫ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ୧୮ତାରିଖରେ ୭ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା।


**Tender Notice**

**BAIF Institute for Sustainable Livelihoods and Development-Odisha**

Invites sealed quotations from reputed vendors for supplying & installing **"Micro Irrigation System (Drip)"** in **Balangir** district. Refer **www.baif.org.in** for details

L4, Saraswati Enclave
PO. Dhankuada, Sambalpur.
**Ph. + 91 7894418530**



**CENTRAL WAREHOUSING CORPORATION**

**(A Govt. of India Undertaking)**

4/1, Siri Institutional Area,
August Kranti Marg, Hauz Khas, New Delhi-110016
Ph: 011-49857894
**Warehousing for Everyone**

ନଂ.: ସିଡବ୍ଲ୍ୟୁସି/ସିଓ-ଇଏନ୍‌ଜିଜି./ପ୍ରେସ୍ ନୋଟ୍/୨୦୨୧-୨୨ ତାରିଖ: ୨୪।୦୯।୨୦୨୧

**ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଠିକାଦାରମାନଙ୍କଠାରୁ ଅନଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:-

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଲକ୍ଷରେ) | ଅନଲାଇନ୍ ଟେଣ୍ଡର ଦାଖଲ ଓ ଖୋଲାଯିବାର ଶେଷ ତାରିଖ |
|---|---|---|---|
| ୧. | ସିଡବ୍ଲ୍ୟୁ, ନବରଙ୍ଗପୁର (ଓଡ଼ିଶା)ଠାରେ ଆଭ୍ୟନ୍ତରୀଣ ସଡ଼କ ଓ ବୈଦ୍ୟୁତିକ ସ୍ଥାପନା ସହିତ ୧୨୫୨୮ ଏମ୍‌ଟିସି ଗୋଦାମ ନିର୍ମାଣ । | ୭୨୪.୫୨ | ୨୬।୧୦।୨୦୨୧ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ **www.cewacor.nic.in** କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ **www.cwceprocur.com** କିମ୍ବା ସିପିପି ପୋର୍ଟାଲ **http://eprocure.gov.in/epublish/app**ରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ । ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞାପନ ଜାରି କରାଯିବ ନାହିଁ ।

**ମୁଖ୍ୟ ଯନ୍ତ୍ରୀ (ଭାରପ୍ରାପ୍ତ)**


# ମହାନଦୀରେ ଫସିଲା ଦନ୍ତା

## ଉଦ୍ଧାର କରିବାକୁ ଯାଇ ଓଲଟିଲା ବୋଟ

**କଟକ ଅଫିସ/ବାରଙ୍ଗ,(ଡି.ଏନ୍.ଏ.)୨୪।୯**

ମହାନଦୀର ମୁଣ୍ଡଳି ବ୍ୟାରେଜ ଦେଇ ଶୁକ୍ରବାର ସକାଳେ ଆଠଗଡ଼ ସୁକାସନ ଜଙ୍ଗଲରୁ ୧୮ ଟିକିଆ ହାତୀ ପଲ ଚନ୍ଦକା ଜଙ୍ଗଲକୁ ଆସୁଥିଲା। ୧୭ଟି ହାତୀ ନଦୀ ପାର୍ ହୋଇଯାଇଥିବାବେଳେ ଏକ ଦନ୍ତା ପାଣିରେ ଫସି ଯାଇଥିଲା। ତାକୁ ଉଦ୍ଧାର କରିବା ଲାଗି ଆଉ ୨ ହାତୀ ନଦୀରେ ପୁଣି ପଶି ଥିଲେ। ହେଲେ ଉକ୍ତ ହାତୀ ୨ଟି ମଧ୍ୟ ପାଣିର ପ୍ରଖର ସ୍ରୋତରେ ଭାସି ଯାଇ ମୁଣ୍ଡଳି ବ୍ୟାରେଜ ନିକଟସ୍ଥ ଅନନ୍ତପୁରରେ ଲାଗି ଉପରକୁ ଉଠିଯାଇଥିଲେ। ହେଲେ ଦନ୍ତାଟି ମୁଣ୍ଡଳି ବ୍ୟାରେଜ ନିକଟରେ ଫସି ରହିଥିଲା। ଦୀର୍ଘ ସମୟ ଧରି ପାଣିରେ ରହିବା ପରେ ନଦୀର ବାମ ପାର୍ଶ୍ୱକୁ ହାତୀଟି ନିଜେ ଧୀରେ ଧୀରେ ଯାଇଥିଲା। ହେଲେ କୂଳ ନିକଟରେ ପାଣିର ପ୍ରଖର ସ୍ରୋତ ଓ ଜନଗହଳି ଥିବାରୁ ଉପରକୁ ଉଠି ପାରି ନ ଥିଲା। ପରେ ହାତୀଟି ପୁଣି ନଦୀ ଭିତରକୁ ଫେରି ଯାଇଥିଲା।

ଆଠଗଡ଼ ବନବିଭାଗ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଓଡିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ



(ଓଡ୍ରାଫ୍) ଟିମ୍‌ର ସହାୟତା ନେଇଥିଲେ। ଆଠଗଡ଼, ଡମପଡ଼ା, ଚନ୍ଦକାର ବନ ଅଧିକାରୀଙ୍କ ସହ ବନ ବିଭାଗର ୧୦ ଜଣିଆ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଓଡ୍ରାଫ ଟିମ୍ ଆସିବାପରେ ଅପରେଶନ ଗଜ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ୍ରାଫର ଏକ ୫ଜଣିଆ ଟିମ୍ ରବର ବୋଟ ଦ୍ୱାରା ନଦୀ ମଧ୍ୟକୁ ପଶିଥିଲେ। ଓଡ୍ରାଫ୍ ଟିମ୍ ସହ ଓଟିଭିର ରିପୋର୍ଟର ଅରିନ୍ଦମ ଦାସ ଓ କ୍ୟାମେରା ମ୍ୟାନ ପ୍ରଭାତ ସିହ୍ନା ମଧ୍ୟ ଯାଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହାତୀକୁ ଘଉଡ଼ାଇବାକୁ ତାର ପଛପଟକୁ ଯାଉଥିବାବେଳେ ବୋଟଟି ପାଣିର ସ୍ରୋତରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏହାପରେ ଦେଶୀ ଡଙ୍ଗା ନିଆଯାଇ ନଦୀର ପ୍ରଖର ସ୍ରୋତରେ ଫସିଥିବା ଓଡ୍ରାଫ ଟିମ୍ ଓ ଓଟିଭିର ରିପୋର୍ଟର ଓ କ୍ୟାମେରା ମ୍ୟାନଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ କର୍ମଚାରୀଙ୍କ ପତ୍ତା ମିଳି ନ ଥିଲା। ଦେଶୀ ଡଙ୍ଗା ସାହାଯ୍ୟରେ ରିପୋର୍ଟର ଅରନ୍ଦିମଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଏସ୍‌ସିବି ନିଆଯାଇଥିବାବେଳେ ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ। କ୍ୟାମେରାମ୍ୟାନ ଓ ଅନ୍ୟ ୩ ଓଡ୍ରାଫ୍ ସଦସ୍ୟ ଏବେ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ହାତୀକୁ ଉଦ୍ଧାର କରିବାପାଇଁ ବନବିଭାଗ ଯୋରଦାର ଉଦ୍ୟମ ଚଳାଇଥିଲେ ମଧ୍ୟ କୌଣସି ସୁଫଳ ପାଇପାରି ନାହାନ୍ତି। ହାତୀକୁ ଖାଇବାକୁ ଦଉଡିରେ ବାନ୍ଧି କଦଳୀ ମଧ୍ୟ ଦିଆଯାଇଛି। ଦୀର୍ଘ ସମୟ ଧରି ପାଣିର ପ୍ରଖର ସ୍ରୋତ ଭିତରେ ରହି ହାତୀଟିର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଏପରିକି ହାତୀ ଶରୀରର ରଙ୍ଗ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳିଛି। ହାତୀକୁ ଦେଖିବା ପାଇଁ ଦିନତମାମ ବ୍ୟାରେଜ ଉପରେ ଲୋକାରଣ୍ୟରେ ପରିଣତ ହୋଇଥିଲା। ପୋଲିସ ଓ ବନବିଭାଗର କଥାକୁ ମଧ୍ୟ ଲୋକମାନେ ଶୁଣି ନ ଥିଲେ। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟକୁ ବନ୍ଦ କରାଯାଇଥିବାବେଳେ ହାତୀଟି ଉଦ୍ଧାର ହୋଇପାରି ନ ଥିବା ଜଣାପଡ଼ିଛି।

# ଦୁଇ ଝିଅଙ୍କୁ ବିଷ ପିଆଇ ଆତ୍ମହତ୍ୟା କଲେ ମା'


**କପ୍ତିପଦା,୨୪।୯(ଡି.ଏନ.ଏ.)**

ପାରିବାରିକ କଳହକୁ ନେଇ ଦୁଇ ଝିଅଙ୍କୁ ବିଷ ପିଆଇ ମା' ଆତ୍ମହତ୍ୟା କରିବା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଥାନା ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ ଅଶ୍ୱକୋଟୀ ହୁଡ଼ିସାହି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ହେଲେ ଡୁରାମ ସିଂ ଦେଓଗାଁମଙ୍କ ସ୍ତ୍ରୀ ପୂର୍ଣ୍ଣିମା। ଗୁରୁତର ଅବସ୍ଥାରେ ତାଙ୍କ ଦୁଇ ଝିଅ ରାଧାଏ(୬) ଓ ସାରଥୀ(୪)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁବାର ରାତିରେ ପାରିବାରିକ କଳହକୁ ନେଇ ପୂର୍ଣ୍ଣିମା ନିଜେ ବିଷ ପିଇ ଦେବା ସହିତ ଘରେ କବାଟ ବନ୍ଦ କରି ଦୁଇ ଝିଅକୁ ମଧ୍ୟ ବିଷ ପିଆଇ ଦେଇଥିଲେ। ପିଲା ଦୁଇ ଜଣଙ୍କ କାନ୍ଦ ଶୁଣି ପଡ଼ୋଶୀମାନେ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହିତ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୂର୍ଣ୍ଣିମାଙ୍କର ମୃତ୍ୟୁ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ନାବାଳିକାଙ୍କ ମୃତ୍ୟୁ

**କୋରାପୁଟ/ଲମତାପୁଟ,୨୪।୯(ସ୍ୱ.ପ୍ର.)**

କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ରାଇପଡ଼ା ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ଦୁଇ ଜଣ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଖବରରୁ ଜଣାପଡ଼ିଛି ରାଇପଡ଼ା ଗ୍ରାମର ବଳଭଦ୍ର ପାଙ୍ଗିଙ୍କ ଝିଅ କବିତା ପାଙ୍ଗି (୧୨) ଓ ଭୀମ ଖରାଙ୍କ ଝିଅ ବାସନ୍ତୀ ଖରା (୧୩) ପ୍ରତିଦିନ ଭଳି ଶୁକ୍ରବାର ଗ୍ରାମର ଆଉ ୬ ଜଣ ସାଙ୍ଗ ଝିଅଙ୍କ ସହିତ ନିକଟସ୍ଥ ଗ୍ରାମ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିଲେ। ପ୍ରବଳ ଖରା ଯୋଗୁ ସେମାନେ ଗାଧୋଇବାକୁ ନିକଟସ୍ଥ ଏକ ପୋଖରୀକୁ ଯାଇ ପୋଖରୀ ହୁଡ଼ାରେ କାଠ ରଖି ପୋଖରୀ ଭିତରେ ପଶିଥିଲେ। ଗାଧୋଉଥିବାବେଳେ ବାସନ୍ତୀ ଓ କବିତାଙ୍କ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ିଯାଇଥିଲେ। ଏହି ଦୁଇଜଣ ବୁଡ଼ିଯାଉଥିବା ଦେଖି ଉପସ୍ଥିତ ସାଙ୍ଗମାନେ ଗ୍ରାମକୁ ଯାଇ ଏ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୋଖରୀକୁ ଆସି ଖୋଜାଖୋଜି କରି ଉଭୟଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ନାବାଳିକାଦ୍ୱୟଙ୍କ ମୃତ୍ୟୁ ହୋଇସାରିଥିଲା।




**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**

**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**

**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 14522/IND-II-PH-881 ତାରିଖ 23.09.2021

No. CAD-1298

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲଦାର, ସଦର, କଟକ, ଓଡ଼ିଶାର କଟକ ଜିଲ୍ଲା, ସଦର ତହସିଲ ଅନ୍ତର୍ଗତ ଶିଳ୍ପପୁରୀ ଗ୍ରାମରେ କାଠଯୋଡି ନଦୀରେ ୫.୦୬ ହେକ୍ଟର ପରିମିତ ଖଣି ଅଞ୍ଚଳରେ ସ୍ଥିତ ଶିଳ୍ପପୁରୀ ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୩୦।୧୦।୨୦୨୧ରିଖ ଦିବା ୧୧.୩୦ ଘଟିକା ସମୟରେ କଟକ ଜିଲ୍ଲା ନୂଆପଡ଼ା, ସରକାରୀ ପ୍ରେସ୍ କଲୋନୀସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **କଟକ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **କଟକ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **କଟକ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଟକ** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଟକସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0110/2122



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**

**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**

**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 14417/IND-II-PH-924 ତାରିଖ 21.09.2021

No. CAD-1285

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲଦାର, କାମାକ୍ଷାନଗର ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, କାମାକ୍ଷାନଗର ତହସିଲ ଅନ୍ତର୍ଗତ ତଳଝଗଡ଼ାପଡ଼ା ଗ୍ରାମରେ ବ୍ରାହ୍ମଣୀ ନଦୀରେ ୫.୦୬ ହେକ୍ଟର ପରିମିତ ଖଣି ଅଞ୍ଚଳରେ ସ୍ଥିତ ତଳଝଗଡ଼ାପଡ଼ା ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୮।୧୦।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ତହସିଲ ଅନ୍ତର୍ଗତ ତଳଝଗଡ଼ାପଡ଼ା ଗ୍ରାମସ୍ଥିତ ମଙ୍ଗଳା ମନ୍ଦିର ନିକଟରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଢେଙ୍କାନାଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ** ।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ଅନୁଗୁଳସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0102/2122

## ସଂକ୍ଷେପରେ

### ୧୫ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା



ଚନ୍ଦ୍ରପୁର,୨୪।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରେ ୧୫ ହିତାଧିକାରୀଙ୍କୁ ଗୁରୁବାର ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ୨୦୨୦ ଡିସେମ୍ବରରୁ ୨୦୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୦ ମାସର ବକେୟା ଅର୍ଥ ପ୍ରତ୍ୟେକଙ୍କୁ ୫ହଜାର ଲେଖାଏ ପ୍ରଦାନ କରାଯାଇଛି। ହନୁମନ୍ତପୁର ସରପଞ୍ଚ କାଉମୁନି, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ଭୀମ ଗଗେରଙ୍ଗା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତ୍ସ୍ନା ଶବର, ଯୋଗାଣ ସହାୟକ ଜଗା ଦଳେଇ, ୱାର୍ଡ ସଭ୍ୟ ମଲ ଗାଡାକା ପ୍ରମୁଖ ଉପସ୍ଥିତ ଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଉମରକୋଟ, ୨୪।୯(ସ୍ୱ.ପ୍ର.) ତଖୋଜ ଥିବା ଉମରକୋଟ ବ୍ଲକ ଦରଗାଗୁଡ଼ା ଗୋବର୍ଦ୍ଧନ ମାଝୀ (୨୭)ଙ୍କ ମୃତଦେହ ଶୁକ୍ରବାର ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସୂଚନାନୁଯାୟୀ, ୧୭ ତାରିଖ ଶୁକ୍ରବାର ରାତି ପ୍ରାୟ ୯ଟାରେ ପାଖ ଦୋକାନକୁ ଯାଉଛି କହି ଗୋବର୍ଦ୍ଧନ ଘରୁ ବାହାରି ଯାଇଥିଲେ। ଏହାପରେ ସେ କିନ୍ତୁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଅନେକ ଖୋଜଖୋଜି କରି ବିଫଳ ହେବାପରେ ୨୧ ତାରିଖରେ ଉମରକୋଟ ଥାନାରେ ଗୋବର୍ଦ୍ଧନ ନିଖୋଜ ଥିବାନେଇ ଏତଲା ଦେଇଥିଲେ। ଶୁକ୍ରବାର ଗୋବର୍ଦ୍ଧନଙ୍କ ଭାଇ ମୋହନ ମାଝି ଗାଁ ନିକଟସ୍ଥ ଭାସ୍କେଲ ନଦୀକୁ ଯାଇଥିଲେ। ସେଠାରେ ଏକ ଗଛ ଡାଳରେ ଗୋବର୍ଦ୍ଧନଙ୍କ ଝୁଲନ୍ତା ମୃତଦେହକୁ ମୋହାନ ଦେଖିଥିଲେ। ସେ ଏ ନେଇ ଉମରକୋଟ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୬୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସାପ କାମୁଡ଼ାରେ ନାବାଳକ ମୃତ

ଉମରକୋଟ, ୨୪।୯(ସ୍ୱ.ପ୍ର.)-ଉମରକୋଟ ବ୍ଲକ ଚିକଲପଦର ପଞ୍ଚାୟତ ସଦର ଗାଁରେ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ରାମସିଂ ଗଣ୍ଡଙ୍କ ସାନ ପୁଅ ଅର୍ଜୁନ (୧୧)। ଶୁକ୍ରବାର ରାତିରେ ଅର୍ଜୁନ ଶୋଇଥିବା ବେଳେ ହଠାତ୍ ରାତି ପ୍ରାୟ ୩ଟାରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଏହି ସମୟରେ ଅର୍ଜୁନଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠି ଖୋଜାଖୋଜି କରିଥିଲେ। କିନ୍ତୁ କିଛି ପାଇଁ ନ ଥିଲେ। ଭୋର ୫ଟା ବେଳେ ଅର୍ଜୁନଙ୍କ ମୁହଁରୁ ଫେଣ ବାହାରିବା ମା ଉଜଳା ଦେଖିଥିଲେ। ପରେ ସେ ରାମ ସିଂଙ୍କୁ ଜଣାଇଥିଲେ। ପରିବାର ଲୋକେ ଅର୍ଜୁନଙ୍କୁ ଧରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେବା ବାଟରେ ତାଙ୍କ ମୃତ୍ୟ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଅର୍ଜୁନଙ୍କୁ ମୃତ ଘୋଷଣା କରିଥିଲେ। ୬୫/୨୧ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗଜଲକ୍ଷ୍ମୀ ପୂଜା କମିଟି ପ୍ରସ୍ତୁତି ବୈଠକ



ରାୟଗଡ଼ା ଅଫିସ, ୨୪।୯-ରାୟଗଡ଼ା ସହର ନିଉ କଲୋନୀରେ ଚଳିତ ବର୍ଷ ୨୬ତମ ଗଜଲକ୍ଷ୍ମୀ ପୂଜା ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଏନ୍. ତ୍ରିନାଥ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ପୂର୍ବତନ ସଭାପତି ସହଦେବ ଚୌଧୁରୀଙ୍କ ଆତ୍ମାର ଶାନ୍ତି ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଛି। ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ନିରାଡମ୍ବର ଭାବେ ଏହି ପୂଜା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗତ ବର୍ଷର ପୂଜା ବିବରଣୀ ପାଠ କରାଯାଇଥିଲା। ପୂଜାର ଅନ୍ୟ କାର୍ଯ୍ୟ ପ୍ରଣାଳୀ ଓ କମିଟିର ନୂତନ ସଭାପତି ଚୟନ ଆସନ୍ତା ବୈଠକରେ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି।

# ପୂରଣ ହେବାକୁ ଯାଉଛି ୫୦ ବର୍ଷର ଦାବି

- ବଂଶଧାରା ଉପରେ ନିର୍ମାଣ ହେବ ସେତୁ
- ୨୭.୯ କୋଟି ଟଙ୍କାର ବ୍ୟୟ ଅଟକଳ

ଗୁଣପୁର,୨୪।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ଅନ୍ତର୍ଗତ ପଦ୍ମପୁର ବ୍ଲକର ନାଇରା ଠାରୁ ଲୋକନାଥପୁରକୁ ସଂଯୋଗ ନିମନ୍ତେ ବଂଶଧାରା ନଦୀ ଉପରେ ସେତୁ ନିର୍ମାଣ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଏହି ସେତୁ ନିର୍ମାଣ ଦୀର୍ଘ ୫୦ ବର୍ଷର ଦାବି ହୋଇଥିବାବେଳେ ଏବେ ଏହି ଦାବି ପୂରଣ ହେବାକୁ ଯାଉଛି। ଏଥିନିମନ୍ତେ ରାଜ୍ୟ



ସରକାରଙ୍କ ପକ୍ଷରୁ ୨୭ କୋଟି ୯୬ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ବୁଧବାର ଶେଷ ହୋଇଥିବା ଜଣାପଡ଼ିଛି।

ଏହି ସେତୁ ନିର୍ମାଣ ହେଲେ ପଦ୍ମପୁର ବ୍ଲକର ନାଇରା ପଞ୍ଚାୟତ ଓ ଡେରିଗାଁ ପଞ୍ଚାୟତ ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବିକାଶ ଘଟିବ। ସେହିପରି ଏହି ସେତୁ ହେବା ଦ୍ୱାରା ଗୁଡାରୀ ବ୍ଲକ ଓ ଏନ୍‌ଏସି ଅଞ୍ଚଳବାସୀ ରାୟଗଡ଼ା ଜିଲା ସଦରକୁ ପ୍ରାୟ ୧୦ କିଲୋମିଟର ଦୂରତା କମିଯିବ। ଫଳରେ ଅଞ୍ଚଳବାସୀ ବହୁ ସମସ୍ତ କ୍ଷେତ୍ରରେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏହି ସେତୁ ନିର୍ମାଣ ପାଇଁ ରାୟଗଡ଼ା ଜିଲାର ବରିଷ୍ଠ ନେତା ତଥା ନାଇରା ଗ୍ରାମର ମୂଳ ବାସିନ୍ଦା ଦିବଂଗତ ଯଯାତି କେଶରୀ ସାହୁ ଦୀର୍ଘ ବର୍ଷ ଧରି ଦାବି କରି ଆସିଥିଲେ। କିନ୍ତୁ ୨୦୦୨ ନଭେମ୍ବରରେ ମାଓବାଦୀଙ୍କ ଆକ୍ରମଣରେ ତାଙ୍କର ନାଇରାସ୍ଥିତ ବାସଭବନରେ ମୃତ୍ୟୁ ଘଟିଥିଲା। ଯଯାତିଙ୍କୁ ହତ୍ୟା କରିବା ପାଇଁ ମାଓବାଦୀମାନେ ତାଙ୍କ ବାସଭବନକୁ ଘେରାଉ କରିଥିଲେ। ସେତେବେଳ ଯଯାତି ପ୍ରଥମେ ଗୁଡାରି ଥାନା ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ଗମନାଗମନର ସମସ୍ୟା ଯୋଗୁ ଗୁଡାରି ପୋଲିସ ସମୟରେ ପହଞ୍ଚି ପାରି ନ ଥିଲା। ସେତେବେଳେ ଏହି ସେତୁ ନିର୍ମାଣ ହୋଇଥିଲେ ଅନେକଙ୍କ ଧନ ଜୀବନ ରକ୍ଷା ହେବା ସହ ଶିକ୍ଷା ଓ ବାଣିଜ୍ୟ କ୍ଷେତ୍ରରେ ବହୁ ଉନ୍ନତି ହୋଇଥାନ୍ତା ବୋଲି ପଦ୍ମପୁର ଓ ଗୁଡାରିବାସୀ ମତପ୍ରକାଶ କରିଛନ୍ତି।

## ସେମାନେ ଯାହା କୁହନ୍ତି...



" ଏହି ସେତୁ ନିର୍ମାଣ ଦାବି ଦୀର୍ଘ ଦିନର। ଏବେ ସରକାର ଏ ବିଷୟରେ ଚିନ୍ତା କରିବା ସ୍ୱାଗତଯୋଗ୍ୟ। ପୂର୍ବରୁ ସେତୁ ନିର୍ମାଣ ହୋଇଥିଲେ ଅଞ୍ଚଳର ଅନେକ ବିକାଶ ଘଟିଥାନ୍ତା। ସ୍ୱର୍ଗତ ଯଯାତି ସାହୁ ମଧ୍ୟ ଆଜି ଜୀବିତ ରହିଥାନ୍ତେ।

**-ନବୀନ ରଥ, ଅବସରପ୍ରାପ୍ତ ଶିକ୍ଷକ, ନାଇରା**



" ପଦ୍ମପୁର ଓ ଗୁଡାରିବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଧନ୍ୟବାଦ ଦେଉଛି।

**-ସୁଧୀର କୁମାର ଦାସ, ବିଏସ୍‌କେୱାଇ ଉପଦେଷ୍ଟା**



" ମୁଖ୍ୟମନ୍ତ୍ରୀ ଲୋକଙ୍କ ବାସ୍ତବ ସମସ୍ୟାକୁ ହୃଦୟଙ୍ଗମ କରିଥିବାରୁ ଉପାନ୍ତ ଅଞ୍ଚଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସେତୁ ନିର୍ମାଣ କରୁଛନ୍ତି।

**-ରଘୁନାଥ ଗମାଙ୍ଗ, ବିଧାୟକ, ଗୁଣପୁର**

# ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଗୁଣପୁରର ସନ୍ଦୀପ

ଗୁଣପୁର,୨୪।୯(ଡି.ଏନ୍.ଏ.)



ସନ୍ଦୀପ

ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ସନ୍ଦୀପ କୁମାର କରକରିଆ ଜାତୀୟ ସ୍ତରରେ ଆୟୋଜିତ ସଫ୍ଟବଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇ ବିଦ୍ୟାଳୟ ଏବଂ ରାୟଗଡ଼ା ଜଲା ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ସଫ୍ଟବଲ ଆସୋସିଏଶନ ଦ୍ୱାରା କଟକର ସତ୍ୟବ୍ରତ ଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ଓଡ଼ିଶା ଦଳରେ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ପଗୁୱାରା ଠାରେ ଜାତୀୟ ସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ସମେତ ଅନ୍ୟ ରାଜ୍ୟର ପ୍ରତିଯୋଗୀ ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ସନ୍ଦୀପଙ୍କ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ଖୁସି ବ୍ୟକ୍ତ କରିବା ସହ ଜାତୀୟ ସ୍ତରରେ ସଫଳତା ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ଜିଆଇଇଟି ବିଶ୍ୱବିଦ୍ୟାଳୟର ମହା ନିର୍ଦ୍ଦେଶକ ଜଗଦୀଶ ପଣ୍ଡା ଅଭିନନ୍ଦନ ଜଣାଇ ଏହି ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣିବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ସେହିପରି ଜିଆଇଇଟି ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟପ୍ରକାଶ ପଣ୍ଡା, ସମ୍ପାଦକ ଚନ୍ଦ୍ରଧ୍ୱଜ ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି।

# ସ୍ମାର୍ଟ ସ୍କୁଲ କାର୍ଯ୍ୟ ତଦାରଖ କଲେ



ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

- ଜିଲାପାଳଙ୍କ ବିଷମକଟକ ବ୍ଲକ ଗସ୍ତ
- ଡଙ୍ଗରିଆଙ୍କ ସମସ୍ୟା ବୁଝିଲେ

ବିଷମକଟକ/ଦୁର୍ଗୀ,୨୪।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଶୁକ୍ରବାର ବିଷମକଟକ ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଦୁର୍ଗୀ ପଞ୍ଚାୟତ ସମିତିଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ଚାଲିଥିବା ସ୍ମାର୍ଟସ୍କୁଲ ନିର୍ମାଣ କାର୍ଯ୍ୟର ତଦାରଖ କରିଥିଲେ। ଦୁର୍ଗୀଠାରେ ସ୍କୁଲର ବିଭିନ୍ନ ଶ୍ରେଣୀଗୃହ ବୁଲି ଦେଖିବା ସହ ଇ-ଲାଇବ୍ରେରୀ, ଡିଜିଟାଲ ଶ୍ରେଣୀଗୃହର ଡିଜାଇନ୍ ଆଦି ବିଷୟରେ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ମାନଙ୍କୁ ପଚାରି ବୁଝିଥିଲେ। ପରେ ଡାଳିଆକୁଜି ପଞ୍ଚାୟତ ଅଧୀନରେ ଥିବା ନିୟମଗିରିର ବଡ଼ ଦ୍ୱାରଗୁଡ଼ି ଓ ସାନ ଦ୍ୱାରଗୁଡ଼ିଠାରେ ନୂତନ ଭାବେ ହେଉଥିବା ରାସ୍ତା ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ସମୟରେ ଜିଲାପାଳ ଡଙ୍ଗରିଆମାନଙ୍କ ସହ ଆଲୋଚନା କରି ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏଥିସହ ପିଡିଏସ୍ ଚାଉଳ, ଭତ୍ତା ଓ ସରକାରଙ୍କ ସମସ୍ତ ଯୋଜନାର ସୁବିଧା ସେମାନେ ପାଉଛନ୍ତି କି ନାହିଁ ବୁଝିଥିଲେ। ପରେ ଛାଞ୍ଚଡାଗୁଡ଼ା ପଞ୍ଚାୟତସ୍ଥିତ ଜେଲ୍ ପରିଦର୍ଶନରେ ଯାଇ କଏଦୀମାନଙ୍କ ସହ ଆଲଚନା କରିଥିଲେ। ସେମାନଙ୍କ ଖାଦ୍ୟପେୟ ଓ ଅନ୍ୟ ସୁବିଧେ ଅସୁବିଧା ପଚାରି ବୁଝିଥିଲେ। ସେଠାରୁ ବ୍ଲକ ସଦର ସହକାରୀ ଉଚ୍ଚ ବିଦ୍ୟାଳୟରେ ବିଷମକଟକ, ମୁନିଗୁଡ଼ା ଓ ଚନ୍ଦ୍ରପୁର ବ୍ଲକର ପ୍ରଧାନ ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲାପାଳଙ୍କ ଗ୍ରସ୍ତବେଳେ ବିଷମକଟକ ବିଡିଓ ଆଲବର୍ଟ ଲାକଡ଼ା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଓ କନିଷ୍ଠ ଯନ୍ତ୍ରୀ ସୁଧାକର ରାଓ ଉପସ୍ଥିତ ଥିଲେ।

# ପାଚିକା, ସହାୟିକା ମହାସଂଘର ଶୋଭାଯାତ୍ରା

ଗୁଣପୁର,୨୪।୯(ଡି.ଏନ୍.ଏ.)




ସଂଘ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଉଛି।

ରାୟଗଡ଼ା ଜିଲା ଗୁଣପୁରଠାରେ ଦକ୍ଷିଣ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ମହାସଂଘ ପକ୍ଷରୁ ଶୁକ୍ରବାର ଶୋଭାଯାତ୍ରା କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଇପାସ୍ ଛକଠାରୁ ଶୋଭାଯାତ୍ରା ବାହାରି ଗୁଣପୁର ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଂସଦାଙ୍କୁ ପ୍ରଦାନ କରାଯାଇଛି। ୨୦୨୦ ମାର୍ଚ୍ଚରୁ ଏ ପର୍ଯ୍ୟନ୍ତ କରୋନା ପରିସ୍ଥିତିରେ ସମସ୍ତ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସରକାର ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଦେଉ ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସଂଘର ପ୍ରମୁଖ ଦାବି ମଧ୍ୟରେ ସମସ୍ତ ସ୍କିମ ୱାର୍କର୍ସ ଯଥା ପାଚିକା, ସହାୟିକା, ଆଶା ଓ ଅଙ୍ଗନୱାଡି ମାନଙ୍କୁ

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କରୋନା ଯୋଦ୍ଧା ଘୋଷଣା କରିବା, ତାଲାବନ୍ଦ ସମୟରେ ସେମାନଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଯଥା ୧୦ ହଜାର ଟଙ୍କା ପ୍ରଦାନ, ମାସିକ ୨୧ ହଜାର ଟଙ୍କା ବେତନ ପ୍ରଦାନ, ମାଗଣାରେ ପିପିଇ କିଟ୍ ପ୍ରଦାନ, ବକେୟା ଏବଂ ବର୍ଦ୍ଧିତ ଦରମା ତୁରନ୍ତ ପ୍ରଦାନ, ପାଚିକା ଓ ସହାୟିକାମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ପେନସନ ସହ ରୋଷେଇ ବାବଦର କାଠର ଟଙ୍କା ପ୍ରଦାନ, ୪ ଶ୍ରମ ଆଇନ ପ୍ରତ୍ୟାହାର ଏବଂ ସମସ୍ତ ପ୍ରକାର ବୀମାରେ ଶ୍ରମିକମାନଙ୍କୁ ସାମିଲ କରିବା, ଛୁଟି ସମୟରେ ପାଚିକା ମାନଙ୍କୁ ଦରମା ବ୍ୟବସ୍ଥା ଏବଂ ରୋଷେଇ କାର୍ଯ୍ୟକ୍ରମକୁ ଠିକାରେ ଦେବା ବନ୍ଦ କରିବା ଆଦି ଅନ୍ତର୍ଭୁକ୍ତ। ଦାବିପତ୍ର ପ୍ରଦାନବେଳେ ମୁନି ଶବର ଏବଂ ଉପଦେଷ୍ଟା ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଶହୀଦ ପ୍ରଶାନ୍ତ ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କୋଷାଗୁମୁଡା/ନବରଙ୍ଗପୁର, ୨୪।୯(ଡି.ଏନ୍.ଏ./ବି.ପ୍ର.)

ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତମ ଦାସଙ୍କ ତତ୍ତ୍ୱାବଧାନରେ ପୋଲିସ ରିଜର୍ଭ କାର୍ଯ୍ୟାଳୟରେ ଶହୀଦପ୍ରଶାନ୍ତ ପାତ୍ରଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ଉପସ୍ଥିତ ଲୋକେ ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏଏସ୍‌ପି, ରିଜର୍ଭ ଇନ୍ସପେକ୍ଟରଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ



ଥିଲେ। ସେହିଭଳି କୋଷାଗୁମୁଡା ବ୍ଲକ ସଦର ମହକୁମା ବସଷ୍ଟାଣ୍ଡରେ ମଧ ଶହୀଦ ପ୍ରଶାନ୍ତ ପାତ୍ରଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ବସଷ୍ଟାଣ୍ଡରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ମାଲ୍ୟାର୍ପଣ କରାଯାଇଛି। ଏହି ସମୟରେ ବ୍ଲକ ଅଧ୍ୟକ୍ଷା ଗୀତାମଣି ସମରଥ, ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଷାଗୁମୁଡା ଥାନା ଏସ୍‌ଆଇ ଆଲୋକ ପ୍ରସାଦ ଭୋଇ, ମୋଟର ୟୁନିଅନ ସଭାପତି କେ.ଏନ୍.ରାଜୁ, ସ୍ଥାନୀୟ ସରପଞ୍ଚ ନେତ୍ରୁ ପୂଜାରୀଙ୍କ ସମେତ ଶହୀଦଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ୨୦୧୧ ସେପ୍ଟେମ୍ବର ୨୪ରେ ଉମରକୋଟ ବିଧାୟକ ଜଗବନ୍ଧୁ ମାଝି ରାଇଘରର ଏକ ସଭାରେ ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ଉକ୍ତ ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କନଷ୍ଟେବଲ ପ୍ରଶାନ୍ତ ପାତ୍ର ମଧ୍ୟ ଆତତାୟୀଙ୍କ ଗୁଳିରେ ଶହୀଦ ହୋଇଥିଲେ।

# ଶିକ୍ଷକ ସମସ୍ୟା ଦୂର ନ ହେଲେ ସ୍କୁଲରେ ତାଲା ପକାଇବା ଧମକ

## ଆଦର୍ଶ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

କୋଷାଗୁମୁଡା, ୨୪।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ମାଝିଗୁଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ଏଠାରୁ ପୁଣିଥରେ ଦୁଇ ଶିକ୍ଷକଙ୍କୁ ବଦଳି କରାଯାଇଛି। ବର୍ତ୍ତମାନ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ମାତ୍ର ୭ ଜଣ ଶିକ୍ଷକ ଅଛନ୍ତି। ଏଠାରେ +୨ ପାଇଁ ଆଡମିଶନ କରାଯାଉଛି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୯୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୫୬ ଜଣ +୨ରେ ଆଡମିଶନ କରିଛନ୍ତି। ଶିକ୍ଷକ ଅଭାବ କାରଣରୁ ପିଲାଙ୍କ ପାଠପଢ଼ା ନେଇ ଚିନ୍ତାରେ ଅଭିଭାବକ। ଏହି ସମସ୍ୟା ସମ୍ପର୍କରେ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଅଭିଭାବକମାନେ ତୁରନ୍ତ ଶିକ୍ଷକ ପଦବୀ ପୂରଣ ନ ହେଲେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ଠୁଙ୍କିବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ସୀମାଞ୍ଚଳ ପଟ୍ଟନାୟକ, ଜଗନ୍ନାଥ ବାରିକ, ଲାଲୁ ଚୌଧୁରୀ, ଅଶୋକ ବେହୁରିଆ, ତ୍ରିଲୋଚନ ସ୍ୱାଇଁ, ବାଲ୍ୟ ମହାପାତ୍ର ଓ ଅନ୍ୟ ଅଭିଭାବକମାନେ ଉପସ୍ଥିତ ଥିଲେ।



# ସମାଜ ପ୍ରତି ସ୍ୱେଚ୍ଛାସେବୀଙ୍କ ଭୂମିକା ନେଇ ଆଲୋଚନା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

ବିଷମକଟକ,୨୪।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକସ୍ଥିତ ମାଁ ମାର୍କମା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଅଶ୍ୱନି କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ଏସ୍‌ଏସ୍‌ର ମୂଳ ଉଦ୍ଦେଶ୍ୟ, ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ। ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପ୍‌ଟେନ ବି. ରବିଶଙ୍କର ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଅଶ୍ୱିନି କୁମାର ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଦୀପ୍ତିରାଣୀ ପଣ୍ଡା, ପ୍ରଦୀପ କୁମାର ଭଞ୍ଜ, ନିରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ହଜିଯାଇଥିବା ୨୬ ମୋବାଇଲ ଫୋନ୍ ଜବତ

ନବରଙ୍ଗପୁର,୨୪।୯(ବି.ପ୍ର.)

ନବରଙ୍ଗପୁର ପୋଲିସ ୨୬ଟି ସ୍ମାର୍ଟ ଫୋନ ଉଦ୍ଧାର କରିଛି। ଏହାପରେ ମୋବାଇଲ ଫୋନ୍ ମାଲିକଙ୍କୁ ଡକାଯାଇ ସେମାନଙ୍କ ଫୋନ ହସ୍ତାନ୍ତର କରାଯାଇଛି। ସୂଚନାନୁଯାୟୀ ନବରଙ୍ଗପୁର ପୋଲିସ ଯେଉଁମାନଙ୍କ ସ୍ମାର୍ଟ ଫୋନ ଚୋରି ହୋଇଛି କିମ୍ବା ହଜି ଯାଇଛି ତାହା ଉପରେ ଏକ ଆଭ୍ୟନ୍ତରୀଣ ତଦନ୍ତ ଚଳାଇଥିଲେ। ସେଥିରୁ ଜିଲା ବାହାରୁ ଏବଂ ରାଜ୍ୟ ବାହାରୁ ଚୋରି ହୋଇଥିବା ମୋଟ ୨୬ଟି ସ୍ମାର୍ଟ ପୋଲିସ ଜବତ କରିଛି। ଫୋନ୍ ମାଲିକମାନଙ୍କୁ ଡକାଯାଇ ସେମାନଙ୍କ ଫୋନ୍ ହସ୍ତାନ୍ତର କରାଯାଇଛି। ପୋଲିସ ମୁଖ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଆଗକୁ ଯେତେବେଳେ ମଧ୍ୟ ଯାହାର ମୋବାଇଲ ଫୋନ କିମ୍ବା କୌଣସି ଇଲେକ୍ଟ୍ରୋନିକ୍ସ ଜିନିଷ କିଛି ହଜି ଯାଉଛି କିମ୍ବା ଚୋରି ହୋଇଯାଉଛି ତାହେଲେ ତୁରନ୍ତ ଆମ ସିୟୁଜି ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଏସ୍‌ପି କହିଛନ୍ତି। ନଚେତ୍ ଆମକୁ ମେଲ୍ ମାଧ୍ୟମରେ ଜଣାଇପାରିବେ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଆଦର୍ଶ ଥାନାଧିକାରୀ ତାରିକ ଅହମ୍ମଦଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

# ପାଠପଢ଼ା ସହ ସମାଜ ସେବାରେ ବ୍ରତୀ ହୁଅ

## ନବରଙ୍ଗପୁର ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୨୪।୯(ବି.ପ୍ର.)

ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ ସ୍ୱେଚ୍ଛାସେବୀଙ୍କୁ ପାଠପଢା ସହ ସମାଜସେବାରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଯୁବ ରେଡ଼କ୍ରସ୍ ଜିଲା ସମ୍ପାଦକ ଡ. ଭାସ୍କରନାଥ ବିଶ୍ୱାଳ, ଏନ୍‌ଏସ୍‌ଏସ୍ ଜିଲା ସଂଯୋଜକ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀମାନେ ନିଜ ବ୍ୟକ୍ତିତ୍ୱର ବିକାଶ ସହ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଅଧ୍ୟାପକ ଜାହାଙ୍ଗୀର ମହମ୍ମଦ, ଶମ୍ଭୁ ପ୍ରସାଦ ହୋତା, ଡ. ନୀଳାଚଳ ମିଶ୍ର, ଜିତେନ୍ଦ୍ର ରଥ, ଅଶ୍ୱିନୀ ବେହେରା, ପ୍ରଭଞ୍ଜନ ବେହେରା,ମନୋଜ କୁମାର କଂସବେହେରା, ନିର୍ମଳା ହିକ୍କା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପ୍ରତିଷ୍ଠା ଦିବସ ପାଳନ ଦ୍ୱିତୀୟ ପର୍ଯ୍ୟାୟରେ କଲେଜ ପରିସରରେ ସଫେଇ ଓ ଚାରା ରୋପଣ କରାଯାଇଛି। କାର୍ଯ୍ୟଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇଥିଲେ। ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ, ମଡେଲ ଡିଗ୍ରୀ କଲେଜ, ଡାବୁଗାଁ ଭୈରବ ମହାବିଦ୍ୟାଳୟ, ଉମରକୋଟ ପେଣ୍ଡାଣି ମହାବିଦ୍ୟାଳୟ ଓ ଚନ୍ଦାହାଣ୍ଡି ପାନାବେଡା କଲେଜରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ମାନସୀ ମହାପାତ୍ରଙ୍କ ସହାୟତାରେ ଦୁଇଜଣ ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ଭୂଷଣ ଏବଂ ଶୁଭଶ୍ରୀ ସାବତ ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭୁବନେଶ୍ୱର ଯାଇଛନ୍ତି ।

## ସଂକ୍ଷେପରେ

### ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ



କୋରିଆ, ୨୪।୯(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା କୋରିଆ ରାଜ ଚଉରିଆ କଲେଜରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତ୍ରିପତି ପଟ୍ଟନାୟକ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀଙ୍କୁ ମୁଦ୍ରା ବିଜ୍ଞାନ ବିଷୟରେ ତାଲିମ ଦେଇଥିଲେ। ନିଜେ ସୁସ୍ଥ ରହି ସମାଜକୁ ସୁସ୍ଥ ରଖିବାର ମନ୍ତ୍ର ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଅମିତା ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ଅଧିକାରୀ ରବି ନାରାୟଣ ପାଣିଗ୍ରାହୀ ବକ୍ତା ଭାବେ ଯୋଗ ଦେଇ ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଭୋଟ ଦେଲେ ୫୫ ହାବିଲଦାର, କନଷ୍ଟେବଲ

### ହାବିଲଦାର-କନଷ୍ଟେବଲ ମହାସଂଘର ମତଦାନ

ଗୁଣପୁର, ୨୪।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲାର ହାବିଲଦାର ଏବଂ କନେଷ୍ଟବଲ ମହାସଂଘର ବିଭିନ୍ନ ପଦ ପଦବୀ ପାଇଁ ଶୁକ୍ରବାର ଗୁଣପୁର ଆଦର୍ଶ ଥାନରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଥାନା ଅଧୀନସ୍ଥ ୫୫ ହାବିଲଦାର ଓ କନେଷ୍ଟବଲ ନିଜ ନିଜର ମତଦାନ କରିଥିଲେ। ସକାଳ ୭ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ହୋଇଥିଲା। ସଭାପତି ପାଇଁ ୩ ଜଣ ପ୍ରତିଦ୍ୱନ୍ଦ୍ୱୀତା କରୁଥିବାବେଳେ ଶନିବାର ଫଳାଫଳ ଘୋଷଣା ହେବ ବୋଲି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଆଦର୍ଶ ଥାନାଧିକାରୀ ଯଶବନ୍ତ ହିଆଲ ସୂଚନା ଦେଇଛନ୍ତି।

### ଟ୍ରାକ୍ଟର-ବାଇକ୍ ଦୁର୍ଘଟଣା, ଜଣେ ମୃତ

ମୁନିଗୁଡ଼ା, ୨୪।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ମୁନିଗଡ଼ା ଥାନା ଅଧୀନ ଲିଟିଗୁଡ଼ା ଛକରେ ଶୁକ୍ରବାର ଟ୍ରାକ୍ଟର ଏବଂ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଗଦଳପୁର ଫାଣ୍ଡି ଅଧୀନ ବାରିତୋଳା ଗ୍ରାମର ପୁରୁଷୋତ୍ତମ ହିକକା(୨୪)। ପୁରୁଷୋତ୍ତମ କୌଣସି କାମରେ ବାଇକ୍ ଯୋଗେ ନିଜ ଗାଁ ପାରିତୋଳାରୁ ମୁନିଗୁଡ଼ାର ଟିକରପଡ଼ାସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରାକ୍ଟରକୁ ପଛରୁ ଧକ୍କା ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶ କ୍ରମେ ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ସମେତ ପୋଲିସ ଟିମ୍ ପହଞ୍ଚି ମୃତଦେହ ଜବତ କରିଥିଲେ। ସେହିପରି ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ବାଇକକୁ ଜବତ କରି ତଦନ୍ତ ଚାଲିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ଖବରଦାତାଙ୍କ ବିୟୋଗରେ ନୀରବ ପ୍ରାର୍ଥନା

ଗୋବିନ୍ଦପାଲି, ୨୪।୯(ଡି.ଏନ.ଏ.)- ଖବରଦାତା ଅରିନ୍ଦମ ଦାସଙ୍କ ଅକାଳ ବିୟୋଗରେ ଗୋବିନ୍ଦପାଲି ବସ୍‌ଷ୍ଟାଣ୍ଡଠାରେ ଜନସାଧାରଣଙ୍କ ପକ୍ଷରୁ ଶୁକ୍ରବାର ନୀରବ ପ୍ରାର୍ଥନା କରାଯାଇ ଶୋକପ୍ରକାଶ କରାଯାଇଛି। ସ୍ଥାନୀୟ ଜନ ସାଧାରଣ,ବ୍ୟବସାୟୀ,ଖବରଦାତାମାନେ ଉପସ୍ଥିତ ରହି ତାଙ୍କ ସାହାସିକତା ଓ କାର୍ଯ୍ୟଶୈଳୀ ନେଇ ସ୍ମୃତିଚାରଣ କରିଥିଲେ। ତାଙ୍କ ଆତ୍ମାର ସଦଗତି କାମନା କରି ଶୋକ ସନ୍ତପ୍ତ ପରିବାରର ଦୁଃଖ ଦୂର ପାଇଁ ପ୍ରାର୍ଥନା କରିଥିଲେ।

### ବିଜେଡିର ବୈଠକ

ସେମିଳିଗୁଡା, ୨୪।୯(ସ୍ୱ.ପ୍ର.)-ସେମିଳିଗୁଡା ବ୍ଲକ ଦୁଧାରୀ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟାଙ୍ଗୀ ବିଧାୟକ ପିତମ ପାଢ଼ୀ ମୁଖ୍ୟଅତିଥି, ପର୍ଯ୍ୟବେକ୍ଷକ ରମାକାନ୍ତ ରାଉଳ, ରଘୁନାଥ ପାଢ଼ୀ, ସେମିଳିଗୁଡା ବ୍ଲକ ଅଧକ୍ଷା ବାସନ୍ତୀ ଛେଦନାୟକ, ଉପାଧକ୍ଷ ଅନନ୍ତରାମ ମାଟାମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆଗାମୀ ଦିନରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା, ପଞ୍ଚାୟତର ଲୋକଙ୍କ ଆସ୍ଥାଭାଜନ ହୋଇ ମନୋବଳ ବଢ଼ାଇବା, ସରକାରଙ୍କ ସମସ୍ତ ଯୋଜନା ଠିକ୍ ରୂପେ ଲୋକଙ୍କ ପାଖରେ ପହଞ୍ଚାଇବା ପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ ପାଢ଼ୀ ପରାମର୍ଶ ଦେଇଥିଲେ। ଦୁଧାରୀ ସଭାପତି ନାରାୟଣ ଚୌଧୁରୀ, ବ୍ଲକ ସମ୍ପାଦକ ଆଶିଷ ଭାଲୁ, ସମିତି ସଭ୍ୟ ତୁଳସୀ ମଣ୍ଡଳ ନାୟକ, ପାକଝୋଲା ସରପଞ୍ଚ ଲକ୍ଷ୍ମଣ ପାଢ଼ୀ, ଭବାନୀ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାସ୍ତାରେ ଫସିଲା କାଠ ବୋଝେଇ ଟ୍ରକ

କୋରୁକୋଣ୍ଡା, ୨୪।୯(ଡି.ଏନ୍.ଏ.)– ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଧୀନ ଟେକଗୁଡା ଠାରୁ ଏମ୍‌ଭି-୩୨ ଦେଇ ଏମ୍‌ଭି-୩୧ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡକରେ ଗୁରୁବାର ସନ୍ଧ୍ୟାରୁ ଏକ ଟ୍ରକ ଫସି ରହିଛି। ଏହି ଟ୍ରକଟି ମାଲକାନଗିରିରୁ କାଠ ବୋଝେଇ କରି ଏମ୍‌ଭି-୩୧ ଗ୍ରାମରୁ ତେଲଙ୍ଗାନାର ଭଦ୍ରାଚଳମ ଯାଉଥିଲା। ରାସ୍ତା ପାର୍ଶ୍ୱ କାଦୁଅରେ ଟ୍ରକଟି ଫସି ରହିଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ସମ୍ପର୍କରେ ବାରମ୍ବାର ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ପ୍ରଶାସନ କିଛି ପଦକ୍ଷେପ ନେଉନାହିଁ। ଏବେ ଲୋକେ ଗ୍ରାମକୁ ଆସିବାକୁ ହେଲେ ୫/୬କି.ମି. ବୁଲି ଆସୁଛନ୍ତି। ରୋଗୀ ନେଇ ଆସୁଥିବା ଆମ୍ବୁଲାନ୍ସ ମଧ୍ୟ ଏପରି ଅଧିକ ରାସ୍ତା ବୁଲି ଆସୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଗତ ୧୦ତାରିଖରେ ଏହି ସ୍ଥାନରେ ଏକ ଧାନ ବୋଝେଇ ଟ୍ରକ ବହୁ ସମୟ ଫସି ରହିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



କାଦୁଅ ରାସ୍ତାରେ ଫସି ରହିଥିବା ଟ୍ରକ।

- ଏମ୍‌ଭି-୩୧ରୁ ତେଲଙ୍ଗାନାର ଭଦ୍ରାଚଳମ ଯାଉଥିଲା
- ଅଭିଯୋଗ କଲେ ଶୁଣୁନି ପ୍ରଶାସନ
- ୧୦ରେ ଏପରି ଫସିଥିଲା ଏକ ଧାନ ବୋଝେଇ ଟ୍ରକ

# ଜାତୀୟ ସେବା ଯୋଜନା ଦିବସ ପାଳିତ




କଲେଜ ପରିସରରେ ସଫେଇ କାର୍ଯ୍ୟ କରାଯାଉଛି।

ଡାବୁଗାଁ, ୨୪।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହରେ ଶୁକ୍ରବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଶଙ୍କର ଗନ୍ତାୟତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ଶଶାଙ୍କ ଶେଖର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ଜଗମୋହନ ବାଘ, ମଦ୍ରାକ୍ଷ ନାୟକ, ଜୟରାମ ମନୋହର, ଅଧ୍ୟାପିକା ମନୀଷା ସରକାର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପିକା ଉର୍ମିଳା ବ୍ରହ୍ମା ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ଆଜିର ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୪୧ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅଧ୍ୟାପିକା ଚନ୍ଦନା ପଣ୍ଡା ଧନ୍ୟବାଦ ଦେଇଥିଲେ। ସଭା ପରେ ମହାବିଦ୍ୟାଳୟ ପରିସର ସଫେଇ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

# କଂଗ୍ରେସରେ ସାମିଲ ହେଲେ ୪୦୦ ନୂତନ କର୍ମୀ



କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା, ଜିଲା ସଭାପତି ଓ ଦଳରେ ମିଶିଥିବା ନୂତନ ସଦସ୍ୟମାନେ ।

ରାୟଗଡ଼ା ଅଫିସ,୨୪।୯

ପୌର ଓ ପଞ୍ଚାୟତ ନିର୍ବାଚନକୁ ନେଇ ରାୟଗଡ଼ା ଜିଲା ରାଜନୀତି ଚଳଚଞ୍ଚଳ ହୋଇଛି। ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ଦଳବଦଳ ପର୍ବ ଚାଲିଛି। ନିକଟରେ ଜିଲାର ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ଭୁବନେଶ୍ୱରଠାରେ ବିଜେଡିରେ ସାମିଲ ହୋଇଥିବାବେଳେ ଶୁକ୍ରବାର ୪୦୦ ନୂତନ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ରାୟଗଡ଼ା ଲାୟନ୍ସ କ୍ଲବ ଠାରେ ଆୟୋଜିତ କାଶୀପୁର ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ ଓ ମିଶ୍ରଣ କାର୍ଯ୍ୟକ୍ରମରେ କର୍ମୀମାନେ କଂଗ୍ରେସରେ ଯୋଗ ଦେଇଛନ୍ତି।

ଗତ ନିର୍ବାଚନରେ ମନୋମାଳିନ୍ୟ ଯୋଗୁ କାଶୀପୁର ବ୍ଲକର ଜୋନ ୨ ସଭାପତି ସାନ୍ଧୁ ମାଝି ଓ ଗଜେନ୍ଦ୍ର ନାୟକ(ବୁଲୁ)ଙ୍କୁ ଦଳରୁ ନିଲମ୍ବନ କରାଯାଇଥିବାବେଳେ ଶୁକ୍ରବାର ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯିବା ପରେ ଦୁହେଁ ପୁଣି ଦଳକୁ ଫେରିଥିବା ଜଣାପଡ଼ିଛି। କୋରାପୁଟ ଏମ୍‌ପି ତଥା କଂଗ୍ରେସ ନେତା ସପ୍ତଗିରି ଉଲାକା, ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ଏଆଇସିସି ସଦସ୍ୟ ରତ୍ନମଣି ଉଲାକାଙ୍କ ଉପସ୍ଥିତିରେ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଏମାନଙ୍କ ବ୍ୟତୀତ କଂଗ୍ରେସରେ ସାମିଲ ହୋଇଥିବା ନୂତନ କର୍ମୀଙ୍କ ମଧ୍ୟରେ ବହୁ ବିଜେଡି ଓ ସ୍ୱାଧୀନ କର୍ମୀ ରହିଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ କାଶୀପୁର ଅଞ୍ଚଳର ସର୍ବାଧିକ ରହିଥିବା ଜଣାପଡ଼ିଛି। କଶିପୁର ଅଞ୍ଚଳରେ ଲୋକଙ୍କ ପାଇଁ କୌଣସି ଆଖିଦୃଶିଆ ବିକାଶ କାର୍ଯ୍ୟକ୍ରମ ହୋଇନି ବୋଲି ଏମ୍‌ପି ଏଠାରେ କହିଛନ୍ତି। ରାୟଗଡ଼ା ଜିଲା କଂଗ୍ରେସର ଗଡ଼ ରୂପେ ପରିଚିତ। ଏହାକୁ ପୁଣି ପୂର୍ବ ଭଳି ସୁଦୃଢ଼ କରିବାକୁ ଦଳ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଥିବା ଦେଖିବାକୁ ମିଳିଛି। ମିଳିମିଶି ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଏମ୍‌ପି ନୂତନ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କାଶୀପୁର ବ୍ଲକ କଂଗେସ କମିଟିର ଉପ ସଭାପତି ଜଗନାଥ ପଣ୍ଡା, ଦୁର୍ଗା ପଣ୍ଡା, କାଶୀପୁର ବ୍ଲକ ସଭାପତି ଅଙ୍ଗଦ ନାୟକ, ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ତଥା ଏଆଇସିସି ସଦସ୍ୟ ରତ୍ନମଣି ଉଲାକା, କଂଗ୍ରେସ କମିଟି ସମ୍ପାଦକ ସିମାଞ୍ଚଳ ଉଲାକା, ଜିଲା କଂଗେସ କମିଟି ଉପ ସଭାପତି ସୁନୀଲ ପଣ୍ଡା, ଆପଲ ସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ କମିଟି ଉପ ସଭାପତି ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ।

- ଦଳକୁ ଫେରିଲେ ୨ ନିଲମ୍ବିତ ସଦସ୍ୟ
- ନୂତନ କର୍ମୀଙ୍କ ମଧ୍ୟରେ ଅନେକ କାଶିପୁର ଅଞ୍ଚଳର
- ମିଳିମିଶି ଲୋକଙ୍କ କାମ କରିବାକୁ ଏମ୍‌ପିଙ୍କ ପରାମର୍ଶ

# ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି/କୋରୁକୋଣ୍ଡା, ୨୪।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଓର୍କେଲ ଥାନା ପୋଲିସ ପକ୍ଷରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଦୁଇଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଉତ୍ତର ପ୍ରଦେଶ ପ୍ରୟାଗରାଜ ଜିଲା ଧଞ୍ଜାୟା ଗ୍ରାମର ମୁକେଶ୍ କୁମାର ଓ ଅନ୍ୟଜଣେ ମାଲକାନଗିରି ଜିଲା ବାଲିମେଳା ଦୈନିକ ବଜାରର ଅସୀମ ମଲ୍ଲିକ। ଶୁକ୍ରବାର ଭୋର ୩.୪୦ରେ ଓର୍କେଲ ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ଚିତ୍ରକୋଣ୍ଡା ପଟୁ ଏକ ଭ୍ୟାନ୍ ଦ୍ରୁତଗତିରେ ଆସୁଥିବା ଦେଖି କର୍ମଚାରୀମାନେ ଏହାକୁ ଅଟକାଇଥିଲେ। ଏହାକୁ ଯାଞ୍ଚ କରିବାରୁ ଗାଡି ପଛପଟ ଡାଲାରେ କିଛି ନଥିବା ଡାଲା ତଳେ ଏକ ସ୍ୱତନ୍ତ୍ର କ୍ୟାବିନ୍ ତିଆରି କରି କ୍ୟାବିନରେ ଗଞ୍ଜେଇ ଚାଲାଣ କରାଯାଉଥିବା ଜଣାପଡିଥିଲା। ପୋଲିସ ଉକ୍ତ କ୍ୟାବିନକୁ ଭାଙ୍ଗିବାରୁ କ୍ୟାବିନ୍ ଭିତରୁ ୫୦ଟି ପ୍ୟାକେଟରେ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ପୋଲିସ ଗଞ୍ଜେଇ ଜବତ କରି ମୁକେଶ ଓ ଅସୀମଙ୍କୁ ଗିରଫ କରିଥିଲା। କେସ୍ ନଂ. ୧୭୭/୨୧ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଗଞ୍ଜେଇର ବଜାର ମୂଲ୍ୟ ପ୍ରାୟ ୧କୋଟି ଟଙ୍କା ହେବ ବୋଲି ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଥାନା ଅଧିକାରୀ ଜନ କୁଜୁର ଉପସ୍ଥିତ ଥିଲେ।



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

# ଏନ୍‌ଏସ୍‌ଏସ୍ ପକ୍ଷରୁ ୨୧ ୟୁନିଟ୍ ରକ୍ତ ସଂଗ୍ରହ

ଗୁଣପୁର, ୨୪।୯(ଡି.ଏନ୍.ଏ.)

ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସରେ ରାୟଗଡ଼ା ଜିଲା ଗୁଣପୁର କଲେଜ ପକ୍ଷରୁ ଏକ ରକ୍ତଦାନ ଶିବିର ଶକ୍ରବାର ଅନଷ୍ଠିତ ହୋଇଯାଇଛି। କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ଛାତ୍ରୀଛାତ୍ର ତଥା ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। କଲେଜର ଅଧକ୍ଷ ବାମଦେବ ମିଶ୍ର ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁଙ୍କ ସମେତ ଡାକ୍ତର ଲକ୍ଷ୍ମଣ ପାତ୍ର ଏହି ଅବସରରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏଠାରେ ୨୧ ୟନିଟ ରକ୍ତ ସଂଗ୍ରହ ହୋଇଥିଲା। କୋଭିଡ୍ ଟିକାକରଣକୁ ନେଇ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅମୀୟ ରଞ୍ଜନ ମହାନ୍ତି, ପ୍ରାଧାପକ ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରାଧାପକ ଶଶୀଭୂଷଣ ମହାନ୍ତି, ଅଧାପିକା ଦେବୀଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେମୀ ଯୁଗଳଙ୍କ ଭିଡିଓ ଭାଇରାଲ କରି ୬ ଗିରଫ

ମାଲକାନଗିରି, ୨୪।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପଦ୍ମଗିରି ରାସ୍ତାରେ ଥିବା ଏକ ଜଙ୍ଗଲଠାରେ ପ୍ରେମୀ ଯୁଗଳ କଥାବାର୍ତ୍ତା ହେଉଥିବା ସମୟରେ ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଗଣମାଧ୍ୟମରେ ଭାଇରାଲ କରି ୬ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ସିନ୍ଧ୍ରିମାଳ ପଞ୍ଚାୟତ ସଦର ମହକୁମାର ଡମ୍ବରୁ ମାଡକାମି, ପ୍ରିତମ କରସ୍ତା, ତ୍ରିନାଥ କରସ୍ତା, କାନ୍ତ କରସ୍ତା, ସମାରୁ କରସ୍ତା ଓ ଦେବା ମାଢ଼ି।

ଖବରରୁ ଜଣାଯିଛି ମାଲକାନଗିର- ପଦ୍ମଗିରି ରାସ୍ତାରେ ଗୁରୁବାର ଜଣେ ଯୁବତୀ ଜଣେ ଯୁବକଙ୍କ ସହ ରାସ୍ତାପାର୍ଶ୍ୱ ଜଙ୍ଗଲରେ ବସି କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଉପରୋକ୍ତ ଯୁବକମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଧରି ମାରପିଟ କରିଥିଲେ। ଉଭୟେ କଲେଜରେ ପାଠ ପଢୁଥିବା ଏବଂ ସେମାନେ ପରସ୍ପରକୁ ଭଲ ପାଉଥିବା କହିଥିଲେ ମଧ୍ୟ ଯୁବକମାନେ ସେମାନଙ୍କୁ ଛାଡି ନ ଥିଲେ। ଯୁବତୀଙ୍କ ସହ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ଜଙ୍ଗଲରେ ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରି ଭାଇରାଲ ମଧ୍ୟ କରି ଦେଇଥିଲେ। ଏନେଇ ମାଲାକନଗିରି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଗିରଫ କରିଛି।



ଗିରଫ ୬ ଅଭିଯୁକ୍ତ।

## ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ରହୁନି କରୋନା ନିୟମ

ମାଲକାନଗିରି, ୨୪।୯ (ଡି.ଏନ୍.ଏ.)– କରୋନା ମହାମାରୀ ଆମ ରାଜ୍ୟରେ ସକ୍ରିୟ ଥିବା ବେଳେ ଏହାର ତୃତୀୟ ଲହରି ଶିଶୁ ମାନଙ୍କୁ ବିଶେଷ ପ୍ରଭାବିତ କରିବ ବୋଲି ସରକାର ସତର୍କ ସୂଚନା ଦେଇଛନ୍ତି।ଏଥିପାଇଁ ସବୁ କ୍ଷେତ୍ରରେ କୋଭିଡ୍ ନିୟମକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହି ନିୟମ ପାଳନ ହେଉ ନ ଥିବା ପରିଲକ୍ଷିତ ହୋଇଛି। ଶୁକ୍ରବାର କାର୍ଯ୍ୟାଳୟ ଭିତରେ ଏବଂ କାର୍ଯ୍ୟାଳୟ ବାହାରେ ୧ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ନିଜର ନାମ ପଞ୍ଜୀକରଣ କରିବା ପାଇଁ ଆସି ଭିଡ ଜମାଇଥିଲେ। କାହା ମୁହଁରେ ମାସ୍କ ନ ଥିବା ବେଳେ ଠେଲା ପେଲା ମଧ୍ୟରେ କାର୍ଯ୍ୟାଳୟ ଭିତରକୁ ଧସାଇ ପଶୁଥିଲେ। କରୋନା ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରୁଥିଲେ। କର୍ମଚାରୀମାନେ ଏହାକୁ ରୋକିବାରେ ବିଫଳ ହୋଇଥିଲେ। ଏସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ମଦନ ମହନ ପାଇକଙ୍କୁ ପଚାରିବା ଲାଗି ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



## କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କୋଠା ପରିଦର୍ଶନ କଲେ ଟିମ

ଜୟପୁର, ୨୪।୯ (ନି.ପ୍ର.)– ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟ ଲାଗି ଚିହ୍ନଟ ହୋଇଥିବା ଅସ୍ଥାୟୀ କୋଠା ମରାମତି ହୋଇଛି । ଏନେଇ ଶୁକ୍ରବାର କେନ୍ଦ୍ରୀୟ ବିଦ୍ୟାଳୟର ସେଣ୍ଟ୍ରାଲ ଟିମ୍ ଜୟପୁର ଆସି ଅସ୍ଥାୟୀ କୋଠା ପରିଦର୍ଶନ କରି ଫେରିଛନ୍ତି । ଏ ସମ୍ପର୍କରେ ଟିମ୍ କେନ୍ଦ୍ରକୁ ଜଣାଇବା ପରେ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ସେଣ୍ଟ୍ରାଲ ଟିମ୍ ସହ ଉପ ଜିଲାପାଳ ହେମକାନ୍ତ ସାୟ, ତହସିଲଦାର ପ୍ରଧାନ ଟୁଲ୍ଲିଆମ୍ମା, ପୌରଯନ୍ତ୍ରୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜୟପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ଏହି ଦାବିକୁ ଗୁରୁତ୍ୱ କେନ୍ଦ୍ର ଏଠାରେ ବିଦ୍ୟାଳୟ ଖୋଲିବା ପାଇଁ ସ୍ଥିର କରିଛି।

### ନିର୍ବାଚନ ଆଗରୁ ସଙ୍ଗଠନ ସୁଦୃଢ଼କୁ ଗୁରୁତ୍ୱ

## ଭାଜପା ଯୁବମୋର୍ଚ୍ଚା ପ୍ରଭାରୀଙ୍କ ରାୟଗଡ଼ା ଗସ୍ତ

ରାୟଗଡ଼ା ଅଫିସ,୨୪।୯

ଭାଜପା ଯୁବ ମୋର୍ଚ୍ଚା ରାୟଗଡ଼ା ଜିଲା ପ୍ରଭାରୀ ହିତେଶ କୁମାର ସାହୁ ଶୁକ୍ରବାର ରାୟଗଡ଼ା ଜିଲା ଗସ୍ତରେ ଆସି ନିର୍ବାଚନ ଆଗରୁ ସଙ୍ଗଠନକୁ ସୁଦୃଢ଼ କରିବା ନେଇ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଅକ୍ଟୋବର ୩ରେ ଜିଲା ଭାଜପା ଯୁବମୋର୍ଚ୍ଚାର କାର୍ଯ୍ୟକାରିଣୀ ବୈଠକ ନେଇ ନିଷ୍ପତ୍ତି ନିଆଯାଇଛି। ଜିଲା ଯୁବ ମୋର୍ଚ୍ଚା ସଭାପତି ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ବୈଠକଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଯୁବ ମୋର୍ଚ୍ଚା ଉପସଭାପତି ମଇନା ଆଚାର୍ଯ୍ୟ, କୃଷ୍ଣ ଗୌଡ଼, ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଶାନ୍ତନୁ ସୁବୁଦ୍ଧି ଓ ଅମର ସାହୁ, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ କୃଷ୍ଣ ତିଗାଲ ଓ ସନ୍ଦୀପ ଗୁଡଲାଙ୍କ ସମେତ ଜିଲା ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ, ତିନି ଗୁରୁତର

ପାପଡାହାଣ୍ଡି,୨୪।୯(ଡି.ଏନ୍.ଏ.)
ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଟିଙ୍ଗଡ଼ଶ୍ୱର ଛକ ନିକଟରେ ଦୁଇ ବାଇକ ମୁହାଁମୁହିଁ ହେବାଫଳରେ ତିନି ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ଝରିଗାଁ ବ୍ଲକ ଭାଗଡିଆ ଗ୍ରାମର ଭରତ ଶାନ୍ତା, ଯୋଗେଶ ଶାନ୍ତା, କୋରାପୁଟ ଜିଲା ସେମିଳିଗୁଡା ଗ୍ରାମର ପିମଲ ଜାମବେକା। ସୂଚନାନୁଯାୟୀ, ଭରତ ଓ ଯୋଗେଶ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ନିଜ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଟିଙ୍ଗଡ଼ଶ୍ୱର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ପିମଲ ଜାମବେକାଙ୍କ ଗାଡି ସହ ତାଙ୍କର ଧକ୍କା ହୋଇଥିଲା। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ସେଲ୍‌ସମ୍ୟାନ୍ ଆବଶ୍ୟକ । ଇଲେକ୍ଟ୍ରିକାଲ ସପ୍, ଭୁବନେଶ୍ୱର
9437081583

ଏୟାରପୋର୍ଟ ରେ ଚାକିରୀ (ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
CONTACT : 8448123162

APPOINTMENT
Urgently required DRIVER for domestic purpose in Bhubaneswar.
Contact:
9937203178

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରିବା ପାଇଁ 10th/+2, ITI Diploma Qualification ଥିବା Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
For Apply Contact
7894509327

ଆବଶ୍ୟକ ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କାରଖାନା ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପ୍ରାର୍ଥୀ ଆବଶ୍ୟକ କରୁଛି। ମାର୍କେଟିଂ ମ୍ୟାନେଜର (୧), ସେଲ୍ସ ଏକ୍‌ଜିକ୍ୟୁଟିଭ୍ (୫), ଲ୍ୟାବ୍ ଟେକ୍‌ନିସିଆନ୍ (୧), ପ୍ରୋକୋରମେଣ୍ଟ ଅଫିସର (୨), ଡ୍ରାଇଭର (୨)। ଉପଯୁକ୍ତ ଯୋଗ୍ୟତା ସହିତ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

A leading Health Organization required staff for all over Odisha
DISTRICT MANAGER - (All Districts (M/F), Graduation.
BLOCK COORDINATOR (For all Blocks) +2 above(M/F).
RSP SOLUTIONS
Plot No. -18, Krisna Garden, Phase-2, Jagamara, Bhubaneswar
Contact No.- 8455966556/ 7656007439

WANTED
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା । ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

REQUIRED
ONE DIPLOMA CIVIL ENGINEER FOR OTELP PLUS PROJECT.
Salary: Rs.20,000/-
Contact: 9040268680

WANTED
Reputed Real Estate Company, Bhubaneswar requires experienced SALES OFFICER- 20 Nos. (M/F). Attractive salary + incentives.
Contact: 9437323319

GHANASHYAM HEMALATA VIDYAMANDIR, PURI
(A CBSE Affiliated Fully Residential School)
R.J Vihar, Bhuan, Chhaitana, Puri-2
Ph. No: - 7735629062 / 7873480470
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| NTT | FEMALE |

- Qualification : - As Per CBSE norms
- Competent & Experienced teachers with fluency in English
- Salary :- Negotiable Salary
- Free Accommodation, Fooding & Laundry for all the above posts.
- Interested candidate can apply by mailing their resume (with photograph) at puri.ghvm@gmail.com and send the hard copy to the address given above.

PRINCIPAL

## ସଂକ୍ଷେପରେ

### ହନ୍ତାଳଗୁଡା ଘାଟିରେ ବୋଲେରୋ ଓଲଟି ୨୩ ଗୁରୁତର

ଚିତ୍ରକୋଣ୍ଡା,୨୪।୯(ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବରୁ ୨୩ ଜଣ ଯାତ୍ରୀଙ୍କୁ ଧରି ଯାଉଥିବା ଏକ ବୋଲେରୋ ହନ୍ତାଳଗୁଡ଼ା ଘାଟିରେ ଶୁକ୍ରବାର ଓଲଟି ପଡ଼ିଛି। ଫଳରେ ଏଥିରେ ଥିବା ସମସ୍ତ ୨୩ଯାତ୍ରୀ ଆହତ ହୋଇଛନ୍ତି। ଯୋଡାମ୍ବରୁ ଆସୁଥିବା ଏହି ଯାତ୍ରୀମାନେ ଜଣେ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଲାଗୁଥିଲେ। ବୋଲେରୋଟି ଘାଟିରେ ଚଳନ୍ତ ଅବସ୍ଥାରେ ହଠାତ୍ ଗାଡ଼ିର ଚକା ଖସି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏହି ଖବର ଜାଣିବା ପରେ ସ୍ଥାନୀୟ ଲୋକେ, ପୋଲିସ ଓ ବିଏସ୍ଏଫ୍ ଯବାନଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଚିତ୍ରକୋଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ରାଜ୍ୟ କରାଟେ ପ୍ରତିଯୋଗିତା କୋରାପୁଟର ଆନନ୍ଦଙ୍କୁ କାଂସ୍ୟପଦକ



ସୁନାବେଡା, ୨୪।୯(ସ୍ୱ.ପ୍ର.)- ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଗତ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ରାଜ୍ୟ କରାଟେ ପ୍ରତିଯୋଗିତାରେ କୋରାପୁଟ ପୋଲିସକୁ ସଫଳତା ମିଳିଛି। ୩୩ ତମ ରାଜ୍ୟ ବରିଷ୍ଠ ଏବଂ ୨୧ ବର୍ଷରୁ କମ୍ ବାଳକ ଓ ବାଳିକା କରାଟେ ପ୍ରତିଯୋଗିତାରେ କୋରାପୁଟ ପୋଲିସ କର୍ମଚାରୀ ଆନନ୍ଦ ଚନ୍ଦ୍ର ବିହାରୀ ଅଂଶଗ୍ରହଣ କରିଥିଲେ। ଏଥିରେ କାଂସ୍ୟ ପଦକ ପାଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଏସ୍ପି ବରୁଣ ଗୁଣ୍ଟପାଲି ସମ୍ବର୍ଦ୍ଧିତ କରିଛନ୍ତି।

### ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ତାଲିମ ଶିବିର

କୁଡୁମୁଲୁଗୁମ୍ମା,୨୪।୯(ଡି.ଏନ.ଏ.)- କୁଡୁମୁଲୁଗୁମ୍ମାସ୍ଥିତ ଗୋଷ୍ଠୀ ଶିକ୍ଷା ସାଧନ କାର୍ଯ୍ୟାଳୟରେ ଶୁକ୍ରବାର ଜାତୀୟ ସ୍ତରର ଶିକ୍ଷଣ ଦକ୍ଷତା ବୃଦ୍ଧି ସମ୍ପର୍କିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସଂଯୋଜକ ଅଞ୍ଜନ ଚୌଧୁରୀ,ଏବିଇଓ ହେମନ୍ତ ନାୟକ, କୃପାସିନ୍ଧୁ ଆମ୍ବାଗୁଡିଆ, ଜିଲା ଶିକ୍ଷକ ପ୍ରଶିକ୍ଷକ ଜଗେଶ୍ୱର ଘୋଷ ମହାପାତ୍ର ଯୋଗ ଦେଇଥିଲେ। ୧ଟି ପଞ୍ଚାୟତର ସିଆରସିସି ଓ ଜିଲା ସମ୍ବଳ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ଜାତୀୟ ସ୍ତରର ଶିକ୍ଷଣ ଦକ୍ଷତା ବୃଦ୍ଧି କରିବା ଏହି ଶିବିରର ଲକ୍ଷ୍ୟ। ନଭେମ୍ବର ୧୨ରେ ହେବାକୁ ଥିବା ଗାଣିତିକ ଓ ଭାଷାଗତ ପରୀକ୍ଷାକୁ ସୁଚାରୁରୂପେ ସମ୍ପାଦନା ଲାଗି ଏହି ଅବସରରେ ଆଲୋଚନା ହୋଇଥିଲା।

### ସ୍ୱାମୀ ଚିଦାନନ୍ଦଙ୍କ ଜୟନ୍ତୀ ପାଳିତ

ଚିତ୍ରକୋଣ୍ଡା, ୨୪।୯(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକସ୍ଥିତ ଦିବ୍ୟ ଜୀବନ ସଂଘ ଶାଖା ପକ୍ଷରୁ ସ୍ୱାମୀ ଚିଦାନନ୍ଦ ମହାରାଜାଙ୍କ ୧୦୫ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଚିଦାନନ୍ଦଙ୍କ ପାଦ ପୂଜା ସହିତ ଦିନ ତମାମ ଗୁରୁଜୀ ମହାରାଜଙ୍କ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ କରାଯାଇଥିଲା। ନାରାୟଣ ସେବା ମାଧ୍ୟମରେ ଦୁଃଖି, ଗରିବଙ୍କୁ ଖାଦ୍ୟ ସହ ବସ୍ତ୍ର ଦାନ କରାଯାଇଥିଲା। ସଂଘର ଶଙ୍କର ଦାସ, ଲକ୍ଷ୍ମଣ ବେହେରା,ସୋମନାଥ ବେହେରା,ବିଜୟ ପଣ୍ଡା, ରବୀନ୍ଦ୍ର ରଥ, ସରସ୍ୱତୀ ପାଢ଼ୀ, ବିଜୟଲକ୍ଷ୍ମୀ ବେହେରା, ମଦନ ଦାସ ପରିଚାଳନା କରିଥିଲେ।

# ବିସ୍ଥାପିତ ପରିବାରଙ୍କୁ ଭୁଲିଗଲେ ସରକାର

ମାଲକାନଗିରି, ୨୪।୯ (ଡି.ଏନ.ଏ.)



ମୁନୁଷା ଗ୍ରାମର ଏକ ବିସ୍ଥାପିତ ପରିବାର।

- ଦେଇଥିବା ଜାଗା, ଚାଷଜମି ଏଯାଏ ଚିହ୍ନଟ ହୋଇନାହିଁ
- ହନ୍ତସନ୍ତ ହେଉଛନ୍ତି ମୁନୁଷା ଗ୍ରାମର ୫୦ ପରିବାର
- ଏକ ଟିମ୍ କରି ସମ୍ପୃକ୍ତ ଗ୍ରାମରେ ଜମି ଚିହ୍ନଟ ହେବ: ତହସିଲଦାର

୨୫ ବର୍ଷ ବିତିଗଲାଣି। ସତିଗୁଡା ଜଳଭଣ୍ଡାର ପାଇଁ ବିସ୍ଥାପିତ ହୋଇଥିବା ମୁନୁଷା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ସରିନାହିଁ। ପ୍ରକଳ୍ପ ପାଇଁ ସରକାରଙ୍କୁ ଜମି ଦେଇ ସେମାନେ ଠକିଯାଇଛନ୍ତି। ସରକାର ଦେଇଥିବା ଜମି କେବଳ ଘୋଷଣାରେ ରହିଛି। ଏଯାଏ ଚିହ୍ନଟ ହୋଇପାରିନାହିଁ। ଫଳରେ ସେହି ଜମିରେ ବିସ୍ଥାପିତ ପରିବାର କିଛି କରିପାରୁନାହାନ୍ତି। ଏପରି ସ୍ଥିତି ଦେଖାଯାଇଛି ଜଳଭଣ୍ଡାର ପାଇଁ ବିସ୍ଥାପିତ ହୋଇଥିବା ମାଲକାନଗିରି ଜିଲାର ବିସ୍ଥାପିତ କ୍ଷେତ୍ରରେ।

ରାଜ୍ୟ ସରକାର ପ୍ରତି ଜିଲାର ଉନ୍ନତି ପାଇଁ ଜଳଭଣ୍ଡାର, ପାର୍କ ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ଏହି କାର୍ଯ୍ୟ ପାଇଁ ସରକାରଙ୍କୁ ଜମି ଓ ଗ୍ରାମବାସୀଙ୍କ ସହଯୋଗ ଆବଶ୍ୟକ ପଡିଥାଏ। କେତେକ ସ୍ଥାନରେ କେବଳ ସରକାରୀ ଜମିକୁ ନେଇ କାମ ହୋଇଯାଇଥାଏ। ମାତ୍ର ଅନ୍ୟ କେତେକ ସ୍ଥାନରେ ସରକାରୀ ଓ ବେସରକାରୀ ଜମିକୁ ନେଇ ସରକାର କାର୍ଯ୍ୟ କରିଥାନ୍ତି। ସରକାର ଯେଉଁ ବେସରକାରୀ ଜମିଗୁଡିକ ନେଇଥାନ୍ତି ସେହି ଜମି ମାଲିକ ମାନଙ୍କ ପାଇଁ କିଛି ଯୋଜନା ବ୍ୟବସ୍ଥା କରିଥାନ୍ତି। ମାଲକାନଗିରି ଜିଲାରେ ୨୫ ବର୍ଷ ତଳେ ନିର୍ମାଣ ହୋଇଥିବା ସତିଗୁଡା ଜଳଭଣ୍ଡାର ପାଇଁ ଅନେକ ଜମିରେ ଜଳସେଚନ କରି ଚାଷ ହେଉଛି ତ ଅନେକ ଲୋକ ଏହି ଜଳ ଭଣ୍ଡାରରେ ମାଛ ଧରି ଜୀବିକା ନିର୍ବାହ କରୁଛନ୍ତି। ମାତ୍ର ଜଳଭଣ୍ଡାର ପାଇଁ ବିସ୍ଥାପିତ ହୋଇଥିବା ପ୍ରକୃତ ଗ୍ରାମବାସୀଙ୍କୁ ସରକାର ଭୁଲିଯାଇଛନ୍ତି। ଜଳଭଣ୍ଡାର ନିର୍ମାଣ ସମୟରେ ସେଠାରେ ଥିବା ମୁନୁଷା ଗ୍ରାମବାସୀ ପ୍ରତାରଣାର ଶିକାର ହୋଇଛନ୍ତି। ସେମାନଙ୍କୁ କେବଳ ୩.୦୫ ଏକର ଚାଷ ଜମି ପଟ୍ଟା ଓ ଘର କରିବା ପାଇଁ କିଛି ଜାଗା ଦେଇ ସରକାର ଚୁପ୍ ରହିଗଲେ। ୫୦ରୁ ଉର୍ଦ୍ଧ୍ୱ ବିସ୍ଥାପିତ ପରିବାର ପାଇଥିବା ଚାଷଜମି ଏ ପର୍ଯ୍ୟନ୍ତ ସରକାର ଚିହ୍ନଟ କରିନାହାନ୍ତି। ସେହି ଜମି ଏବେ ଅଛି ନା ଆଉ କେହି ଅକ୍ତିଆର କରିସାରିଲାଣି ସେକଥା ଜାଣିନାହାନ୍ତି ଏହି ବିସ୍ଥାପିତ ପରିବାର। ତୁରନ୍ତ ସେମାନଙ୍କ ଜମି ଓ ଘର ଜାଗା ମାପ କରି ଚିହ୍ନଟ କରିବା ଲାଗି ଦାବି କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ତହସିଲଦାରଙ୍କୁ ପଚାରିବାରୁ ସେ କହିଲେ ଯେ, କିଛିଦିନ ମଧ୍ୟରେ ଆମେ ଏକ ଟିମ୍ ଗଠନ କରି ସେହି ଗାଁକୁ ଯାଇ ଗ୍ରାମବାସୀ ଜମିଗୁଡିକୁ ମାପି ସେମାନଙ୍କୁ ଦେଖାଇଦେବୁ ବୋଲି ପ୍ରକାଶ କରିଛନ୍ତ।

# ଅଞ୍ଚଳବାସୀଙ୍କୁ ଆଶା ଇନ୍‌ଫ୍ରା ଡେଭଲପର୍ସ ଠକିଛି ୧୦ ଲକ୍ଷ

କୁନ୍ଦୁରା,୨୪।୯ (ଡି.ଏନ.ଏ)

**୨ଗୁଣ ଅର୍ଥ ଦେବାକୁ କହି ଅର୍ଥ ଆଦାୟ କରିଥିଲା**

- ଟଙ୍କା ନ ପାଇ ଥାନାର ଦ୍ୱାରସ୍ଥ ହେଲେ ଜମାକାରୀ
- ତଦନ୍ତ ପରେ ସମସ୍ତ ତଥ୍ୟ ପଦାକୁ ଆସିବ: ଏସ୍‌ଡିପିଓ
- ଫେରାର ଅଛନ୍ତି ସଂସ୍ଥା ମୁଖ୍ୟ ଅଞ୍ଜନ ବେନିୟା

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଆଶା ଇନ୍‌ଫ୍ରା ଏବଂ ଡେଭଲପର୍ସ ପ୍ରାଇଭେଟ ଲିମିଟେଡ ନିଜ ଏଜେଣ୍ଟ ମାଧ୍ୟମରେ ଶତାଧିକ ଲୋକଙ୍କୁ ବିଭିନ୍ନ ଲୋଭ ଦେଖାଇ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରସ୍ଥିତ ଏହି ଚିଟଫଣ୍ଡ ସଂସ୍ଥା ଦୀର୍ଘ ୧୦ବର୍ଷ ଧରି କୁନ୍ଦୁରା ବ୍ଲକର ଉପାନ୍ତ ଅଞ୍ଚଳ ଆସନା ଗ୍ରାମ ପଞ୍ଚାୟତରେ ଟଙ୍କା ଆଦାୟ କରୁଥିଲା। ସ୍ଥାନୀୟ ଅଞ୍ଚଳର ଜଣେ ଖବରଦାତା ଏଜେଣ୍ଟ ଭାବେ କାର୍ଯ୍ୟ କରିବା ସହ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ୩ ବର୍ଷ ୬ ମାସ ଟଙ୍କା ଜମାକଲେ ଦୁଇ ଗୁଣ ଟଙ୍କା ମିଳିବା ଆଶା ଦେଖାଇ ସେ ଲୋକଙ୍କଠାରୁ ଟଙ୍କା ଆଣୁଥିଲେ। ଧାର୍ଯ୍ୟ ସମୟ ପୂରଣ ହୋଇଯାଇଥିଲେ ମଧ୍ୟ ଜମାକାରୀଙ୍କୁ ଟଙ୍କା ଫେରସ୍ତ ନ ମିଳିବାରୁ ଲୋକେ ଶେଷରେ କୁନ୍ଦୁରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀ ସଂସ୍ଥାର ଅଧିକାରୀମାନଙ୍କୁ ଡକାଇ ଆଲୋଚନା କରିବା ପରେ ଟଙ୍କା କାହା ପାଖରେ ରହିଛି ଏବଂ ଜମା ହୋଇଛି କି ନାହିଁ ତର୍ଜମା କରିବା ଲାଗି ଅଭିଯୋଗକାରୀ ଜମାକାରୀଙ୍କୁ ୧୫ ଦିନ ସମୟ ମାଗିଥିଲେ। ଇତିମଧ୍ୟରେ ଆଶା ଇନ୍‌ଫ୍ରା ଏବଂ ଡେଭଲପର୍ସର କେତେକ ଅଧିକାରୀଙ୍କୁ ଡକାଇ ଆଲୋଚନା କରିଥିଲେ। ଏଜେଣ୍ଟ ଆଦାୟ କରିଥିବା ସମସ୍ତ ଟଙ୍କା ନିୟମିତ ଭାବେ ସଂସ୍ଥା ଅଧୀନରେ ଜମା କରାଯାଇଥିବା ଥାନା ଅଧିକାରୀଙ୍କୁ ଆଲୋଚନା ବେଳେ ଜଣାଇଥିଲେ। ଗତ ୨୨ ତାରିଖରେ ଜୟପୁର ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଏବଂ ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ସମ୍ମୁଖରେ ଆଶା ଇନ୍‌ଫ୍ରା ଏବଂ ଡେଭଲପର୍ସର ଜୟପୁର ବ୍ରାଞ୍ଚ ମ୍ୟାନେଜର ନରେଶ କୁମାର ସିଂ ହିତାଧିକାରୀଙ୍କ ଜମା କରିଥିବା ଅର୍ଥର ରସିଦଗୁଡିକ ପୋଲିସକୁ ଦେଇଥିଲେ। ଏହାକୁ ନେଇ ଏସଡିପିଓ ବେହେରା କହିଛନ୍ତି ଯେ, ଅଭିଯୋଗର ତଦନ୍ତ ଚାଲିଛି। ତଦନ୍ତ ପରେ ସମସ୍ତ ତଥ୍ୟ ପଦାକୁ ଆସିବ। ସୂଚନାଯୋଗ୍ୟ,ସଂସ୍ଥା ଦାୟିତ୍ୱରେ ଥିବା ଏମ୍‌ଡି ଅଞ୍ଜନ କୁମାର ବେନିୟା ଫେରାର ରହିଛନ୍ତି।

# କୋଭିଡ୍ ନିୟମ ଅନୁଯାୟୀ ପାଳନ ହେବ ଦଶହରା

ଜୟପୁର,୨୪।୯(ନି.ପ୍ର)



ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସମେତ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଜୟପୁର ଐତିହାସିକ ଦଶହରା ନେଇ ଏକ ପ୍ରସ୍ତୁତି ବୈଠକ ଆଇଟିଡିଏ କନଫରେନ୍ସ ହଲ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସଭାପତିତ୍ୱ କରିଥିଲେ। ଆବାହକ ତଥା ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟ ଉପସ୍ଥିତ ଥିଲେ। ସରକାରଙ୍କ କୋଭିଡ-୧୯ ନିୟମ ଅନୁଯାୟୀ ଦଶହରା ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳନ ହେବାକୁ ବୈଠକରେ ସ୍ଥିର ହୋଇଛି। ବିନା ଶୋଭାଯାତ୍ରା, ବିନା ସାଂସ୍କୃତିକ କାର୍ଯ୍ୟକ୍ରମ, ବିନା ଆଡମ୍ବରରେ ଦଶହରା ପାଳନ ହେବ। ସଲପା, ତେଲିଆ, ଧାରଣାହାଣ୍ଡି, ଖଡପା, କଙ୍ଗା, ଜାମୁଣ୍ଡା, ପେଣ୍ଡ୍ରାଣି ପୀଠରୁ ଦେବୀଙ୍କ ପ୍ରତୀକ ଲାଠି ଆସିବ। ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ବିଜୟା ଭ୍ରମଣ ୬ରୁ ଆରମ୍ଭ ହୋଇ ୧୨ ତାରିଖ ଯାଏ ଚାଲିବ। ଏହି ଭ୍ରମଣରେ ମାତ୍ର ୭ ଜଣ ଉପସ୍ଥିତ ରହିବେ। ୧୫ ତାରିଖ ଦଶହରା ଦିନ ୪ଟି ବିମାନ ୪୫ ମିନିଟ ବ୍ୟବଧାନରେ ଦଶହରା ପଡିଆରେ ଅପରାଜିତା ପୂଜାରେ ସାମିଲ ହୋଇ ପୂଜା ସାରି ମନ୍ଦିରକୁ ଫେରିବେ। ରାସ୍ତାରେ କୌଣସି ସ୍ଥାନରେ ପୂଜା ହେବ ନାହିଁ। ମେଢରେ ୪ ଫୁଟ ଉଚ୍ଚତାର ମୃଣ୍ମୟ ମୂର୍ତ୍ତି ପୂଜା ପାଇବେ। ସେଠାରେ ୭ ଜଣରୁ ଅଧିକ ରହିବେ ନାହିଁ। ଡାକବାଜି ଯନ୍ତ୍ର ବାଜିବ ନାହିଁ। ସମସ୍ତ ସେବାୟତ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ବୈଠକରେ ଏସଡିପିଓ ଅରୂପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଚୁଲ୍ଲି ଆମ୍ମା, ଦୋବୋଉର ଉପଦେଷ୍ଟା କମିଟି ସଭାପତି ଲାଲୁ ମିଶ୍ର, ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳଙ୍କ ସହ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ମତରଖିଥିଲେ। ସେହିପରି ମା' ଭଗବତୀ ଓ ମା' ଦକ୍ଷିଣ କାଳିକାଙ୍କ ସୁନାବେଶ ହେବାକୁ ନିଷ୍ପତ୍ତି ହୋଇଛି। ୨୮ ରେ ସହସ୍ରା କୁମ୍ଭାଭିଷେକ ୨୯ରେ ମୂଳାଷ୍ଟମୀ ସହ ଷୋଡଷ ଦିବସୀୟ ପୂଜା, ବିଭିନ୍ନ ଦେବୀ ପୀଠକୁ ନିମନ୍ତ୍ରଣ, ୬ରେ ନବରାତ୍ରି ୧୦ରେ ପଞ୍ଚମୀ, ୧୧ରେ ଷଷ୍ଠୀ ୧୨ରେ ସପ୍ତମୀ ଓ ମହାଷ୍ଟମୀ, ୧୩ରେ ମହାନବମୀ, ୧୪ରେ ବିଶ୍ରାମ ୧୫ରେ ବିଜୟା ଦଶମୀ ପାଳିତ ହେବ।

## ଖବରଦାତା ଅରିନ୍ଦମଙ୍କ ବିୟୋଗରେ ଶୋକ

କୋରାପୁଟ,୨୪।୯(ସ୍ୱ.ପ୍ର.)

ରାଜ୍ୟର ଜଣେ ସାହସୀ ତଥା ନିର୍ଭିକ ଯୁବ ଖବରଦାତା ଅରିନ୍ଦମ ଦାସଙ୍କ ଶୁକ୍ରବାର ଅକାଳ ବିୟୋଗ ଯୋଗୁ କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି। ଏହି ଅବସରରେ ତାଙ୍କ ଅମରଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରେସକ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର, ସମ୍ପାଦକ ଅମିତାଭ ବେହେରା, ଉପସଭାପତି ପ୍ରଶାନ୍ତ ସାମନ୍ତରାୟ, କୋଷାଧ୍ୟକ୍ଷ ଘନଶ୍ୟାମ ରଥ, ବରିଷ୍ଠ ଖବରଦାତା ସିଏଚ ସାନ୍ତାକାର, ରଞ୍ଜନ କୁମାର ଦାସ, ପରୀକ୍ଷିତ ବିଶ୍ୱାଳ, ସୂର୍ଯ୍ୟ ନାରାୟଣ ପଣ୍ଡା, ବିଦ୍ୟାଧର ଚୌଧୁରୀ, ବାବୁଲ ସିଂ, ଅରୁଣ ଦାସ, ଜିତେନ୍ଦ୍ର ମିଶ୍ର, ସୁଶାନ୍ତ ମିଶ୍ର, ଶ୍ରୀକାନ୍ତ ମିଶ୍ରଙ୍କ ସମେତ ବହୁ ଖବରଦାତା ଅରିନ୍ଦମଙ୍କ ଅକାଳ ବିୟୋଗ ସାମ୍ବାଦିକ ଜଗତରେ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦଶମନ୍ତପୁର,୨୪।୯ ( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ଠାରେ ଶୁକ୍ରବାର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିନାଥ ପାତିକା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଜାତୀୟ ସେବା ଯୋଜନାର ଅଧିକାରୀ ପତିତପାବନ ସେନାପତି, ପର୍ଶୁରାମ ସାହୁ, ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ପିତୃମାତୃହୀନ ଶିଶୁଙ୍କ ଥଇଥାନ ନେଇ କ୍ୟାମ୍ପ କୋର୍ଟ

ମାଲକାନଗିରି, ୨୪।୯ (ଡି.ଏନ.ଏ.)



ଅସହାୟ ଶିଶୁଙ୍କ ଥଇଥାନ ପାଇଁ ଚାଲିଥିବା କ୍ୟାମ୍ପକୋର୍ଟ।

କୋଭିଡ୍ ମହାମାରୀ ସମୟରେ ଗତ ୨ ବର୍ଷ ମଧ୍ୟରେ ମାତାପିତାଙ୍କୁ ହରାଇଥିବା ଶିଶୁ ମାନଙ୍କୁ କିପରି ଥଇଥାନ କରାଯିବ ସେନେଇ ଶୁକ୍ରବାର ଜିଲା ଶିଶୁ ମଙ୍ଗଳ ସମିତି ଓ ଶିଶୁ ସୁରକ୍ଷା ସମିତି ପକ୍ଷରୁ ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଏକ ମିଳିତ କ୍ୟାମ୍ପ କୋର୍ଟ କରାଯାଇଥିଲା। ଇତି ମଧ୍ୟରେ ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ସହ ଜିଲାର ବିଭିନ୍ନ ସ୍ଥାନରେ ଏହି କ୍ୟାମ୍ପକୋର୍ଟ କରାଯାଇ ୧୪୮୫ ଜଣ ଶିଶୁଙ୍କୁ ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ଚିହ୍ନଟ କରାଯାଇଛି। ସେମାନଙ୍କୁ ୨୫୦୦ , ପିତା କିମ୍ବା ମାତା ଜଣଙ୍କୁ ହରାଇ ଥିବା ଶିଶୁଙ୍କୁ ୧୫୦୦ ଟଙ୍କା , ଆଶୀର୍ବାଦ ଯୋଜନାରେ ୧୦୦୦ ଟଙ୍କା ପ୍ରଦାନ କରାଯାଇଛି। ସେମାନଙ୍କ ଶିକ୍ଷା , ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧା ଲାଗି ବ୍ୟବସ୍ଥା କରାଯାଇଛି। ଜିଲାପାଳ ବିଶାଲ ସିଂ ଏହାର ତଦାରଖ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ , ସହକାରୀ ସୁରକ୍ଷା ଅଧିକାରୀ ସୁଦୃଷ୍ଟା ରାଉତ, ଏସଡିଓ ରାଜଲକ୍ଷ୍ମୀ ପ୍ରଧାନ, ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି।

## ଜାତୀୟ ସେବା ଯୋଜନା ଦିବସରେ ରକ୍ତଦାନ

ଜୟପୁର, ୨୪।୯ (ନି.ପ୍ର.)

ଜାତୀୟ ସେବା ଯୋଜନା ଦିବସ ଉପଲକ୍ଷେ ଜୟପୁର ବିକ୍ରମ ଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏନ୍‌ଏସ୍‌ଏସ, ଏନସିସି, ରେଡକ୍ରସ, ମାଇ ହାର୍ଟ ବିଟ ଫର ଓ୍ୱର୍ସ, ଏଚଡିଏଫସି ବ୍ୟାଙ୍କ ଓ ରକ୍ତଭଣ୍ଡାରର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋପାଳ ହାଲଦାର ଉଦ୍‌ଘାଟନ କରିଥିଲେ। ଶିବିରରୁ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଛାତ୍ରୀ ଛାତ୍ର,ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଅନ୍ୟମାନେ ରକ୍ତଦାନ କରିଥିଲେ। ଏନଏସ୍‌ଏସ ପୋଗ୍ରାମ ଅଧିକାରୀ ଅରୁଣ କୁମାର ରାଜ, ରଜନୀ କିସାନ, ଏନସିସି ଅଧିକାରୀ ଲକ୍ଷ୍ମଣ ପାତ୍ର, ରେଡକ୍ରସ ସଂଯୋଜକ ସଚିନ ନାୟକ, ମାଇଁ ହାର୍ଟ ବିଟ ଫର ଅଦର୍ସର ମୁଖ୍ୟ ମିହିର କର୍କରା ଏବଂ ଏଚଡିଏଫସି ବ୍ୟାଙ୍କ ପରିଚାଳକ ଦେବରାଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୟୁଥ ଫର ଆକ୍ସନର ବୋରିଗୁମ୍ମା ଟିମ୍ ଘୋଷଣା

ବୋରିଗୁମ୍ମା,୨୪।୯(ଡି.ଏନ.ଏ.)

ବୋରିଗୁମ୍ମା ଡାକବଙ୍ଗଳାଠାରେ ୟୁଥ ଫର ଆକ୍ସନ କୋରାପୁଟ ପକ୍ଷରୁ ଶୁକ୍ରବାର ପ୍ରଥମ କରି ବୋରିଗୁମ୍ମା ବ୍ଲକ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ସଙ୍ଗଠନର ବ୍ଲକ ସଭାପତି ଏମ.ପ୍ରବୀଣ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୟୁଥ ଫର ଆକ୍ସନର କୋରାପୁଟ ଜିଲା ସଭାପତି ଏ.ଦୁର୍ଗା ପ୍ରସାଦ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ସଙ୍ଗଠନ ଲୋକଙ୍କୁ ସେବା ଯୋଗାଇବା ସହ ଦୁର୍ନୀତିକୁ ରୋକିବା ଦିଗରେ କାମ କରିବ ବୋଲି କହିଥିଲେ। ଏହି ଅବସରରେ ବୋରିଗୁମ୍ମାରେ ସଙ୍ଗଠନର ୨୪ ଜଣିଆ ଟିମ ଘୋଷଣା କରାଯାଇଥିଲା। ଉପ ସଭାପତି ଭାବେ ହୃଷୀକେଶ ଦଳାଇ, ବ୍ରହ୍ମା ଦାସ, ସାଧାରଣ ସମ୍ପାଦକ ବି.ବିନୟ କୁମାର, ସମ୍ପାଦକ ରାଜେଶ, ଚନ୍ଦନ ଗୌଡ଼, ସତ୍ୟ ନାରାୟଣ ଭଞ୍ଜ,ଗୋବିନ୍ଦ ହରିଜନ, ରାମକୃଷ୍ଣ ମହାପାତ୍ର, କୋଷାଧ୍ୟକ୍ଷ ଭାବେ କମଲ ଅଡ଼ାରି, ସାମାଜିକ ଗଣମାଧ୍ୟମ ସଂଯୋଜକ ବୀରେନ କୁମାର ରଥ, ରାମ ଭାଇ, ପ୍ରଦୀପ ହାଲବା, ପୂର୍ଣ୍ଣ ହରିଜନ, ମିଡିଆ ସଂଯୋଜକ ଭାବେ ସୁକାନ୍ତ କୁମାର ମାଝୀଙ୍କ ନାମ ଘୋଷଣା କରାଯାଇଛି। ୟୁଥ ଫର ଆକ୍ସନର ଜିଲା ଉପ ସଭାପତି ବି.ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ରାମକୃଷ୍ଣ ସାହୁ, ଜିଲା ସମ୍ପାଦକ କୈବର୍ତ୍ତ କେଶବ ସାମନ୍ତରାୟ, କେଦାର ବାପି ଦାସ, ଜିଲା ସାଧାରଣ ସମ୍ପାଦକ ରମେଶ କୁମାର ବିଶୋୟୀ, ଗୌର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ଜୟପୁର, ୨୪।୯ (ନି.ପ୍ର.)

ଜୟପୁର ସହର ଚମ୍ପାକୁପଲି ମଶାଣିରେ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରିଛି ପ୍ରଶାସନ। ମଶାଣିରେ ଘର କରୁଥିବା ବେଳେ ପ୍ରଶାସନ ଖବର ପାଇ ଚଢାଉ କରି ଉଚ୍ଛେଦ କରିଥିବା ଜଣାପଡିଛି। ସଦସିଲଦାର ପ୍ରଧାନ ଚୁଲ୍ଲି ଆମ୍ମା, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳଙ୍କ ସହ ଅନ୍ୟମାନେ ଚଢାଉରେ ସାମିଲ ହୋଇଥିଲେ।



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

# ପୋଖରୀ ନିକଟରୁ ମୃତଦେହ ଜବତ

ଜୟପୁର, ୨୪।୯ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ବିଜେ-୨ ଗ୍ରାମ ନିକଟରେ ଥିବା ଏକ ପୋଖରୀ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ନାମ ପରେଶ ଦାସ। ସେ ଗୁରୁବାର ସକାଳ ୯ରୁ ପଖୋରୀକୁ ଗାଧେଇବାକୁ ଯାଇ ଆଉ ଘରକୁ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପରେଶଙ୍କ ସନ୍ଧାନ ପାଇ ନ ଥିଲେ। ପରେ ପରିବାର ଲୋକେ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ପଖୋରୀ ନିକଟରେ ପରେଶଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମଅତଦେହ ଜବତ କରିଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଆଦିତ୍ୟ ମହାକୁଡ କହିଛନ୍ତି।

# ଗାଉଁଲି ପରିବେଶରେ ମିଳିବ ସହରୀ ଖାଦ୍ୟ

ସେମିଳିଗୁଡା,୨୪।୯(ସ୍ୱ.ପ୍ର.)

**ମିଶନ୍ ଶକ୍ତି କାଫେ ଉଦ୍‌ଘାଟିତ**

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଦର୍ଶ ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ମିଶନ ଶକ୍ତି କାଫେକୁ ଶୁକ୍ରବାର ପଟାଙ୍ଗୀ ବିଧାୟକ ପିତମ ପାଢ଼ୀ ଉଦ୍‌ଘାଟନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଛେଦନାୟକ, ଉପାଧ୍ୟକ୍ଷ ଅନନ୍ତରାମ ମାଟାମ,ବିଡିଓ ସବ୍ୟସାଚୀ ବେହେରା,ସିଡିପିଓ ସୋହାଗୀ ସୋରନ ପ୍ରମୁଖ ଉପସ୍ଥିତ ଥିଲେ। ଦୂରଦୂରାନ୍ତ ଗ୍ରାମାଞ୍ଚଳରୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ କିଭଳି ସୁଲଭ ମୂଲ୍ୟରେ ପୁଷ୍ଟିକର ଘରୋଇ ରନ୍ଧାଖାଦ୍ୟ ପାଇପାରିବେ ସେହି ଲକ୍ଷ୍ୟରେ ଏହି କାଫେ ପ୍ରତିଷ୍ଠା କରାଯାଇଛି। ଏହା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଆତ୍ମନିର୍ଭରଶୀଳ କରିପାରିବ। ଅନ୍ୟ ଏସ୍‌ଏଚ୍‌ଜିକୁ ପ୍ରେରଣା ଦେବ ବୋଲି ବିଧାୟକ ପାଢ଼ୀ କହିଛନ୍ତି। ବିଏମ୍‌ସି କନକ ଅଞ୍ଜଳି ହରିଜନ, ସୁପରଭାଇଜର ରାଜଶ୍ରୀ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ ମିଶ୍ର, ଜିପିଇଓ ବିପିନ ମହାରଣା, ବିଏସ୍‌ଏସ୍ ମମତା ବେହେରା, ଏପିଓ ସୌମେନ୍ଦ୍ର ନାୟକ, ବିଏଲସି କରୁଣାକର ପରିଡା, ଓଏଲଏମ ନିଳିମା ଦାସ, ନାରଙ୍ଗ ପୂଜାରୀ, ବ୍ଲକ ସଭାପତି ରାମ ଅଣ୍ଟା ବିରିଆ ପ୍ରମୁଖ ଉପସ୍ଥିତ ଥିଲେ। ବିପିସି ସସ୍ମିତା ଖୋସଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଉଦ୍‌ଘାଟିତ ହୋଇଥିବା କାଫେ ।

# ପୁଷ୍ଟିହୀନତା ଦୂର ପାଇଁ ମିଳିତ ଉଦ୍ୟମ ଲୋଡ଼ା

କୋରାପୁଟ,୨୪।୯(ସ୍ୱ.ପ୍ର.)

**ଜାତୀୟ ପୋଷଣ ମାସ ନେଇ ଜିଲାସ୍ତରୀୟ କାର୍ଯ୍ୟକ୍ରମ**



ମୁଖ୍ୟଅତିଥି ସଚେତନତା ପୁସ୍ତକ ବହି ଗାଡିକୁ ଉନ୍ମୋଚନ କରୁଛନ୍ତି।

ଓଡିଶା ଜୀବିକା ମିଶନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଦକ୍ଷତାବୃଦ୍ଧି ତାଲିମ କେନ୍ଦ୍ରଠାରେ ଜାତୀୟ ପୋଷଣ ମାସ ନେଇ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ବିଦ୍ୟୁତଲତା ପାତ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାରେ ଶିଶୁ, ମା', ଯୁବତୀଙ୍କ ମଧ୍ୟରେ ପୁଷ୍ଟିହୀନତା ଦୂର କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ନାୟକ କହିଥିଲେ। ପୋଷଣ ଖାଦ୍ୟ ଉପରେ ଶିଶୁ , ମା' ଓ ଯୁବତୀମାନଙ୍କୁ କିପରି ବ୍ୟାପକ ସଚେତନ କରାଯାଇପାରିବ ସେ ନେଇ ଜିଲା ପ୍ରଶାସନ ମାଧ୍ୟମରେ ଓଡିଶା ଜୀବିକା ମିଶନ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି , ସ୍ୱାସ୍ଥ୍ୟ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏପରି ପୋଷଣ କାର୍ଯ୍ୟକ୍ରମ ଜିଲାର କୋଟିଆରେ ଆୟୋଜନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ମୋ ବହି ଗାଡି ନାମକ ଏକ ସଚେତନତା ପୁସ୍ତକ ଉନ୍ମୋଚନ ହୋଇଥିଲା। ପୋଷଣ ଉପରେ କାର୍ଯ୍ୟ କରୁଥିବା ମହିଳା ଓ ଶିଶୁ ବିକାଶ ଅଧିକାରୀ , ସୁପରଭାଇଜର, ଅଙ୍ଗନୱାଡି କର୍ମୀ , ଖବରଦାତା, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ମାଣ୍ଡିଆ, ବାଜରା , ସୁଆଁ ଆଦି ବିଭିନ୍ନ ପୋଷଣ ଖାଦ୍ୟ ଉପରେ ଏକ ପ୍ରଦର୍ଶନୀ ହୋଇଥିଲା। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାନି, ଓଡିଶା ଜୀବିକା ମିଶନର ଜିଲା ନିର୍ଦ୍ଦେଶିକା ସୁସ୍ମିତା ସାମନ୍ତରାୟ ଉପସ୍ଥିତ ଥିଲେ। ଜିଲା ପୁଷ୍ଟିସାଧନ ସଂଯୋଜିକା ମମତା ମହାନ୍ତି ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ଛୁରା ମାଡ଼

ରେଢ଼ାଖୋଲ,୨୪।୯ (ଡି.ଏନ.ଏ.): ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଖାଙ୍କରପଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଶ୍ୱଶୁର ଘରକୁ ଆସିଥିବା ଜ୍ୱାଇଁଙ୍କୁ ଛୁରା ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ରେଢ଼ାଖୋଲ ପୋଲିସ ଗ୍ରାମକୁ ଯାଇ ତଦନ୍ତ କରିବା ସହ ଦୁର୍ବୃତ୍ତମାନେ ଛାଡି ଯାଇଥିବା ଏକ ବାଇକ୍ ଓ ଛୁରା ଜବତ କରିଛି। ସୂଚନା ମତେ ଖାଙ୍କରପଡା ଗ୍ରାମର ପୁଷ୍ପାଞ୍ଜଳି ସାହୁ ଅନୁଗୋଳ ଜିଲା ଅଠମଲିକ ଥାନା ଧୁଡିଆପଦା ଗ୍ରାମରେ ବିବାହ କରିଥିଲେ। ସେବେଠୁ ସେ ଶାଶୁ ଘରେ ପାରିବାରିକ ସମସ୍ୟା ଯୋଗୁ ଗତ ୮ ମାସ ହେବ ସେ ବାପଘରେ ଆସି ରହୁଥିଲେ। ଗୁରୁବାର ରଢ଼ାଡମାଲ ଗ୍ରାମର ବଡ଼ଜ୍ୱାଇଁ ପ୍ରେମାନନ୍ଦ ବେହେରା ଶାଳି ପୁଷ୍ପାଞ୍ଜଳିଙ୍କ ପାରିବାରିକ ସମସ୍ୟା ସମାଧାନ କରିବାକୁ ଆସିଥିଲେ। ରାତିରେ ସେ ଶ୍ୱଶୁର ଘରେ ଶୋଇଥିବା ବେଳେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି କବାଟ ବାଡେଇଥିଲେ। ପରିବାର ଲୋକେ କବାଟ ଖୋଲିବା ପରେ ସମ୍ପୃକ୍ତ ଯୁବକମାନେ ପ୍ରେମାନନ୍ଦଙ୍କୁ ଘରଭିତରୁ ଟାଣିନେଇ ଛୁରିରେ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

## ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ରେଢ଼ାଖୋଲ,୨୪।୯ (ଡି.ଏନ.ଏ.): ରେଢ଼ାଖୋଲ ରେଞ୍ଜ ଅନ୍ତର୍ଗତ ଘୋଷରାମାଳ ପଞ୍ଚାୟତର ବ୍ରାହ୍ମଣି ଗ୍ରାମରେ ଗୁରୁବାର ରାତିରେ ଏକ ହାତୀ ଆକ୍ରମଣରେ ସୁମିତ୍ରା ଦେହୁରି (୫୫) ନାମ୍ନୀ ମହିଳାଙ୍କ ମୃତ୍ୟୁ ହୋଇଛି। ଖବରପାଇ ରେଢ଼ାଖୋଲ ରେଞ୍ଜ କର୍ମଚାରୀ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ଶୁକ୍ରବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନାମତେ ସୁମିତ୍ରାଙ୍କ ସ୍ୱାମୀ ପୀତାମ୍ବର କୌଣସି କାମରେ ବାହାରକୁ ଯାଇଥିବା ବେଳେ ଘରକୁ ଫେରି ନ ଥିଲେ। ସୁମିତ୍ରା ଅନ୍ୟ ଜଣଙ୍କ ସହ ତାଙ୍କୁ ଖୋଜିବାକୁ ଯାଉଥିବା ବେଳେ ଜଙ୍ଗଲିଆ ରାସ୍ତାରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ମୃତକଙ୍କ ପରିବାର ବର୍ଗଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଡିଏଫ୍‌ଓ ରମାକାନ୍ତ ନାୟକ କହିଛନ୍ତି।

# କମଳା ହାରିସ୍‌ଙ୍କୁ ମୋଦିଙ୍କ ସ୍ୱତନ୍ତ୍ର ଉପହାର



ଆମେରିକା ଉପରାଷ୍ଟ୍ରପତି କମଳା ହାରିସଙ୍କ ସହ ସେଲ୍ଫି ନେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।




ପ୍ରଧାନମନ୍ତ୍ରୀ ଉପହାର ଦେଇଥିବା ଚେସ୍ ସେଟ୍।

ୱାଶିଂଟନ,୨୪।୯: ୩ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସେଠାକାର ଉପରାଷ୍ଟ୍ରପତି କମଳା ହାରିସଙ୍କୁ ହ୍ୱାଇଟ୍ ହାଉସରେ ସାକ୍ଷାତ୍ କରିଛନ୍ତି। ହାରିସ୍ ଆମେରିକାର ଉପରାଷ୍ଟ୍ରପତି ହେବା ପରେ ଉଭୟ ନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ଭେଟ। ଏହି ଅବସରରେ ମୋଦି ହାରିସ୍‌ଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛନ୍ତି।

### ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ଆମେରିକାର ତାଗିଦ

ସାକ୍ଷାତ୍ ବେଳେ ପ୍ରଧାନମନ୍ତ୍ରୀ ମୋଦି କମଳା ହାରିସଙ୍କୁ ପୂର୍ବରୁ ଭାରତ ସରକାରଙ୍କ ଅଧୀନରେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ତାଙ୍କ ଅଜା ପି.ଭି. ଗୋପାଲନ୍ ସହ ସମ୍ପର୍କିତ ଏକ ପୁରୁଣା ବିଜ୍ଞପ୍ତିର ନକଲ, କାଠରେ ତିଆରି କଳାକୃତିର ଫ୍ରେମ୍ ଓ ବାରାଣସୀର 'ଗୁଲାବୀ ମୀନାକରି' ଚେସ୍ ସେଟ୍ ଉପହାର ଦେଇଛନ୍ତି। ଏହାସହ ମୋଦି ଭାରତ ଓ ଆମେରିକାକୁ ସ୍ୱାଭାବିକ ସହଯୋଗୀ ଭାବେ ଅଭିହିତ କରିଛନ୍ତି। ଦୁଇନେତା ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗିତା ଏବଂ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସମେତ ଗଣତନ୍ତ୍ର ପ୍ରତି ବିପଦ ଭଳି ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଭାରତ ବିରୋଧରେ ଆତଙ୍କବାଦ ବନ୍ଦ କରିବା ପାଇଁ ହାରିସ୍ ପାକିସ୍ତାନକୁ ତାଗିଦ କରିଥିବା ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଭାରତର ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏହି ବିଷୟରେ ଗଣମାଧ୍ୟମକୁ ଜଣାଇଛନ୍ତି। କ୍ୱାଡ୍ ସମ୍ମିଳନୀ ପାଇଁ ସେଠାରେ ଉପସ୍ଥିତ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଏବଂ ଜାପାନ ପ୍ରତିପକ୍ଷ ଜୋଶିହିଦେ ସୁଗାଙ୍କୁ ମଧ୍ୟ ମୋଦି ଉପହାର ଦେଇଥିଲେ।

# ନାବାଳିକାଙ୍କୁ ଗଣବଳାତ୍କାର: ୨ଗିରଫ

ଦେବଗଡ଼/ରିଆମାଳ, ୨୪।୯(ଡି.ଏନ୍.ଏ.): ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳରେ ଜଣେ ନାବାଳିକା (୧୨)ଙ୍କୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୋଲିସ ରିଆମାଳ ଥାନା କଙ୍କରଖୋଲ ଗ୍ରାମର ସୁବାସ ବାରି(୨୧) ଓ ଚିନ୍ମୟ ବାଦ(୨୨)ଙ୍କୁ ଗିରଫ କରିଛି। ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ଓ ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରା ସଦଳବଳ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରୁ ଅଭିଯୁକ୍ତ ଦୁଇଙ୍କର ଚପଲ, ମନିପର୍ସ, ଆଧାର କାର୍ଡ ଓ ନାବାଳିକାଙ୍କ ଅନ୍ତଃବସ୍ତ୍ର ଜବତ କରିଥିଲେ। ନାବାଳିକାଙ୍କ ଡାକ୍ତରୀପରୀକ୍ଷା କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନାବାଳିକା ତାଙ୍କ ବଡବାପାଙ୍କ ଘରେ ରହି ପାଠ ପଢ଼ନ୍ତି। ବୁଧବାର ସନ୍ଧ୍ୟାରେ ଟ୍ୟୁଶନ ସାରି ଏକ ସାଇକେଲ ଯୋଗେ ଛତାବର ଗ୍ରାମକୁ ଫେରୁଥିଲେ। ତେବେ ନିକଟସ୍ଥ କଙ୍କରଖୋଲ ଗ୍ରାମର ସୁବାସ ଓ ଚିନ୍ମୟ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ବଳାତ୍କାର କରିଥିଲେ। କିଛି ସମୟ ପରେ ଏକ ଦମ୍ପତି ବାଇକ୍ ଯୋଗେ ଉକ୍ତ ଜଙ୍ଗଲ ବାଟ ଦେଇ ଯାଉଥିବାବେଳେ ନାବାଳିକା ସହାୟତା ଲାଗି ଚିତ୍କାର କରିଥିଲେ। ନାବାଳିକା ପାଟିକରିବାରୁ ଅଭିଯୁକ୍ତ ଯୁବକ ଦୁଇ ସେଠାରେ ତାଙ୍କୁ ଛାଡି ଚାଲିଯାଇଥିଲେ। ନାବାଳିକା ସେଠାରୁ କାନ୍ଦିକାନ୍ଦି ଘରକୁ ଫେରିବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଏନେଇ ବିଚାରବିମର୍ଶ କରିବା ପରେ ଗୁରୁବାର ସନ୍ଧ୍ୟାରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ଗିରଫ ଯୁବକ ଦୁଇ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ
ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଶୁଆ ତେଲି
ଯାଉଥା ପେଲି ।**

ନ ବୁଝି ନ ଶୁଝି ଆଗକୁ ମାଡ଼ି ଚାଲିଲେ ବିପଦ ମୁଣ୍ଡେଇବାର ସମ୍ଭାବନା ରହିଥାଏ । ହୋସ୍ ନ ଥାଇ ଆଗମୁହାଁ ହୋଇ ଧାଉଁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାକ ଥିଲେ ଗୁଣା ନାହିଁ
ଗୁଣା ଥିଲେ ନାକ ନାହିଁ ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବ ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। କାହାର ରାଜପ୍ରାସାଦ ପରି ବିରାଟ ଘର କିନ୍ତୁ ରହିବାକୁ କେହି ଲୋକ ନାହାନ୍ତି, ପୁଣି କାହାର ଲୋକବାକ ଥିଲେ ବି ରହିବାକୁ ଘର ଖଣ୍ଡିଏ ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ୫ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୪।୯(ବ୍ୟୁରୋ): ରାଜଧାନୀରେ ଦୀର୍ଘଦିନ ଧରି ବ୍ରାଉନସୁଗାର କାରବାର କରୁଥିବା ଜଣେ ବେପାରୀଙ୍କୁ ତମାଣ୍ଡୋ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଥାନା ମୁକ୍ତାପୁର ଗ୍ରାମର ମନୋଜ ବେହେରା(୩୮)। ତାଙ୍କଠାରୁ ପୋଲିସ ଗୋଟିଏ ମୋବାଇଲ ଓ ୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ପୂର୍ବାହ୍ନରେ ଅଭିଯୁକ୍ତ ମନୋଜ ବ୍ରାଉନସୁଗାର ବିକ୍ରି ପାଇଁ ତମାଣ୍ଡୋ ଓଭରବ୍ରିଜ୍ ତଳେ ଠିଆ ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଖବର ପାଇ ପୋଲିସ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।


## OFFICE OF THE MUNICIPAL COUNCIL, JATNI

No. 4196 Date: 18.09.2021

### QUOTATION CALL NOTICE

No. C-1018: Sealed quotations are invited from Registered Electrical Contractor/Reputed Firms/Manufacturers/Suppliers having valid Income Tax and GST Registration Certificate for supply and installation of luminaries in Park and open space in Jatni Municipality in two cover bid. The cover one will contain Technical Bids and the cover two will contain the price bid. After evaluation of Technical Bid the Financial Bid of qualified biddes will be opened. Preference shall be given to those supplier who have already rendered similar type of services to various Urban Local Bodies of Odisha State Government. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.2000/- (Rupees two thousand) and EMD of Rs.10000/- (Rupees ten thousand) in shape of Cash/Bank Draft in favour of Executive Officer, Jatni Municipality. The quotation shall be submitted on or before Dt.28.09.2021 at 3.00 P.M. and the bid will be opened at 3.30 P.M. in the presence of the bidder or their authorized representative. The Detailed Quotation Call Notice is also available in district web portal **https://khordha.nic.in**. The undersigned reserves all rights to reject any or all quotations without assigning any reason thereof.

**Sd./- Executive Officer, Jatni Municipality**
**OIPR-13041/11/0016/2122**

## OFFICE OF THE DEPUTY DIRECTOR OF TEXTILES, BARGARH

At/P.O./District- Bargarh, PIN-768028
Email- adt-bargarh@gov.in/ddtbargarh@gmail.com

Advt. No. 2688 Dated: 22.09.2021

### TENDER CALL NOTICE

No. PP-39: Sealed tender quotation is inviting from the registered bidders having expertise in the field of erection & installation of 20 nos. of hoardings on feature on hand looms welfare schemes in different places of Bargarh & Sambalpur district. The list of identified locations, specified features to be displayed in hoarding and other detail term and conditions are available in website **www.sadhacodisha.org, www.boyanika.com & www.sambalpuribastralaya.com**.
Interested bidders may submit their tender as "Tender for erection and installation of Handloom hoardings to the undersigned through Speed Post/Registered Post/Courier service in Office of the **Deputy Director of Textiles Bargarh**. The tender shall be reached on or before 2 PM of dated 05.10.2021 positively and will be opened by the committee in presence of the bidders at 3.00 PM on the same date. The undersigned reserves the right to reject any or all the tenders without any reason thereof.

**Sd./- S.K.Nag**
**Deputy Director of Textile, Bargarh**
**OIPR-31032/11/0001/2122**

## GOVERNMENT OF ODISHA

No. O-767

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH

At/P.O.- Sankara, Sundargarh - 770020, E-mail: address-serw_sundargarh@yahoo.com

No. Tender Online - RWCCESNG-15 of 2021-22 Letter No. 2952 / Dtd.23.09.21

### e-Procurement Notice

1. Type of the Work : Building
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 15 of 2021-22 | 29.09.2021 11.00 A.M. | 22.10.2021 3.00 P.M. | 21.10.2021 3.00 P.M. | 26.10.2021 11.00 A.M. | Will be intimated separately |

Furtehr details can be seen from the website **www.tendersodisha.gov.in**.

**Sd./- Chief Construction Engineer, Rural Works Circle, Sundargarh**
**OIPR-25133/11/0023/2122**

## ତହସିଲ କାର୍ଯ୍ୟାଳୟ, କାମାକ୍ଷାନଗର
## ଜିଲ୍ଲା-ଢେଙ୍କାନାଳ

ସଂଖ୍ୟା 3945/ତାରିଖ: 23.09.2021

### ଲଘୁ ଖଣିଜ ସକାଶେ ଦୀର୍ଘମିଆଦୀ ଲିଜ୍ ଇସ୍ତାହାର

No. F-151:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ କାମାକ୍ଷାନଗର ତହସିଲ ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, କାମାକ୍ଷାନଗରଙ୍କ ଦ୍ୱାରା ତା୨୨.୧୦.୨୦୨୧, ୨୯.୧୦.୨୦୨୧, ୦୫.୧୧.୨୦୨୧ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ)ରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.inରେ ଉପଲବ୍ଧ ହେବ ।

ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକରେ ତହସିଲ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସ, ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା ୨୧.୧୦.୨୦୨୧, ୨୮.୧୦.୨୦୨୧, ୦୪.୧୧.୨୦୨୧ରିଖ ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

**ସ୍ୱା./- ତହସିଲଦାର, କାମାକ୍ଷାନଗର**
OIPR-24065/11/0005/2122

## ODISHA LIFT IRRIGATION CORPORATION LTD.

(A Government of Odisha Undertaking)

## OFFICE OF THE EXECUTIVE ENGINEER, LIFT IRRIGATION DIVISION, SUBARNAPUR

E-mail ID: eeolicsnp@gmail.com

### NOTICE INVITING REQUEST FOR PROPOSAL FOR SELECTION OF FACILITY MANAGEMENT AGENCY FOR ENGAGEMENT OF UNARMED SECURITY GUARD

**NO. 2227** **Dt. 21.09.21**

No. CAD-1290: Executive Engineer, Lift Irrigation Division, Subarnapur invites sealed proposals from eligible bidders (Firms/ Agencies) interested to provide "Facility Management Services" on outsourcing basis vide a service contract to be engaged at Lift Irrigation Divison, Subarnapur.
Tender documents can be had from the Office of the Executive Engineer, Lift Irrigation Division, Subarnapur during office hours on working days from **Dt.28.09.21 to Dt.07.10.21** on application and payment of cost of tender paper (non-refundable Rs.4000/-) in shape of Bank Draft/Banker's Cheque drawn on any Nationalized Bank in favour of **Executive Engineer, Lift Irrigation Division,** Subarnapur payable at Subarnapur. The details as below:

| Cost of Tender Paper | Mode of Payment | GST @ 5% on Paper Cost | Mode of Payment of GST @ 5% on Paper Cost |
|---|---|---|---|
| Rs.4000/- (Rupees Four thousand only) | In shape of Bank Draft/Banker's Cheque drawn on any Nationalized Bank in favour of Executive Engineer, Lift Irrigation Division, Subarnapur payable at Subarnapur | Rs.200/- (Two hundred only) | Through Challan to be deposited in GST No. 21AAACO5986G1ZF of OLIC |

The completed tender documents shall be received at L.I. Division, Subarnapur by Speed Post/Registered Post/Courier only upto 02.00 P.M. of Dt.08.10.21 which will be opened at Lift Irrigation, Subarnapur on the same day at 03.30 P.M. in presence of tenderers or their authorized representative if any.
The tender must be accompanied with all required documents/EMD as per DTCN in absence of which the tender will summarily be rejected.
The undersigned reserves the right to accept or reject any or all the tenders without assigning any reason thereof.

**Sd./- Executive Engineer, L.I. Division, Subarnapur**
**OIPR-32316/11/0001/2122**

## ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

### ବିଜ୍ଞାପନ

ପତ୍ର ସଂଖ୍ୟା ୮୩୩୧ ତା୨୪।୦୯।୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାମାଜିକ ସୁରକ୍ଷା ଯୋଜନାର ବାର୍ଷିକ ତଦନ୍ତ ଅନ୍ତର୍ଗତ ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ଇତ୍ୟାଦି ପାଇଁ ଆସନ୍ତା ତା୨୭।୦୯।୨୦୨୧ରିଖରୁ ତା୦୮।୧୦।୨୦୨୧ରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ୱାର୍ଡ଼ କାର୍ଯ୍ୟାଳୟରେ ତଦନ୍ତ କରାଯିବ। ଏଥିରେ ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରିବା ସହିତ ଅନୁପଯୁକ୍ତ ହିତାଧିକାରୀଙ୍କୁ ବାଦ ଦିଆଯିବ। ଏହି କାର୍ଯ୍ୟକ୍ରମ ନିମ୍ନ ସୂଚୀମତେ କରାଯିବ। କୌଣସି ବ୍ୟକ୍ତିଙ୍କର ଆପତ୍ତି ଅଭିଯୋଗ ଥିଲେ ତା୦୮।୧୦।୨୦୨୧ରିଖ ସୁଦ୍ଧା ନିଜ ୱାର୍ଡ଼ ଅଫିସର ତଦନ୍ତ କମିଟି ପାଖରେ ଯୋଗାଯୋଗ କରିବା ହେବେ। ନିର୍ଦ୍ଧାରିତ ସମୟ ସୀମା ପରେ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

| Sl. No. | Date | Ward No. | Time | Members of the Verifying Team | Location |
|---|---|---|---|---|---|
| 1 | 27.09.2021 | 1, 3, 8 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 2 | 28.09.2021 | 2, 4, 9, 13, 35, 21 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 3 | 29.09.2021 | 10, 31, 16, 39 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 4 | 30.09.2021 | 6, 11, 17, 32, 41 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 5 | 01.10.2021 | 7, 12, 36, 27 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 6 | 04.10.2021 | 18, 19, 20, 25, 38 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 7 | 05.10.2021 | 14, 22, 24, 26, 29, 34 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 8 | 07.10.2021 | 23, 15, 28, 40, 37 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |
| 9 | 08.10.2021 | 5, 30, 33 | 10 A.M. | Concern CO<br>Concern Ward Level Committe<br>ALF/Active MSG/SDA<br>5 Nos. of Pensioners, Local Dignitaries | Concern Ward Office |

**ସ୍ୱା./- ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**

## THE ODISHA AGRO INDUSTRIES CORPORATION LIMITED

**95, Satyanagar Bhubaneswar - 751007**

### EMPANELMENT OF ELECTRICAL CONTRACTORS

No. CAD-1293: Applications are invited for empanelment of electrical contractors in the corporation in prescribed form from eligible electrical contractors/firms having HT license in confirmty to OERC for execution of all types of electrical works at different locations of Odisha. The vendors/contractors should have sufficient experience in construction & execution of projects with electrical works. The interested firms/contractors may submit their non-bidding Expression of Interest (EOI) on or before **Dt.25.10.2021 upto 4 P.M.** The application form if downloaded from **http://odishaagro.nic.in** be attached with non-refundable fee in shape of Demand Draft (D.D.) for **Rs.5900/- (Rupees five thousand nine hundred only) (Incl. of GST)** of any Nationalized Bank drawn in favour of M.D. The Odisha Agro Industries Corporation Ltd. payable at Bhubaneswar along with required documents as specified in the form. Application form can also be purchased from the Head Office of OAIC Ltd., Bhubaneswar on payment of **Rs.5900/- (Rupees five thousand nine hundred only)** (Non-refundable) in shape of Bank Draft or Cash on all working days. The undersigned reserves the right to accept/reject any or all application(s) without assigning any reason thereof.

**Sd./- Managing Director**
**OIPR-01047/11/0014/2122**

## ତହସିଲ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ଜିଲ୍ଲା: କୋରାପୁଟ

ବିଜ୍ଞପ୍ତି ସଂଖ୍ୟା: ୧୮୪୧/୨୦୨୧ (ସୈରାତ) ତା୨୧।୦୯।୨୦୨୧

### ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ପଟ୍ଟାଙ୍ଗି ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ଲଘୁ ଖଣିଜ ସୈରାତ ଉତ୍ସଗୁଡ଼ିକର ଓଡ଼ିଶା ଦ୍ରବ୍ୟ ରିହାତି ଆଇନ, ୨୦୧୬ ଓ ଏହାର ସଂଶୋଧନ ଆଇନ ୨୦୧୮ ମୁତାବକ ଆସନ୍ତା ୦୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC, Rule-2016ର ଫର୍ମ M (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦ ଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ପ୍ରଥମ ପର୍ଯ୍ୟାୟ ତା୨୫।୦୯।୨୦୨୧ଠାରୁ ୧୬।୧୦।୨୦୨୧ ସମୟ ଅପରାହ୍ନ ଘ୦୪.୩୦ମିନିଟ୍, ଦ୍ୱିତୀୟ ପର୍ଯ୍ୟାୟ ତା୨୧।୧୦।୨୦୨୧ରିଖଠାରୁ ୨୭।୧୦।୨୦୨୧ ସମୟ ଅପରାହ୍ନ ଘ୦୪.୩୦ମିନିଟ୍ ଏବଂ ଶେଷ ପର୍ଯ୍ୟାୟ ତା୩୦।୧୦।୨୦୨୧ରିଖଠାରୁ ୦୫।୧୧।୨୦୨୧ ସମୟ ଅପରାହ୍ନ ଘ୦୨.୦୦ ମିନିଟ୍ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇ ପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ। ଏହି ବିଜ୍ଞାପନର ସମସ୍ତ ବିବରଣୀ କୋରାପୁଟ ଜିଲ୍ଲା ୱେବସାଇଟ୍ **www.koraput.nic.in**ରେ ଦେଖିପାରିବେ। ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି।

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ/ HC) | କିସମ | ରୟାଲଟି ଦର (ଟଙ୍କାରେ/ ଘ.ମି. ପ୍ରତି) | ଅତିରିକ୍ତ ଦେୟ କର (ଟଙ୍କାରେ/ ଘ.ମି. ପ୍ରତି) |
|---|---|---|---|---|---|---|---|---|
| ୧ | ପଥର ଖଣି | ଓଲାପାରୁ | 25 | 39 | 4.80/1.942 | କୁପୁଲି | 130.00 | 8.00 |
| ୨ | ମୋରମ ଖଣି | ଓଲାପାରୁ | 25 | 200 | 12.30/4.97 | କୁପୁଲି | 35.00 | 2.00 |
| ୩ | ପଥର ଖଣି | ସରଗି ଗୁଡ଼ା | 76 | 507 | 9.00/3.64 | ପାହାଡ଼ | 130.00 | 8.00 |
| ୪ | ପଥର ଖଣି | କରଞ୍ଜ ଗୁଡ଼ା | 41 | 157 | 4.90/1.98 | ପାହାଡ଼ | 130.00 | 8.00 |
| ୫ | ମୋରମ ଖଣି | ପୁକାଲି | 186 | 245 | 6.30/2.549 | ପାହାଡ଼ | 35.00 | 2.00 |

**ସ୍ୱା./- ତହସିଲଦାର, ପଟ୍ଟାଙ୍ଗି, ଜିଲ୍ଲା: କୋରାପୁଟ**




## ଜଙ୍ଗଲ ସଂରକ୍ଷଣ

ବିଦ୍ୟାଳୟ ପରିସରରେ
ଅଥବା ରାସ୍ତା କଡ଼ରେ
ବୃକ୍ଷରୋପଣ କରି କରାଇ
ଆଗକୁ ପାଦେ ବଢରେ।
ଜଙ୍ଗଲରୁ କାଠ କାଟିବାକୁ
ନିଷିଦ୍ଧ କରାଯାଇଛି
ପଶୁପକ୍ଷୀଙ୍କ ଶିକାର ବନ୍ଦ
ଘୋଷଣା କରା ହୋଇଛି।
ବିଦ୍ୟାଳୟରେ ଗଠନ ହୋଇ
'ଇକୋ' କ୍ଲବ ତ ରହିଛି
ବୃକ୍ଷରୋପଣ କରିବା ଲାଗି
ବାରତା ନିତି ଦେଉଛି।
ରାସ୍ତା ତିଆରି କରିବା ପାଇଁ
ଗଛ କାଟିବ ଯେବେ
ଲଗାଇବାକୁ ହେବ ନିହାତି
ସେତିକି ଗଛ ତେବେ।
ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର
ପୁରସ୍କାର ଦିଆଯାଉଛି
ବନୀକରଣ କରୁଛି ଯିଏ
ସିଏ ତାହାକୁ ପାଉଛି।

*–ନିରଞ୍ଜନ ସାହୁ, ନିହଲପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ*

## ଘାଣ୍ଟ ତରକାରି

ଦ୍ୱିତୀୟା ଓଷାର ପରଦିନ ହୁଏ
ଗଜାମୁଗ ତରକାରି
ଘାଣ୍ଟ ତରକାରି ଖାଇବାକୁ ଲାଗେ
ସତରେ ସୁଆଦ ଭାରି

ଦିନକ ଆଗରୁ ବୋଉ,
ଯୋଗାଡ଼ି ରଖଇ ଗଜାମୁଗ, ବୁଟ
ଦେଶୀଆଳୁ, ସାରୁ, ଓଉ।

କଖାରୁ, କଦଳୀ, କନ୍ଦମୂଳ, ଆଳୁ
ମସଲା, ଖଣ୍ଡନଡ଼ିଆ
ସବୁକୁ ପକାଇ ରାନ୍ଧିଦିଏ ବୋଉ
ଲାଗଇ ଭାରି ବଢ଼ିଆ

ଗରମ ଗରମ ଆଣି,
ପରଷି ଦିଅଇ ଭାତ ସଂଗେ ଘାଣ୍ଟ
ଆମ ମନକଥା ଜାଣି।

ବୋଉ ରାନ୍ଧୁଥାଏ ଘାଣ୍ଟ ତରକାରି
ମହକଇ ଆମ ଘର
ରନ୍ଧା କାମ ଏବେ ସରିଲା କି ନାହିଁ
ଉଣ୍ଟୁଥାଏ ବାର ବାର।

*–ଜୟକୃଷ୍ଣ ସାହୁ, କପିଳପ୍ରସାଦ, ଭୁବନେଶ୍ୱର*

## ବୃକ୍ଷ

ଚେରରେ ଧରିଛି ମାଟିକୁ ଜାବୁଡ଼ି
ଛିଡା ହୋଇଛି ସେ ଜୀବନ ସାରା,
ଗଭୀର ମାଟିରୁ ଜଳ ଟାଣି ଆଣି
ଶୀତଳ ରଖୁଛି ଆମରି ଧରା।
ବାସଗୃହ,ଖାଦ୍ୟ,ଆସବାବପତ୍ର
ପୋଷାକ, କାଗଜ ଦାନ ବୃକ୍ଷର,
ଜଳ,ବାୟୁ,ମାଟି ସୁସ୍ଥ ପରିବେଶ
ଦେଇଥାଏ ବୃକ୍ଷ ଯେ ବାରମ୍ବାର।
ଏତେ ସବୁ ପାଇ ତଥାପି ମଣିଷ
କୃତଘ୍ନ ହୋଇଣ କାଟେ ଗଛକୁ ,
କେମିତି କହିବା ଜ୍ଞାନୀ ଏ ମଣିଷ
ହୁଇସିଲ୍ ମାରି ଡାକେ ଧ୍ୱଂସକୁ।
ରୋଗ ବଇରାଗ ନିମନ୍ତ୍ରଣ କରେ
ଭଳିଭଳି ରୋଗ ଆସଇ ମାଡି ,
ଉତ୍ତାପ ବଢୁଛି ଦିନୁଦିନ ପୁଣି
ଗ୍ଲେସିଅର ସବୁ ଯାଏ ତରଳି।
ସମୁଦ୍ର ପତନ ବଢିବଢି ଚାଲେ
ଜଳାର୍ଣ୍ଣବ ହେବ ସତେକି ପୃଥ୍ୱୀ,
ସ୍ୱାର୍ଥପର ଏଇ ମଣିଷ କେମିତି
ଭବିଷ୍ୟତ କଥା ପାରୁନି ଚିନ୍ତି।

*–ଅରୂପ କୁମାର ବିଶ୍ୱାଳ, ଏନ୍.ଏ.ସି. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ, ଜଗତ୍‌ସିଂହପୁର*

## ନିଷ୍ଠାପର ଭାବ

ନିଷ୍ଠାପର ଭାବ ପ୍ରକାଶ ପାଇଲେ
କାର୍ଯ୍ୟଟି ହୁଏ ସଫଳ,
ନିଷ୍ଠାପର ଭାବ ଜାଗରିତ ହଲେ
ଦୃଢ଼ ହୁଏ ମନୋବଳ।
ନିଷ୍ଠାପର ଭାବେ କାର୍ଯ୍ୟରତ ଥିଲେ
ସବୁଠି ପାରିବ ଜିଣି,
ନିଷ୍ଠାପର ଭାବ ସଫଳତା ଚାବି
ପୁସ୍ତକରୁ ଅଛେ ଜାଣି।
ନିଷ୍ଠାପର ଭାବ ଆଗକୁ ଆଗକୁ
ବଢ଼ିବା ପ୍ରେରଣା ଦିଏ,
ନିଷ୍ଠାପର ଭାବ ଜଟିଳ କର୍ମକୁ
ସରଳ ବି କରିଥାଏ।
ନିଷ୍ଠାପର ଭାବ ମନରେ ପ୍ରାଣରେ
ସୁଖ ଶାନ୍ତି ଦିଏ ଭରି,
ନିଷ୍ଠାପର ଭାବ ଅସମ୍ଭବଟିକୁ
ସମ୍ଭବ ଦିଏ କରି।

*–ବସନ୍ତ କୁମାର ଦାସ, ରମ୍ଭା, ବରି, ଯାଜପୁର*

ଜଣା ଅଜଣା

## ଝିଟିପିଟି



➤ପୃଥିବୀରେ ପାଖାପାଖି ୫୦୦୦ ପ୍ରଜାତିର ଝିଟିପିଟି ଅଛନ୍ତି।
➤ଶତ୍ରୁଠାରୁ ରକ୍ଷା ପାଇବା ପାଇଁ ଝିଟିପିଟି ତାହାର ଲାଞ୍ଜକୁ ବ୍ୟବହାର କରେ।
➤ନିଜ ଶରୀରରୁ ଲାଞ୍ଜ ଅଲଗା କରି ନିଜକୁ ରକ୍ଷା କରିଥାଏ।
➤ପୃଥିବୀର ଯେକୌଣସି ସ୍ଥାନରେ ଝିଟିପିଟି ରହିପାରନ୍ତି।
➤ଏପରି କେତେକ ପ୍ରଜାତିର ଝିଟିପିଟି ଅଛନ୍ତି, ଯେଉଁମାନେ ବଞ୍ଚିଥିବା ପର୍ଯ୍ୟନ୍ତ ଆଦୌ ପାଣି ପିଇ ନ ଥାନ୍ତି।
➤ଚାମେଲିନ୍ ପ୍ରଜାତିର ଝିଟିପିଟି ନିଜର ରଙ୍ଗ ପରିବର୍ତ୍ତନ କରିପାରନ୍ତି। ଏପରି ରଙ୍ଗ ପରିବର୍ତ୍ତନ କରି ସେମାନେ ପରସ୍ପର ମଧ୍ୟରେ ଯୋଗାଯୋଗ ରକ୍ଷା କରିଥାଆନ୍ତି। ଅନ୍ୟପକ୍ଷରେ ଶିକାରୀମାନଙ୍କଠାରୁ ସେମାନେ ନିଜକୁ ରକ୍ଷା କରିଥାଆନ୍ତି।
➤ସବଠାରୁ ବିଶାଳ ଝିଟିପିଟି ଭାବରେ 'କୋମୋଡୋ ଡ୍ରାଗନ' ପ୍ରଜାତିର ଝିଟିପିଟିଙ୍କୁ ଗଣନା କରାଯାଇଥାଏ। ସେମାନଙ୍କଠାରୁ ଦୂରରେ ଥିବା ଶିକାରକୁ ସେମାନେ ନିଜ ପାଟିରୁ ବିଷ ଫୋପାଡ଼ି ସଂଗ୍ରହ କରିଥାଆନ୍ତି। ଏହି ଝିଟିପିଟି ପ୍ରାୟ ୧୦ ଫୁଟ ପର୍ଯ୍ୟନ୍ତ ବଢ଼ିପାରନ୍ତି।
➤ମେରାଇନ୍ ଗାଲାପାସୋଗ ପ୍ରଜାତିର ଝିଟିପିଟି ପାଣିରେ ପହଁରି ପାରନ୍ତି।
➤ଦୁନିଆର ସବୁଠାରୁ ଛୋଟ ଝିଟିପିଟି ହେଉଛି ଜରାଗୁଆ। ଏହା ୧.୬ ସେମି. ପର୍ଯ୍ୟନ୍ତ ବଢ଼ିପାରେ।

## ଟଗଲା ଭୀମୁ






ସୁହାନି
୭ବର୍ଷ

ଆ
ଇ
ନା

## ଖିଲିଖିଲି ହସ

(ଅଜା–ନାତି ମଧ୍ୟରେ କଥାବାର୍ତ୍ତା)

ଥରେ ଅଜା ବାରଣ୍ଡାରେ ବସି ଖବରକାଗଜ ପଢୁଥିଲେ। ଏତିକି ବେଳେ ତାଙ୍କର ନାତି ବବଲୁ ଆସି କହିଲା, ଜେଜେ କ'ଣ କରୁଛ ? ଜେଜେ ଉତ୍ତର ଦେଲେ, ମୁଁ ପେପର ପଢୁଛି, ଆଚ୍ଛା ତୋ ପାଠ ପଢ଼ା କେମିତି ଚାଲିଛି ? ବବଲୁ କହିଲା, 'ଠିକ୍ ଆପଣଙ୍କ ଜୀବନ ପରି।' ଅଜା ପଚାରିଲେ, ଆରେ ତୁ କ'ଣ କହୁଛୁ ମୁଁ ଜାଣିପାରୁନି। ବବଲୁ ଉତ୍ତର ଦେଲା, ମାନେ, ଭଗବାନ ଭରସା।

---

ଥରେ ପପୁ ଗୋଟିଏ କୁକୁଡା ପାଖରେ ବସି ରୁଟି ଖାଉଥାଏ। ଏହାଦେଖି ତା' ବାପା ତାକୁ ପଚାରିଲେ, ଆରେ ପପୁ, ତୁ କୁକୁଡା ପାଖରେ ବସି କାହିଁକି ରୁଟି ଖାଉଛୁ ? ପପୁ କହିଲା, ବାପା, ମୁଁ ଚିକେନ୍ (କୁକୁଡା) ସହ ରୁଟି ଖାଉଛି।

ଶିଶୁ ପ୍ରତିଭା

## ଅଲ୍‌ରାଉଣ୍ଡର ରୂପାଲୀ


ରୂପାଲୀ

ନିଜର ଓଜସ୍ୱିନୀ ଅଭିଭାଷଣ ତଥା ଚେତନାଧର୍ମୀ ବ୍ୟଙ୍ଗକବିତା ମାଧ୍ୟମରେ ବିଦ୍ୟାଳୟଠାରୁ ମହାବିଦ୍ୟାଳୟ ତଥା ଗ୍ରାମରୁ ସହର ପର୍ଯ୍ୟନ୍ତ ସେ ବାଣ୍ଟି ଚାଲିଛନ୍ତି ସଚେତନତାର ବାର୍ତ୍ତା। ଖୁବ୍ କମ୍ ବୟସରୁ ସେ ନିଜ ଦକ୍ଷତା, ସୃଜନଶୀଳତା ଓ ବାଗ୍ମୀତାର ପରିଚୟ ଦେଇ ପ୍ରମାଣ କରି ଦେଇଛନ୍ତି, ଝିଅଟିଏ କୌଣସି ଗୁଣରେ ପୁଅଠାରୁ କମ୍ ନୁହେଁ। ପୁରାଣ ହେଉ କିମ୍ବା ସାହିତ୍ୟ, ସଂସ୍କୃତି ଅବା ବିଜ୍ଞାନ ପ୍ରତ୍ୟେକ ବିଷୟରେ ଅନର୍ଗଳ ଭାଷଣ ଦେଇ ସେ ନା କେବଳ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିପାରିଛନ୍ତି ବରଂ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ଏଭଳି ଜଣେ ଶିଶୁ ପ୍ରତିଭା ହେଉଛନ୍ତି ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ସୁନାଖଳା ଗ୍ରାମର ମାତା ପ୍ରମିଳା ଏବଂ ପିତା ଅଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ସାନ ଝିଅ ରୂପାଲୀ।

ବର୍ତ୍ତମାନ ସେ କଟକ ଜିଲା ବାଙ୍କୀ ଅନ୍ତର୍ଗତ ଯୋକିଡୋଳାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ରୀ। ତାଙ୍କ ମନରେ ଭରି ରହିଛି ଏକ ସ୍ୱଚ୍ଛ, ସମୃଦ୍ଧ ତଥା ବିକଶିତ ସମାଜ ଓ ରାଷ୍ଟ୍ର ଗଠନର ସ୍ୱପ୍ନ ; ଯାହାକୁ ପାଥେୟ କରି ସେ ସମ୍ପ୍ରତି ସରକାରଙ୍କର ଜନମଙ୍ଗଳ ଯୋଜନା ଯଥା ବେଟି ବଚାଓ, ବେଟି ପଢାଓ, ବାଲ୍ୟ ବିବାହ ବିରୋଧ, ଶିଶୁ ଶିକ୍ଷା ଅଧିକାର, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ସ୍ୱଚ୍ଛ ଭାରତ ମିଶନ, ଜଳ ସ୍ୱଚ୍ଛତା ଓ ପରିମଳ ଯୋଜନା, ପରିବେଶ ସୁରକ୍ଷା, ନିଶା ନିବାରଣ, ନାରୀ ସଶକ୍ତୀକରଣ, ଭାଷା ଓ ସଂସ୍କୃତିର ସୁରକ୍ଷା ଆଦି କାର୍ଯ୍ୟକ୍ରମଗୁଡ଼ିକ ଉପରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆରମ୍ଭ କରିଛନ୍ତି ଅନେକ ଅଭିନବ ପ୍ରୟାସ। ସମ୍ପ୍ରତି କରୋନା ସମୟରେ ସଭା ସମିତି ଉପରେ କଟକଣା ଥିବାରୁ 'ସାହୁ ରୂପାଲୀ' ନାମରେ ସେ ନିଜ ୟୁ –ଟ୍ୟୁବ୍ ଚ୍ୟାନେଲ ଖୋଲି ଏସବୁ ସଚେତନତା ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଉଦ୍ୟମ ଜାରି ରଖିଛନ୍ତି। ସେ ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସାମିଲ ହେବା ସହିତ ବିଭିନ୍ନ ଜିଲା ତଥା ରାଜ୍ୟସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ବହୁବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଜର ସୃଜନଶୀଳତା ପାଇଁ ତାଙ୍କୁ ମିଳିଛି ରାଜ୍ୟ ଶିଶୁ ସୁରକ୍ଷା ଓ ଅଧିକାର ବିଭାଗ ପକ୍ଷରୁ ଶିଶୁ ପ୍ରତିଭା ସମ୍ମାନ– ୨୦୧୬, ଶ୍ରେଷ୍ଠ କନ୍ୟାରତ୍ନ ସମ୍ମାନ– ୨୦୧୭, ପଠାଣି ସାମନ୍ତ ଚନ୍ଦ୍ରଶେଖର ସମ୍ମାନ– ୨୦୧୭, କଳିଙ୍ଗ କନ୍ୟା ଶିଶୁ ପ୍ରତିଭା ସମ୍ମାନ– ୨୦୧୭, ଋତୁରାଜ ବସନ୍ତ ସମ୍ମାନ– ୨୦୧୮, କୁସୁମୀ ମହୋତ୍ସବ ସମ୍ମାନ– ୨୦୧୮, ଶିଶୁ ବଜାର ଶିଶୁ ପ୍ରତିଭା ସମ୍ମାନ– ୨୦୧୮, କର୍ତ୍ତବ୍ୟ ବୋଧିନି ସମ୍ମାନ– ୨୦୧୯, ସୁରଭି ସ୍ୱପ୍ନ ସମ୍ମାନ– ୨୦୨୦ ଭଳି ଅନେକ ସମ୍ମାନ। ତେବେ ସେ ଜଣେ ମେଧାବୀ ଛାତ୍ରୀ ମଧ୍ୟ। ଏହା ବ୍ୟତୀତ ଚିତ୍ର ଆଙ୍କିବା ଓ କବିତା ଲେଖିବାରେ ତାଙ୍କର ବିଶେଷ ରୁଚି ରହିଛି। ଭାରତର ପୂର୍ବତନ ରାଷ୍ଟ୍ରପତି ଡ଼. ଏ. ପି. ଜେ. ଅବଦୁଲ କଲାମଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆଗକୁ ବଢୁଥିବା ରୂପାଲୀ ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାର ଲକ୍ଷ୍ୟ ରଖିଛନ୍ତି।

## ସନିଆର ଶିକ୍ଷା

ଗପ

ଗୋଟିଏ ଗାଁରେ କୃଷକଟିଏ ଥିଲା। ନାଁ ତା'ର ସନିଆ। ଘରେ ବୁଢ଼ୀମା', ସ୍ତ୍ରୀ ଓ ୧୨ ବର୍ଷର ପୁଅଟିଏ। ପୁଅକୁ ଶ୍ରଦ୍ଧାରେ ଡାକୁଥିଲେ କରୁଣାକର। ପୁଅର ନାଁ ଯେମିତି, ଗୁଣ ସେମିତି। ବୁଦ୍ଧି, ବିଦ୍ୟା ଓ ଦୟାରେ ସେ କରୁଣାର ଗନ୍ତାଘର। ତା'ର ଜୀବଜନ୍ତୁଙ୍କଠାରେ ଅତ୍ୟନ୍ତ ସ୍ନେହ ଓ ଦୟା।

ସେଦିନ ଥାଏ ରବିବାର। କରୁଣାକର ସାଙ୍ଗମାନଙ୍କ ସହିତ ଦାଣ୍ଡରେ ଖେଳୁଥାଏ। ଏତିକିବେଳେ ତାଙ୍କ ପଡ଼ୋଶୀ ଭାଗୁଆଳି ଗୋପାଳ କକା ଦାଣ୍ଡଦୁଆରେ ଡାକ ଛାଡ଼ିଲେ, ''ସନିଆ ଭାଇ, ବିଲକୁ ଯିବୁନି କି? ଆଜିପରା ଅଧା ହଳଥିବା ବିଲଟା ସାରିବା।'' ସନିଆ ଗାମୁଛାଟାକୁ ମୁଣ୍ଡରେ ଭିଡ଼ି ଦେଇ ଚାଳରେ ଖୋଷା ହୋଇଥିବା ପାଞ୍ଚଣଟାକୁ ଆଣି ଗୁହାଳକୁ ଗଲା ବଳଦ ଫିଟାଇବାକୁ। ଗୋଟିଏ ବଳଦକୁ ବାହାରକୁ ଆଣି ସାରି ଅନ୍ୟଟିକୁ ଆଣିବାକୁ ଗଲା। ସେତେବେଳକୁ ବଳଦଟି ଶୋଇଛି। ଯେତେ ବାଡ଼ିରେ ପିଟିଲା, କେଞ୍ଚାକେଞ୍ଚି କଲା, ସେ ଉଠୁ ନ ଥାଏ। ସନିଆ ବାରମ୍ବାର ବାଡ଼ାଉଥିବା ଅବସ୍ଥାରେ କରୁଣାକର ହଠାତ୍ ଯାଇ ବାପାଙ୍କ ହାତକୁ ଧରି ପକାଇଲା।

ବଳଦକୁ ଚାହିଁ ବିକଳ ହୋଇ କରୁଣାକର କହିଲା, ''ଏ କ'ଣ କରୁଛ ବାପା! ବଳଦଟିକୁ ଏପରି ନିଷ୍ଠୁର ଭାବେ ପିଟୁଛ କାହିଁକି? ତା' ଆଖିକୁ ଦେଖ ଲୁହ କେମିତି ବୋହିଯାଉଛି? ତା'ର ଦେହ ଭଲ ନାହିଁ। ସେମାନେ ଆମ ପରି କଥା କହିପାରୁ ନାହାନ୍ତି। ଏପରି ନିର୍ଦ୍ଦୟ ଭାବେ ବାଡେଇଲେ ତାକୁ କ'ଣ କଷ୍ଟହେଉନି? ଗୃହପାଳିତ ପ୍ରାଣୀଙ୍କ ଜୀବନ ମଣିଷ ହାତରେ। ଆମେ ତାଙ୍କୁ ଦୟା ନ କଲେ ସେମାନେ କେତେ ଦୁଃଖ ପାଇବେ?''

ପୁଅ ମୁହଁକୁ ସନିଆ ଆଁ କରି ଅନେଇଥାଏ। ଆଶ୍ଚର୍ଯ୍ୟ ହୋଇ ଭାବିଲା, ''ଏଡ଼େ ଟିକିଏ ପିଲା, କେତେ ବୁଦ୍ଧି ତା'ର!'' ସନିଆର ମନଟା ଦୁଃଖ ଓ ଅବସୋସରେ ଭରିଗଲା। କହିଲା, ''ପୁଅରେ! ଚାଲ, ପାଖ ପଶୁ ଡାକ୍ତରଖାନାରୁ ଡାକ୍ତର ଡାକିଆଣିବା।'' ବାପ–ପୁଅ ଡାକ୍ତରଙ୍କୁ ଡାକିଆଣିଲେ। ଡାକ୍ତରବାବୁ ବଳଦକୁ ଔଷଧ ଓ ଇଞ୍ଜେକ୍ସନ ଦେବାର କିଛି ସମୟ ପରେ ସେ ଛିଡ଼ା ହୋଇ ଆଶ୍ୱସ୍ତିରେ ନିଃଶ୍ୱାସ ମାରିଲା। ସମସ୍ତେ ଖୁସୀ। ସନିଆଠାରୁ କରୁଣାକର ବିଷୟରେ ସବୁ ଶୁଣି ଡାକ୍ତରବାବୁ କହିଲେ, ''ସନିଆ! ତମେ କରୁଣାକର ଭଳି ପୁଅକୁ ପାଇ ଧନ୍ୟ ହୋଇଛ। ସିଏ ତୁମ ଆଖି ଖୋଲିଦେଇଛି। ସବୁ ପିଲା ଯଦି ତୁମ



ପୁଅ ପରି ହୋଇଯିବେ, ତା'ହେଲେ ଜୀବଜଗତ ସଂସାରରେ ତିଷ୍ଠି ରହିବ। ଜୀବଜନ୍ତୁଙ୍କୁ ସ୍ନେହ ଶ୍ରଦ୍ଧା କଲେ ଓ ଉପଯୁକ୍ତ ଯତ୍ନ ନେଲେ ମଣିଷ–ଗୃହପାଳିତ ପ୍ରାଣୀ ସାଥୀ ହୋଇ ଚଳିବେ। 'ଜୀବେ ଦୟା' ଉକ୍ତିଟି ନିଶ୍ଚୟ ସାର୍ଥକ ହେବ। କାରଣ ଜୀବଜନ୍ତୁଙ୍କ ସହ ମଣିଷସମାଜ ଓତପ୍ରୋତ ଭାବେ ଜଡ଼ିତ।'' ସନିଆ ପୁଅଠାରୁ ଉଚିତ ଶିକ୍ଷା ପାଇଥିବାରୁ ଲଜ୍ଜା ଅନୁଭବ କରୁଥିଲା।

**– ପୁଷ୍ପଲତା ମହାନ୍ତି**
୭୧/ଏ, ବିଜେବି ସ୍କୋୟାର, ଭୁବନେଶ୍ୱର

ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଆଇସକ୍ରିମ୍ ତିଆରି କରି ବିଶ୍ୱ ରେକର୍ଡ

ଆଇସକ୍ରିମ୍–ଏହାକୁ ଦେଖିବା ମାତ୍ରେ ପିଲାମାନଙ୍କ ପାଟିରୁ ଲାଳ ଗଡ଼ିଥାଏ। ପିଲାଏ, ତୁମେମାନେ ତ ବିଭିନ୍ନ ଫ୍ଲେଭରର ଆଇସକ୍ରିମ୍ ନିଶ୍ଚୟ ଖାଇଥିବ। କାହାକୁ ଚକୋଲେଟ୍ ଫ୍ଲେଭର ତ କାହାକୁ ଭାନିଲା, ବଟରସ୍କଚ୍ ଆଦି ଭଲ ଲାଗିଥାଏ। କିନ୍ତୁ ୧୦୦୦ରୁ ଅଧିକ ପ୍ରକାରର ଆଇସକ୍ରିମ୍ ଫ୍ଲେଭର ତିଆରି ବି ହୋଇପାରେ, ଏକଥା ହୁଏତ ଖୁବ୍ କମ୍ ଜାଣିଥିବେ। ମୋଟ ୧୦୦୧ ପ୍ରକାରର ଫ୍ଲେଭରରେ ଆଇସକ୍ରିମ୍ ତିଆରି କରି ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି ବ୍ରିଟେନରେ ଥିବା ପାନ ଆଣ୍ଡ ଆଇସ ବ୍ରାଣ୍ଡ ନାମକ ଏକ କମ୍ପାନୀ। ଏଠାରେ ଏତେ ପ୍ରକାରର ଆଇସକ୍ରିମ୍ ରହିଛି ଯେ ଯେତେବେଳେ ଯାହା ଖୋଜିବେ ପାଇପାରିବେ।



ବିଭିନ୍ନ ଫ୍ଲେଭରର ଆଇସକ୍ରିମ୍ ଏଠାରେ ସୁନ୍ଦରଭାବେ ଚେରୀ ଏବଂ କ୍ୟାଣ୍ଡି ଦ୍ୱାରା ସର୍ଭ କରାଯାଇଥାଏ। ସବୁଠୁ ଅଧିକ ପ୍ରକାରର ଆଇସକ୍ରିମ୍ ତିଆରି କରିଥିବାରୁ ଏବେ ଏହି ମଲ୍ ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇପାରିଛି।



**ଅନ୍ୱେଷା ଜେନା**
କ୍ଲାସ– ୪, ଗଣପତି ଶିଶୁ ବିଦ୍ୟାମନ୍ଦିର, ବମ୍ବୁରୀ, କନ୍ଦରପୁର, କଟକସଦର









**ସତଭିଶା ପଟ୍ଟନାୟକ**
କ୍ଲାସ– ୨, ଡିଏଭି ପବ୍ଲିକ ସ୍କୁଲ, ସିଡିଏ, କଟକ



**ଭବାଂଶୀ ହୋତା**
କ୍ଲାସ– ୬, ବିଜ୍ଞାନ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ଜୟପୁର, କୋରାପୁଟ





**ଅନନ୍ୟା ରୂପାଲୀ ତ୍ରିପାଠୀ**
କ୍ଲାସ– ୭, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି

# ଓଡ଼ିଶାର ଆର୍ଥିକ ସ୍ଥିତି ନେଇ ଭାଜପା-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର,୨୪।୯(ବ୍ୟୁରୋ)

ରାଜ୍ୟରେ କୋଟି କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି। ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ଆର୍ଥିକ ଅନୁଦାନ ଆସୁଛି। ଦୀର୍ଘ ୨୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ନିଜକୁ ୧ ନମ୍ବର ବୋଲି ପ୍ରଚାର କରିଆସୁଛି। ହେଲେ ପ୍ରାଚୁର୍ଯ୍ୟଭରା ଓଡ଼ିଶା ଆଜି ଦରିଦ୍ର ରାଜ୍ୟରେ ପରିଣତ ହୋଇଛି ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅପରାଜିତା କହିଛନ୍ତି, ଓଡ଼ିଶାର ଦାରିଦ୍ର୍ୟ ସ୍ଥିତି ଏବଂ ମହିଳାଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଚିନ୍ତାର କାରଣ ସାଜିଛି। ରାଜ୍ୟକୁ ବାସ୍ତବରେ ୧ ନମ୍ବରରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ଆମେ ନିଜର ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହେବା ନିହାତି ଜରୁରୀ। ନ୍ୟାଶନାଲ ସାମ୍ପଲ ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ସହରାଞ୍ଚଳ ପରିବାରରେ 'ହାରାହାରି ସମ୍ପତ୍ତି ମୂଲ୍ୟ' ୨୭.୧୨ ଲକ୍ଷ ଟଙ୍କା ହୋଇଥିବାବେଳେ ଓଡ଼ିଶାରେ ଏହା ୧୩.୪୧ ଲକ୍ଷ ଟଙ୍କା ଏବଂ ଜାତୀୟ ସ୍ତରରେ ଗ୍ରାମାଞ୍ଚଳ ପରିବାରରେ 'ହାରାହାରି ସମ୍ପତ୍ତି ମୂଲ୍ୟ' ୧୫.୯୨ ଲକ୍ଷ ଟଙ୍କା ଅଟେ। ଓଡ଼ିଶାରେ ଏହା ମାତ୍ର ୫.୩୨ ଲକ୍ଷ ଟଙ୍କା ଅଛି। ଓଡ଼ିଶାର ଚାଷୀ ପରିବାରର 'ହାରାହାରି ସମ୍ପତ୍ତି ମୂଲ୍ୟ' ମାତ୍ର ୬.୨୧ ଲକ୍ଷ ଟଙ୍କା ଅଟେ। ଏହି ପରିମାଣ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ଝାଡ଼ଖଣ୍ଡଠୁ ମଧ୍ୟ ବହୁ ପଛରେ ଅଛି। ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଅପରାଜିତା କହିଛନ୍ତି। ଓଡ଼ିଶା ଅଧିକ ଋଣଗ୍ରସ୍ତ ହେବା ଚିନ୍ତାର କାରଣ ସାଜିଛି। ସର୍ବଭାରତୀୟ ସ୍ତରରେ ଋଣଗ୍ରସ୍ତ ଚାଷୀ ପରିବାର ତାଲିକାରେ ରାଜ୍ୟରେ ପ୍ରଥମ ୧୦ଟି ରାଜ୍ୟ ମଧ୍ୟରୁ ୯ମ ସ୍ଥାନରେ ରହିଛି ବୋଲି ସେ କହିଛନ୍ତି।

ଅପରାଜିତାଙ୍କ ଅଭିଯୋଗକୁ କଡ଼ା ଭାଷାରେ ନିନ୍ଦା କରି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଏକ ପ୍ରେସ ବାର୍ତ୍ତା ଜରିଆରେ କହିଛନ୍ତି, ଯାହା ଜଣାପଡୁଛି ଅପରାଜିତା ଷଡ଼ଙ୍ଗୀ ଏବେ ବି ନିଜକୁ ରାଜନୈତିକ ବ୍ୟକ୍ତି ଭାବେ ନୁହେଁ ବରଂ ଜଣେ ପ୍ରଶାସିକା ଭାବୁଛନ୍ତି। ଓଡ଼ିଶା ସରକାରଙ୍କୁ ସମାଲୋଚନା କରିବା ପାଇଁ କୌଣସି ପ୍ରସଙ୍ଗ ନ ପାଇ ଗଣମାଧ୍ୟମରେ ରାଜନୈତିକ ଦୃଷ୍ଟିରୁ ପ୍ରାସଙ୍ଗିକ ରହିବାକୁ ରିପୋର୍ଟର ଭୁଲ ବ୍ୟାଖ୍ୟା କରିବା ସହ ଏକପାଖିଆ ମତ ଦେଉଛନ୍ତି। ଏଥିରୁ ଜଣାପଡୁଛି ଦାରିଦ୍ର୍ୟ ହାରକୁ ୨୪% ହ୍ରାସ କରିବା ସହିତ ୮୦ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟରୁ ବାହାର କରିବାରୁ ନୀତି ଆୟୋଗ ଭାରତର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଓଡ଼ିଶାକୁ ପ୍ରଶଂସା କରିଥିବା ବିଷୟରେ ସେ ବୋଧହୁଏ ଅବଗତ ନାହାନ୍ତି। ଅପରାଜିତା ଶସ୍ତା ରାଜନୀତି ଛାଡ଼ନ୍ତୁ ଏବଂ ଓଡ଼ିଶାକୁ ବଦନାମ ତଥା ଅପମାନିତ କରିବାକୁ ଚେଷ୍ଟା ନ କରନ୍ତୁ ବୋଲି ଶ୍ରୀମୟୀ କହିଛନ୍ତି।

# ମାଟି ତଳେ ଚାପିହୋଇ ନାବାଳକ ମୃତ



ଉତ୍ତ୍ୟକ୍ତ ଲୋକମାନେ ୨ଟି ଗାଡ଼ି ପୋଡ଼ି ଦେଇଛନ୍ତି।

## ଉତ୍ତେଜନା, ୨ ଜେସିବି ପୋଡ଼ି

ଛେଣ୍ଡିପଦା,୨୪।୯(ସ୍ୱ.ପ୍ର.)

ଅନୁଗୋଳ ଜିଲା ନିଶା ଥାନା କାଳିଆକଟା ଗାଁରେ ଶୁକ୍ରବାର ଏକ କମ୍ପାନୀର କନଭେୟର ଲାଇନ୍ ପାଇଁ କାର୍ଯ୍ୟ ଚାଲୁଥିବା ବେଳେ ଘଟିଛି ଅଘଟଣ। ଏକ ହାଇୱା ଗଦଉଥିବା ମାଟି ତଳେ ଚାପି ହୋଇ କାଶିଆ ପ୍ରଧାନଙ୍କ ପୁଅ ସୁଜିତ ପ୍ରଧାନ (୧୫)ଙ୍କ ମୃତ୍ୟୁ ହୋଇଛି। ଘଟଣା ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ୨ଟି ଜେସିବି ପୋଡ଼ି ଦେଇଥିଲେ। ଖବରପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ କ୍ଷତିପୂରଣ ପ୍ରଦାନ ନେଇ ପ୍ରତିଶ୍ରୁତି ଦେବାପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ପ୍ରକାଶ ଯେ, ରାସ୍ତା କାର୍ଯ୍ୟ ଚାଲୁଥିବାବେଳେ ସୁଜିତ ସେଠାରେ ଛିଡା ହୋଇ କାମ ଦେଖୁଥିଲେ। ଏହି ସମୟରେ ଏକ ହାଇୱା ପଛେଇ ପଛେଇ ଯାଇ ମାଟି ଗଦାଇ ଦେଇଥିଲା। ଫଳରେ ସେଠାରେ ଠିଆ ହୋଇଥିବା ସୁଜିତ ମାଟି ଭିତରେ ଚାପି ହୋଇ ଯାଇଥିଲେ। ଏହା ଦେଖି ଗାଡିଚାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ନାବାଳକଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ଗ୍ରାମବାସୀ ଦୁଇଟି ଜେସିବି ମେସିନକୁ ପୋଡି ଦେଇଥିଲେ। ଘଟଣାସ୍ଥଳରେ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା, ଅନୁଗୋଳ ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା ଓ ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ନିଶା ଶିଳ୍ପାଞ୍ଚଳ ଥାନାରେ ନଂ. ୨୦୬ରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ପ୍ରକାଶ କରିଛନ୍ତି।

# ଜମିରୁ ଦମ୍ପତିଙ୍କ ମୃତଦେହ ଉଦ୍ଧାର

## ୨/୩ ଦିନ ତଳେ ହତ୍ୟା କରାଯାଇଥିବା ସନ୍ଦେହ

କାଲିମେଲା,୨୪।୯(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଏମ୍‌ଭି-୬୯ ଗ୍ରାମ ପଛପଟେ ଥିବା ଏକ ଚାଷଜମିରୁ ଶୁକ୍ରବାର ଦମ୍ପତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଉଭୟେ ନିଜ ଜମି ନିକଟରେ କରିଥିବା କୁଡ଼ିଆରେ ରହିଆସୁଥିଲେ। ତାଙ୍କୁ ହତ୍ୟାକରି ଭିନ୍ନ ଭିନ୍ନ ସ୍ଥାନରେ ଚାଷଜମିକୁ ଫିଙ୍ଗା ଯାଇଥିବା ଦେଖିବାକୁ ମିଳିଛି। ମୃତ ଦମ୍ପତି ହେଲେ କାଲିମେଲା ଥାନା ବୁଡିଗୁଡ଼ା ଗ୍ରାମର ଭୀମା ମାଡ଼ି (୩୮)ଏବଂ ତାଙ୍କ ସ୍ତ୍ରୀ ଭୀମେ ମାଡ଼ି (୩୦)।

ଖବରରୁ ଜଣାପଡ଼ିଛି ଭୀମାଙ୍କ ଘର ବୁଡିଗୁଡ଼ା ଗ୍ରାମରେ ହୋଇଥିବା ବେଳେ ସେ ଏବଂ ତାଙ୍କ ସ୍ତ୍ରୀ ଦୀର୍ଘ ଦିନହେଲା ନିଜ ଜମି ନିକଟରେ କୁଡ଼ିଆ ଘର କରି ରହି ଆସୁଥିଲେ। ବେଳେ ବେଳେ ଗ୍ରାମ ଭିତରେ ଥିବା ନିଜ ଘରକୁ ମଧ୍ୟ ଆସୁଥିଲେ। ତାଙ୍କର ଏକମାତ୍ର ପୁଅ ଆନ୍ଧ୍ରରେ ରହି କାମ କରୁଥିବା ବେଳେ ଝିଅକୁ ଭୀମା ସେହି ଗ୍ରାମରେ ବିବାହ ଦେଇଛନ୍ତି। ଗତ ୩ଦିନ ତଳେ ସେ ଘରକୁ ଆସି ନିଜ କୁଡ଼ିଆ ଘରକୁ ଚାଲିଯାଇଥିବା ପରିବାର ଲୋକେ କହିଛନ୍ତି। ତେବେ ଶୁକ୍ରବାର ପୂର୍ବାହ୍ନ ୧୦ରୁ ୧୧ଟା ସମୟରେ ସେହି ଧାନଜମି ନିକଟକୁ ଚାଷ କରିବାକୁ ଯାଇଥିବା କେତେକ ଲୋକ ସେଠାରେ ଦୁର୍ଗନ୍ଧ ବାହାରୁଥିବା ଜାଣି କେଉଁଠୁ ଏହା ବାହାରୁଛି ଖୋଜାଖୋଜି କରିଥିଲେ। ପରେ ଜମିରେ ଭୀମା ଓ ତାଙ୍କ ସ୍ତ୍ରୀଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ହତ୍ୟାକାଣ୍ଡ ହୋଇଥିବା ସ୍ଥାନରେ ରକ୍ତଭିଜା କପଡ଼ା ଏବଂ ଅନେକ ସ୍ଥାନରେ ରକ୍ତଛିଟା ଓ ମାଟିରେ ରକ୍ତ ପଡ଼ି ଭିଜିଯାଇଥିବା ଦେଖିବାକୁ ମିଳିଛି। ଦମ୍ପତି ରହୁଥିବା କୁଡ଼ିଆ ଘରର ଆସବାବପତ୍ରଗୁଡ଼ିକ ମଧ୍ୟ ଏଣେତେଣେ ପଡ଼ିଛି। ଖବର ପାଇ କାଲିମେଲା ଥାନା ଅଧିକାରୀ ଜଗଦୀଶ ବାରାଙ୍କ ସହ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପରିବାର, ସମ୍ପର୍କୀୟ ଓ ଗ୍ରାମ ଲୋକଙ୍କୁ ପୋଲିସ ପଚରାଉଚରା କରୁଛି। ଏହି ହତ୍ୟାକାଣ୍ଡ ୨/୩ ଦିନ ତଳେ ହୋଇଥିବା ଅନୁମାନ କରାଯାଉଥିବା ବେଳେ ମୃତଦେହରେ ପୋକ ଲାଗିଯାଇଥିବା ହେତୁ ଅଧିକ ତଥ୍ୟ ଜଣାପଡ଼ି ନାହିଁ। କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ଅନୁସନ୍ଧାନ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଥାନା ଅଧିକାରୀ ବାରା କହିଛନ୍ତି।

# ୪୨ଜଣଙ୍କୁ ଜାତୀୟ ସେବା ଯୋଜନା ପୁରସ୍କାର

## ଓଡ଼ିଶାରୁ ବିକ୍ରମ ବିଷୋଇ, ଜନ୍ମେଜୟ ଗିରି ପୁରସ୍କୃତ

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

୨୦୧୯-୨୦ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଭର୍ଚୁଆଲରେ ଆୟୋଜିତ ସମାରୋହରେ ବିଶ୍ୱବିଦ୍ୟାଳୟ, ଯୁକ୍ତ୨ ପରିଷଦ, ଏନ୍‌ଏସ୍‌ଏସ୍ ୟୁନିଟ୍, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସମେତ ବିଭିନ୍ନ ବର୍ଗର ୪୨ଜଣଙ୍କୁ ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ଦୁଇଜଣ ଓଡ଼ିଆ ରହିଛନ୍ତି। ସ୍ୱେଚ୍ଛାସେବୀ ବର୍ଗରେ ଓଡ଼ିଶାର ବିକ୍ରମ ବିଷୋଇ ଓ ଜନ୍ମେଜୟ ଗିରି ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ବିକ୍ରମ ହେଉଛନ୍ତି ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍‌ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ। ସେ କଲେଜର ପୋଷ୍ୟ ଗ୍ରାମରେ ସାମାଜିକ କାର୍ଯ୍ୟରେ ଜଡ଼ିତ ଅଛନ୍ତି। ସେ ଚିଲିକା ହ୍ରଦ ନିକଟରେ ସ୍ୱାସ୍ଥ୍ୟ ସଚେତନତା, ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ସାଇକେଲ ରାଲି ଓ ଷ୍ଟ୍ରିଟ୍ ପ୍ଲେ ମାଧ୍ୟମରେ ସଚେତନତା, ସମାନତା ଓ ଲିଙ୍ଗଭେଦ ସମ୍ବେଦନଶୀଳତାର ମୂଲ୍ୟବୋଧ ପାଇଁ ବାଲୁଗାଁରେ ଆଇନଗତ ସଚେତନତା, ମତ୍ସ୍ୟଜୀବୀ ପରିବାର ମଧ୍ୟରେ ଶିକ୍ଷାର ପ୍ରୋତ୍ସାହନ ତଥା ସ୍କୁଲ ଡ୍ରପ୍‌ଆଉଟ୍ ପିଲାଙ୍କ ଆଡ୍‌ମିଶନ ପାଇଁ ସେ କାର୍ଯ୍ୟ କରିଛନ୍ତି। ସେ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭାବେ ରାଜ୍ୟ ତଥା ଜିଲାସ୍ତରୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ସେହିଭଳି ଜନ୍ମେଜୟ ମୟୂରଭଞ୍ଜ ଜିଲା ସୀମାନ୍ତ ମହାବିଦ୍ୟାଳୟର ଜଣେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ। କଲେଜର ପୋଷ୍ୟ ଆଦିବାସୀ ଗ୍ରାମରେ ସେ ସେବା କରିଛନ୍ତି। ଏନ୍‌ଏସ୍‌ଏସ୍ ୟୁନିଟ୍ ସହାୟତାରେ ଗାଁର ମୌଳିକ ସୁବିଧା ଯଥା ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ସହ ବୃକ୍ଷରୋପଣରେ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ସେ ମଧ୍ୟ ବିଶ୍ୱବିଦ୍ୟାଳୟ ସ୍ତରର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୁରସ୍କାର ୨୦୨୦ ଏବଂ କଲେଜ ସ୍ତରର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୁରସ୍କାର ୨୦୧୯ ପାଇଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, କୋଭିଡ୍-୧୯ ଭଳି ବିପଦ ସମୟରେ ଏନ୍‌ଏସ୍‌ଏସ୍ ଦ୍ୱାରା ୨.୩ କୋଟିରୁ ଅଧିକ ମାସ୍କ ପ୍ରସ୍ତୁତ କରାଯାଇ ଦେଶର ବିଭିନ୍ନ ସ୍ଥାନରେ ବିତରଣ କରାଯାଇଥିଲା। ଏହାର ସ୍ୱେଚ୍ଛାସେବୀମାନେ ହେଲ୍ପଲାଇନ ମାଧ୍ୟମରେ ଲୋକଙ୍କୁ କୋଭିଡ୍ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହିତ ଜିଲା ପ୍ରଶାସନକୁ ସଚେତନତା ଏବଂ ରିଲିଫ୍ କାର୍ଯ୍ୟରେ ସାହାଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଯୋଗଦେଇଥିଲେ।

# ବଳାତ୍କାରୀଙ୍କୁ ୧୧ ବର୍ଷ ଜେଲ, ପୀଡ଼ିତାଙ୍କୁ ୫ ଲକ୍ଷ ଅନୁକମ୍ପା ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୨୪।୯:

ଫାଷ୍ଟଟ୍ରାକ କୋର୍ଟ ପୋକ୍‌ସୋ ଜଜ୍ ଗୁରୁପ୍ରସାଦ ସାହୁ ଶୁକ୍ରବାର ଏକ ଶିଶୁକନ୍ୟା ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତ ଅଳିଆ ସାହୁ (୨୬)ଙ୍କୁ ୧୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୧ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତ ଅଧିକ ୪ମାସ ଜେଲ ଦଣ୍ଡ ଭୋଗିବେ। ଏହାସହିତ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବାକୁ ଜଜ୍ ଜିଲା ଆଇନ ସେବା ପ୍ରାଧୀକରଣ ସଚିବଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଏହି ସୂଚନା ଦେଇଛନ୍ତି। ୨୦୧୪ ଜୁଲାଇ ୧୨ରେ ଅଭିଯୁକ୍ତ ଅଳିଆ ଜଣେ ଶିଶୁକନ୍ୟାଙ୍କୁ ପ୍ରଲୋଭିତ କରି ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ପରେ ପୀଡ଼ିତା ଜଣକ ତାଙ୍କ ମା'ଙ୍କୁ ଏହା ଜଣାଇଥିଲେ। ଏ ନେଇ ବୁଗୁଡା ଥାନାରେ ମା' ଏତଲା ଦେଇଥିଲେ। ନଂ.୧୨୬/୧୪ ରେ ମାମଲା ରୁଜୁ କରି ଅଭିଯୁକ୍ତ ଅଳିଆଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ରଞ୍ଜନ କୁମାର ଦେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୨ ଜଣ ସାକ୍ଷୀ ଓ ପୋଲିସ ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୩ଦିନ ପାଇଁ ଭୁବନେଶ୍ୱର କୋର୍ଟ ପରିସର ସିଲ୍

## ୧୫ ଆଇନଜୀବୀ ଓ ଜୁଡିସିଆଲ କର୍ମଚାରୀ ପଜିଟିଭ୍ ଚିହ୍ନଟ

**ଭୁବନେଶ୍ୱର, ୨୪।୯ (ବ୍ୟୁରୋ):** ଭୁବନେଶ୍ୱର କୋର୍ଟ ଓ ଏହା ପରିସରକୁ ୩ଦିନ ପାଇଁ ସିଲ କରାଯାଇଛି। କୋର୍ଟର ୧୫ଜଣ ଜୁଡିସିଆଲ କର୍ମଚାରୀ ଓ ଆଇନଜୀବୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବିଏମ୍‌ସି ପକ୍ଷରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହାକୁ ସିଲ୍ କରାଯାଇଥିବା ସୂଚନା ଦିଆଯାଇଛି। ସେହିପରି କରୋନା ସଂକ୍ରମଣ ପାଇଁ ଜିଲା କୋର୍ଟ, ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟ, କୋର୍ଟ ପରିସରରେ ଥିବା ବାର୍ ଆସୋସିଏଶନ କାର୍ଯ୍ୟାଳୟ ମଧ୍ୟ ୩ଦିନ ପର୍ଯ୍ୟନ୍ତ ବନ୍ଦ ରହିବ। ଏହାବ୍ୟତୀତ ସମ୍ପୃକ୍ତ ଜୁଡିସିଆଲ କମ୍ପ୍ଲେକ୍ସକୁ ସାନିଟାଇଜ୍ କରାଯିବା ସହ ବିଏମ୍‌ସି ଅଧିକାରୀଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରବେଶ ଓ ପ୍ରସ୍ଥାନକୁ ବାରଣ କରାଯାଇଛି। ସଂକ୍ରମିତ କର୍ମଚାରୀ ଓ ଆଇନଜୀବୀଙ୍କୁ ଆଇସୋଲେଶନରେ ରହିବା ସହ ଚିକିତ୍ସା ସମ୍ପର୍କିତ କୌଣସି ଆବଶ୍ୟକତା ହେଲେ ବିଏମ୍‌ସି ସହିତ ଯୋଗାଯୋଗ କରିବାକୁ କୁହାଯାଇଛି। ଆସନ୍ତା ୨୭ରେ କୋର୍ଟ ପରିସର ଖୋଲାଯାଇ ସମସ୍ତ କର୍ମଚାରୀଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।


WORKS DEPARTMENT No. B-415

OFFICE OF THE EXECUTIVE ENGINEER, ROURKELA (R&B) DIVISION, UDITNAGAR, ROURKELA

E-mail ID: eepwdrkl@gmail.com

Government of Orissa "e" Procurement Notice

Bid Identification No. 27/2021-2022 Dated: 20.09.2021

1. Number of Works : 12 (Twelve) number of works
2. Estimated Cost : Rs.8.12 lakhs to 38.79 lakhs
3. Period of Completion : 3 (Three) to 6 (Six) Calendar Months
4. Date & time of availability of bid document in the portal : Dt.04.10.2021 at 11.00 A.M.
5. Last date/time for receipt of bids in the portal : Dt.22.10.2021 upto 05.00 P.M.
6. Date of Opening of Bid : Dt.26.10.2021 at 11.00 A.M.
7. Name and address of the Officer Inviting Bid : Executive Engineer (R&B), Division, Rourkela, Udit Nagar

Further details can be seen from the e-procurement portal "http//tendersorissa.gov.in".

Sd./- Executive Engineer
R&B Division, Rourkela
OIPR-34068/11/0010/2122

CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

ସୂଚନା

No. CAD-1257: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତନଗର) ସେକ୍ଟର-୯ରେ ପ୍ଲଟ ନଂ.- 3E/331ଟିକୁ ପି. ଦିଲ୍ଲୀପ କୁମାର ପାତ୍ରୋ, ପି.- ୍ପି. ଭରଦାରାଜୁଲୁ ପାତ୍ରୋ, ସା: କଲେଜ ଛକ, ଆସ୍କା, ପୋ: ନୂଆଗାଁ, ଥା: ଆସ୍କା, ଜିଲ୍ଲା: ଗଞ୍ଜାମଙ୍କୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ପି. ଦିଲ୍ଲୀପ କୁମାର ପାତ୍ରୋଙ୍କ ମୃତ୍ୟୁ ପରେ ତାଙ୍କର ପତ୍ନୀ ପି. ସୁଜାତା କୁମାରୀ ପାତ୍ରୋ, ସା/ପ୍ଲଟ ନଂ. 3E/331, ସେକ୍ଟର-୯, ସି.ଡି.ଏ., ପୋ: ଅଭିନବ ବିଡ଼ାନାସୀ, ଥା: ମର୍କତ ନଗର, ଜିଲ୍ଲା: କଟକ - 753014 ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପ୍ରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ
OIPR-13037/11/0090/2122

ଓଡ଼ିଶା କୋ-ଅପରେଟିଭ୍ ଟସର୍ ଏବଂ ସିଲ୍କ ଫେଡେରେସନ୍ (SERIFED) Ltd.
ଶହୀଦନଗର ଭୁବନେଶ୍ୱର

ନୋଟିସ୍

No. PP-36: ଏତଦ୍ୱାରା ଓଡ଼ିଶାର ସମସ୍ତ ବୁଣାକାର ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ସେରିଫେଡ୍ ଭୁବନେଶ୍ୱରଙ୍କ ପାଖରେ ପ୍ରାୟ ଟ.୬,୦୦,୦୦,୦୦୦/- (ଛଅ କୋଟି ଟଙ୍କା)ର ଟସର ଗୁଟି ଓ ବାଛ କୋଷା ବିକ୍ରି ହେବା ପାଇଁ ଉପଲବ୍ଧ ଅଛି। ଏହି ଟସର କୋଷା ସେରିଫେଡ୍‌ର ନିଜସ୍ୱ ଗୋଦାମ ବ୍ୟତୀତ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଥିବା ସହକାରୀ ରେଶମ ଶିଳ୍ପମାନଙ୍କ ଅଧୀନରେ ଥିବା ଟସର ସହଯୋଗ ସମିତିର ଗୋଦାମମାନଙ୍କରେ ବିକ୍ରିଯୋଗ୍ୟ ପ୍ରସ୍ତୁତି କାର୍ଯ୍ୟ ଶେଷ କରାଯାଇ ଗଚ୍ଛିତ ରଖାଯାଇଛି।

ଏଣୁ ଆଗ୍ରହୀ ବୁଣାକାର/ସ୍ୱୟଂ ସହାୟକ ଗୋଷ୍ଠୀ/ପ୍ରାଥମିକ ବୁଣାକାର ସହଯୋଗ ସମିତି ଓ କୁଶଳୀ କାରିଗରମାନଙ୍କ ଦ୍ୱାରା ଯଦି ଟସର କୋଷାର ଆବଶ୍ୟକତା ଥାଏ, ତେବେ ଆପଣମାନେ ପରିଚାଳନା ନିର୍ଦ୍ଦେଶକ ସେରିଫେଡ୍ ଭୁବନେଶ୍ୱରଙ୍କୁ ଯୋଗାଯୋଗ କରି ତା୧୫।୧୦।୨୦୨୧ରିଖ ଦିବା ୩ ଘଟିକା ମଧ୍ୟରେ ଆବେଦନ ପତ୍ର ପ୍ରଦାନ କଲେ ପ୍ରାଥମିକତା ଭିତ୍ତିରେ ତାର ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ଟସର କୋଷା ଯୋଗାଇ ଦିଆଯିବ।

ରାଜ୍ୟର ବୁଣାକାରମାନଙ୍କ ଆବଶ୍ୟକତା ପୂରଣ ପରେ ତା୧୫।୧୦।୨୧ରିଖ ପରଠାରୁ ବାହାର ରାଜ୍ୟର ଟସର କ୍ରେତାମାନଙ୍କୁ ମଧ୍ୟ ଟସର କୋଷା ଯୋଗାଇ ଦିଆଯିବ।

ମୋବାଇଲ ନମ୍ବର ସହିତ ଯୋଗାଯୋଗ କରନ୍ତୁ:

୧. ପ୍ରଦୀପ କୁମାର ପଟ୍ଟନାୟକ - ୯୪୩୮୨୯୫୮୮୫
୨. ପୁରୁଷୋତ୍ତମ ଦାଶ - ୯୪୩୭୩୯୩୯୬୦

ସ୍ୱା./- ପରିଚାଳନା ନିର୍ଦ୍ଦେଶକ, ସେରିଫେଡ୍
OIPR-39036/11/0002/2122

OFFICE OF THE GENERAL MANAGER
WATCO DIVISION, CUTTACK
Telephone/ e-mail/ FAX: 0671-2547115/gmwatcoctc@gmail.com
NATIONAL COMPETITIVE BIDDING THROUGH e-Procurement
No.C-1011
Bid Identification No. WATCO(W)- 07/2021-22 Dtd. 16.09.2021

| | | | |
|---|---|---|---|
| 1 | Name of the work | : | 6 Nos. of works |
| 2 | Estimated cost | : | Rs.17.08 lakhs to 88.27 lakhs (Approx.) |
| 3 | Period of completion | : | 3 (Three) calendar months |
| 4 | Date & time of availability of bid document in the portal | : | From 11 A.M. of dt.22.09.21 to 5.00 P.M. of dt.07.10.2021 |
| 5 | Last date / time of receipt of bids in the portal | : | 07.10.2021 upto 05.00 P.M. |
| 6 | Date & time of opening of bids | : | 08.10.2021 at 12.30 P.M. |
| 7 | Name and address of the officer inviting bid | : | The General Manager, WATCO Division, Cuttack-753003, Odisha, Ph. (0671) 2547115, email: gmwatcoctc@gmail.com |
| 8 | The bidders have to participate in ONLINE bidding only. | | |

Further details can be seen from the website www.tendersodisha.gov.in

Sd./- General Manager, WATCO Division, Cuttack
OIPR-13170/11/0010/2122

Government of Odisha
OFFICE OF THE EXECUTIVE ENGINEER, RURAL WORKS DIVISION, DHENKANAL
Email ID- eerwdivisiondhenkanal@yahoo.co.in; Contact No.- 06762 286706, Mobile No.- 9437255309
No. 4518//Dtd.22.09.21

2nd Corrigendum to Bid Identification No. Online-Dkl-08/2021-22

No.O-756:- In the unavoidable circumstances, the tender can not be uploaded in the scheduled date and time. Hence Availability of Tender on-line for bidding and opening of the tender invited vide T.O.TCN No. Dkl-08/2021-22 has been rescheduled as follows by the Procurement Officer, Executive Engineer, R.W. Division, Dhenkanal.

| Procurment Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Technical bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Dhenkanal | Online Dkl-08 | 27.09.2021 at 11.00 A.M. | 04.10.2021 upto 5.00 PM | 01.10.2021 upto 4.00 PM | 05.10.2021 at 11.00 A.M. |

All other terms and conditions are available in website www.tendersorissa.gov.in
Corrigendum if any shall only be published in the website
Authority reserves the right of reject any or all tenders without asssigning any reason thereof.

OIPR-25101/11/0006/2122
Sd./- Executive Engineer, R.W. Division, Dhenkanal

GOVERNMENT OF ODISHA
OFFICE OF THE ENGINEER-IN-CHIEF, RURAL WORKS, BHUBANESWAR
Unit-IV, Sachivalay Marg, Bhubaneswar-751001, Fax: 0674-2394705
No.26841/RR-BR-MISC-(Part-II)-03/2013 Date. 20.09.2021

1st corrigendum to Bid Identification No- Online-04/2021-22(Bridges) invited vide this office letter No-25120 Dt.06.09.2021

No.O-758:- Due to some unavoidable circumstances, partial modification in tender ID No- Online-04/2021-22(Bridges) invited vide this office letter No-25120 dt-6.09.2021 has been made which may be read as follows.
(i) The BID Identification No- Online-04/2021-22 (Bridges) may be read as Bid Identification No- Online-04/2021-22 (Bridges)
(ii) The date of availability of tender, Seeking tender clarification, Opening of Technical bid has been modified as follows.

| Sl. No. | Items | Time schedule as per original TCN | Time schedule as per Corrigendum Notice |
|---|---|---|---|
| 1 | Availability of Tender on-line for bidding | From 20.09.2021 at 11.00 AM To 05.10.2021 up to 5.00 PM | Extended From 30.09.2021 at 11.00AM To 21.10.2021 up to 5.00 PM |
| 2 | Last Date & Time of seeking tender clarification if any | 28.09.2021 at 2.00 PM | 8.10.2021 at 2.00 PM |
| 3 | Date & Time of opening of tender (Technical Bid) | 07.10.2021 at 11.00 AM | 22.10.2021 at 11.00 AM |
| 4 | Date & Time of opening of tender (Price Bid) | Will be intimated separately | Will be intimated later on to the successful bidders |

All other terms and conditions will remain unaltered
Sd./- Dt.20.09.2021
OIPR-25123/11/0010/2122
Chief Engineer (Buildings & Bridges), Rural Works, Odisha, Bhubaneswar

Odisha Lift Irrigation Corporation Ltd.
(A Govt. of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BARGARH
E-Procurement Notice-01/2021-22
E-mail- eeolicbgh@gmail.com, Phone-06646-246126
No.CAD-1280:-

1. Name of the Tender Inviting Officer : Executive Engineer, L.I. Division, Bargarh
2. Name of the work : Power supply, Installation and energisation of 20 Nos. Revival CLIPs in different blocks of Bargarh District
3. No. of Packages : 20 Nos.
4. Tender Amount : Varies from 07.69 Lakhs to 18.13 Lakhs
5. Date and time of availability of bid documents in the portal for online bidding **from 10.00 hrs dated 28.09.2021 to 18.00 hrs dated 07.10.2021.**
6. Last date and time of receipt of bids in the portal up to **18.00 hrs. Dated-07.10.2021**
7. Last date and time of clarification upto **17.00 hrs Dated-05.10.2021.**
8. Date of opening of technical bid (Cover-1) **at 11.00 hrs. Dated-08.10.2021.**
9. Date of opening of financial bid (Cover-2) will be informed after evaluation of technical bids.
10. Further details can be seen from the e-procurement portal of Govt. of Odisha i.e. **www.tendersodisha.gov.in.**
11. Subsequent corrigendum/addendum if required shall be available in the above portal.

Sd./- Executive Engineer, L.I. Division, Bargarh
OIPR-32277/11/0001/2122

See Career Appointment on every Wednesday & Saturday

OFFICE OF THE No. g-39
COLLECTOR & DISTRICT MAGISTRATE
KALAHANDI, BHAWANIPATNA - 766001 (ODISHA)
(TENDER CALL NOTICE)
No. 1798/SW Dtd. 18.09.2021

1. The sealed tenders are invited from the intending Registered Printing Press/Supplying Agencies for printing and supply of **"Parent's + Manual (Odia)/Poster on ECCE/Flip Book on ECCE"** of Kalahandi District.
2. Tender papers required for the tender can be obtained from the Office of the Collector & District Magistrate, Kalahandi (DSWO Section) on payment of Rs.2000/- (Rupees two thousand) only (non-refundable) in cash towards cost of tender paper on any working day from the date of this notice till 25.10.2021 5.00 P.M. during office hour.
3. The tender papers can also be downloaded from the website **http:/www.kalahandi.nic.in**. In case of tender papers used downloading from the website the tender shall accompany Bank Draft of Rs.2000/- (Rupees two thousand) only in favour of **"District Social Welfare Office, Kalahandi"** payable at SBI Main Branch, Bhawanipatna.
4. The tender shall reach the District Social Welfare Office, Kalahandi by Registered Post/Courier Service/Speed Post only on or before **25.10.2021 at 5.00 P.M.** The tender received beyond the date and time mentioned above shall not be taken into consideration.
5. Tender paper must be accompanied with the money receipt/DD towards cost of tender papers and other relevant documents as mentioned in the tender paper. Failure to comply the instruction specified there on or non-submission of any of the documents specified, the bid shall summarily be rejected.
6. The sealed tenders will be opened on **26.10.21 at 3.00 P.M.** by the undersigned in this office in presence of the tenderers or their authorised agents and members of the district level purchase Committee constituted for the purpose.
7. The undersigned reserves the right to cancel or reject any or all the tenders without assigning any reason thereof.
8. The details of this tender is available in the Notice Board/District website **http:/www.kalahandi.nic.in.**

Sd./- Collector, Kalahandi
OIPR-24180/11/0011/2122

## ସଂକ୍ଷେପରେ

### ମନ୍ତ୍ରଣାଳୟଗୁଡ଼ିକର ଖର୍ଚ୍ଚ କଟକଣା ହଟାଗଲା

ନୂଆଦିଲ୍ଲୀ,୨୪।୯: କୋଭିଡ ଯୋଗୁ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡିକ ଉପରେ କେନ୍ଦ୍ର ସରକାର ଖର୍ଚ୍ଚ କଟକଣା ଲଗାଇଥିଲେ। ଏହି କଟକଣାକୁ ସରକାର ଶୁକ୍ରବାର ହଟାଇ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷର ବଳକା ସମୟ ଲାଗି ବଜେଟ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ମନ୍ତ୍ରଣାଳୟଗୁଡ଼ିକ ଖର୍ଚ୍ଚ କରିପାରିବାକୁ ଅନୁମତି ଦିଆଯାଇଛି। ବଜେଟ ଲକ୍ଷ୍ୟ ତୁଳନାରେ ରାଜକୋଷକୁ ଟିକସ ଆଦାୟରେ ବେଶ୍ ଉନ୍ନତି ଆସିଛି। କୋଭିଡ ଦ୍ୱିତୀୟ ଲହର ସତ୍ତ୍ୱେ ମଧ ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ମେ ଅବଧିରେ ଦେଶର ଆର୍ଥିକ କାର୍ଯ୍ୟକଳାପ ବେଶ୍ ଉନ୍ନତ ରହିଛି। ଜୁଲାଇ-ସେପ୍ଟେମ୍ବର ତ୍ରୈମାସ ଲାଗି ଅର୍ଥ ମନ୍ତ୍ରଣାଳୟ ମନ୍ତ୍ରଣାଳୟ ଏବଂ ବିଭାଗଗୁଡିକ ଉପରେ ୨୦% ଖର୍ଚ୍ଚ କଟକଣା ଲାଗୁ କରିଥିଲା। ତ୍ୱରିତ ଭିତ୍ତିରେ ପୂର୍ବର ଅର୍ଡରକୁ ପ୍ରତ୍ୟାହାର କରାଯାଇଛି। ବଜେଟ ପ୍ରସ୍ତାବ ମୁତାବକ ମନ୍ତ୍ରଣାଳୟ ଏବଂ ବିଭାଗ ଖର୍ଚ୍ଚ କରିପାରିବେ ବୋଲି ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ ଡିଭିଜନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୭୪% ବୃଦ୍ଧି

ନୂଆଦିଲ୍ଲୀ,୨୪।୯: ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସୁଦ୍ଧା ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୭୪% ବୃଦ୍ଧି ଘଟି ୫.୭୦ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ମଧ୍ୟରେ ବ୍ୟକ୍ତିଗତ ଆୟକର ଏବଂ କର୍ପୋରେଟ ଟିକସ ସାମିଲ ରହିଥିବା ଜଣାପଡିଛି। ଅଗ୍ରିମ ଟିକସ ଏବଂ ଟିଡିଏସ୍ ପେମେଣ୍ଟରେ ଉନ୍ନତି ଆସିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଗତ ବର୍ଷ ସମାନ ଅବଧିରେ ସରକାର ୩.୨୭ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଥିଲେ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ଟିକସ ଆଦାୟ ୨୭% ବୃଦ୍ଧି ହୋଇଛି। ଏହି ଅବଧିରେ ୪.୪୯ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ ହୋଇଥିଲା। ସେହିଭଳି ମୋଟ ପ୍ରତ୍ୟକ୍ଷ ଟିକସ ଆଦାୟ ବର୍ତ୍ତମାନ ସୁଦ୍ଧା ୪୭% ବଢି ୬.୪୫ ଲକ୍ଷ କୋଟି ଟଙ୍କା ଛୁଇଁଛି।

# ଯାନରେ ଫ୍ଲେକ୍ସ ଫୁଏଲ ଇଞ୍ଜିନ ଶୀଘ୍ର

ନୂଆଦିଲ୍ଲୀ,୨୪।୯


ନୀତିନ ଗଡକରୀ

ଯାନଗୁଡ଼ିକରେ ଶୀଘ୍ର ଫ୍ଲେକ୍ସ ଫୁଏଲ ଇଞ୍ଜିନ ଲାଗୁ ହେବ। କାର ନିର୍ମାଣକାରୀ କମ୍ପାନୀଗୁଡ଼ିକୁ ଏହି ବର୍ଗର ଇଞ୍ଜିନ ପ୍ରସ୍ତୁତ କରିବାକୁ ଆଗାମୀ ୩ରୁ ୪ ମାସରେ ଅନୁମତି ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଶୁକ୍ରବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ଥାନୀୟ ଭାବେ ଉତ୍ପାଦିତ ହେଉଥିବା ଇଥାନଲ ବ୍ୟବହାର ଦ୍ୱାରା ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର କମାଇବାକୁ ସରକାର ଯୋଜନା ରଖିଛନ୍ତି। ବିଏମ୍‌ଡବ୍ଲ୍ୟୁ, ମର୍ସିଡିଜ,ଟାଟା ଏବଂ ମହିନ୍ଦ୍ରା ଭଳି କମ୍ପାନୀଗୁଡିକୁ ଏଭଳି ଇଞ୍ଜିନ ପ୍ରସ୍ତୁତ କରିବା ଲାଗି କୁହାଯିବ। ଏଭଳି ଇଞ୍ଜିନ ଲାଗୁ କରିବା ଲାଗି ବଜାଜ ଏବଂ ଟିଭିଏସ୍ ଭଳି କମ୍ପାନୀଗୁଡିକୁ କୁହାଯାଇଛି। ଫ୍ଲେକ୍ସ ଫୁଏଲ ବା ଫ୍ଲେକ୍ସିବୁଲ ଫୁଏଲ ଏକ ବିକଳ୍ପ ଇନ୍ଧନ। ଏହା ଗ୍ୟାସୋଲିନ ଏବଂ ମିଥାନଲ କିମ୍ବା ଇଥାନଲ ମିଶ୍ରଣରେ ପ୍ରସ୍ତୁତ କରାଯାଇଥାଏ।

ଜୀବନକାଳ ଭିତରେ ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ବନ୍ଦ ହେବା ଦେଖିବାକୁ ଇଚ୍ଛା ବୋଲି ସେ ମତ ପ୍ରକାଶ କରିଛନ୍ତି। ଦେଶର କୃଷକ ମାନେ ଏହାର ବିକଳ୍ପ ଭାବେ ମିଥାନଲ ପ୍ରସ୍ତୁତିରେ ଯୋଗଦାନ ରଖି ପାରିବେ। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ପୁନେରେ ୩ ମିଥାନଲ ପ୍ଲାଣ୍ଟକୁ ଶୁଭାରମ୍ଭ କରିଥିବା ସେ ସୂଚନା ଦେଇଛନ୍ତି। ଏଭଳି ଅଧିକ ପ୍ଲାଣ୍ଟ ସ୍ଥାପନା ଲାଗି କାମ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।

### ୨୦୨୫ ସୁଦ୍ଧା ୨୦% ଇଥାନଲ ମିଶ୍ରଣ ଲକ୍ଷ୍ୟ

୨୦୨୫ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲରେ ୨୦% ଇଥାନଲ ମିଶ୍ରଣ ନେଇ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଧାର୍ଯ୍ୟ ଲକ୍ଷ୍ୟ ହାସଲ ନେଇ ସରକାର ଆଶାବାଦୀ ଥିବା କହିଛନ୍ତି। ଇଥାନଲ ମିଶ୍ରଣ ହାର ୯% ଛୁଇଁଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ଦେଶର ଶକ୍ତି ନିରାପତ୍ତା ଲାଗି ଇଥାନଲ ମିଶ୍ରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସେ କହିଛନ୍ତି ଯେ, ଭାରତ ୮୫% ଲିକ୍ୟୁଡ ହାଇଡ୍ରୋକାର୍ବନ ଆମଦାନୀ କରୁଥିବା ବେଳେ ଏଥି ବାବଦକୁ ୧୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛି। ଏହାବାଦ ଗ୍ୟାସ ଆମଦାନୀ ମଧ୍ୟ ହେଉଛି। ନୂତନ ଶକ୍ତି ଉତ୍ସ ସନ୍ଧାନ, ଉତ୍ପାଦନ ଏବଂ ଇଥାନଲ ମିଶ୍ରଣ ଭଳି ଦିଗ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିବ। ନିକଟରେ ଇଥାନଲ ମିଶ୍ରଣ ନେଇ ହୋଇଥିବା ଟେଣ୍ଡର ପ୍ରକ୍ରିୟାକୁ ଭଲ ରେସପନ୍ସ ମିଳିଥିବା ସେ ସ୍ପଷ୍ଟ କରିଛନ୍ତି।

## ବଜାରରେ ଆଇ ଫୋନ୍ ୧୩ ସିରିଜ



ଭୁବନେଶ୍ୱର,୨୪।୯

ଆପଲ୍ ଆଇଫୋନ ୧୩ ସିରିଜ ଶୁକ୍ରବାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଶହୀଦ ନଗରସ୍ଥିତ ଏସ୍‌ଏ ଇନଫୋସିସ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ଉନ୍ମୋଚନ କରାଯାଇଛି। ଏସ୍‌ଏ ଇନଫୋସିସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ପୋଦ୍ଦାର, ସଂସ୍ଥାର ବାଣିଜ୍ୟକ ମୁଖ୍ୟ ପିୟୁସ କୁମାର ଏବଂ ଲକ୍ଷ୍ମୀ ମୋବାଇଲର ସ୍ୱତ୍ତ୍ୱାଧିକାରୀ ନକୁଳ ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଆଇଫୋନ-୧୩ର ୩ଟି ମଡେଲ ବର୍ତ୍ତମାନ ବଜାରରେ ଉପଲବ୍ଧ ହେଉଛି। ଏହା ମଧ୍ୟରେ ଆଇଫୋନ ୧୩, ଆଇଫୋନ ୧୩ ମିନି ଏବଂ ୧୩ ପ୍ରୋ ମାକ୍ସ ରହିଛି। ମଡେଲଗୁଡିକର ମୂଲ୍ୟ ୬୯,୯୦୦ ଟଙ୍କାରୁ ୧,୭୯,୯୦୦ ଟଙ୍କା ରହିଛି। ଫୋନଗୁଡିକରେ ୫ରୁ ୬ ହଜାର ଟଙ୍କାର କ୍ୟାଶବ୍ୟାକ ଉପଲବ୍ଧ ରହିଛି।

ଜନ୍ମଦିନ ଶୁଭେଚ୍ଛା



ଶୁଭଜିତ୍ (ଲକି)

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବନ୍ଧୁ ଓ ପରିବାରବର୍ଗ ।

ଧ-୭୧୧୬

## ୨୬ରେ ବ୍ରହ୍ମପୁର ଅରୁନ୍ଧତୀ ଜୁଏଲର୍ସ ଶୁଭାରମ୍ଭ


ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ୍,୨୪।୯

ଅରୁନ୍ଧତୀ ଜୁଏଲର୍ସ ରେଶମ ସହର ବ୍ରହ୍ମପୁରର ଶଙ୍କର ପ୍ଲାଜାଠାରେ ଚଳିତ ମାସ ୨୬ରେ ଏହାର ନୂଆ ଫ୍ଲାଗଶିପ୍ ଶୋ'ରୁମ ଶୁଭାରମ୍ଭ କରିବ। ଚର୍ଚ୍ଚ ରୋଡଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଫ୍ଲାଗଶିପ୍ ଶୋ'ରୁମ୍ ୧୨ ହଜାର ବର୍ଗଫୁଟ ପରିମିତ। ଏଥିରେ ଦେଶର କୋଣ ଅନୁକୋଣରୁ ପ୍ରସ୍ତୁତ କରାଯାଇଥିବା ଡିଜାଇନ୍ ଓ ସଂପୂର୍ଣ୍ଣ ହଲମାର୍କ ଶୁଦ୍ଧତାଯୁକ୍ତ ସୁନା ଗହଣା, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତି ଏବଂ ପ୍ରିମିୟମ୍ ସିଲ୍କ ଶାଢ଼ିର ସମ୍ଭାର ରଖାଯିବ। ସେହିଭଳି ଗ୍ରାହକ ୫ ଷ୍ଟାର ପ୍ରମିସ୍ ସେବା ଏବଂ ପାର୍ବଣ ଋତୁ ପର୍ଯ୍ୟନ୍ତ ଆକର୍ଷଣୀୟ ଅଫର ପାଇପାରିବେ। ସୁନା ଗହଣା ଗଢାମଜୁରି ଉପରେ ୧୧.୯୧% ସହ ୨୫ ଗ୍ରାମ ସୁନା କିଣିଲେ ସୁନା କଏନ୍ ଓ ୨ ଗ୍ରାମ ସୁନା କ୍ରୟ କଲେ ରୌପ୍ୟ ମୁଦ୍ରା ସହ ଆକର୍ଷଣୀୟ ଉପହାର ମଧ୍ୟ ରହିଛି। ସୁନା ଗହଣା କ୍ରୟ ଉପରେ ଇନ୍ସ୍ୟୁରାନ୍ସ ରହିଛି। ୨୧ ଜଣ ଲକ୍ଷପତି ବିଜେତା ଅଫର୍ ୨୦୨୨ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରହିବ। ଖବରଦାତା ସମ୍ମିଳନୀରେ ଅରୁନ୍ଧତୀ ଗ୍ରୁପର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ଅପରେଶନ୍ ମୁଖ୍ୟ ନୀହାର ରଞ୍ଜନ ରଥ, ଜୋନାଲ ମ୍ୟାନେଜର ନିରଞ୍ଜନ ବେହେରା ଓ ବ୍ରହ୍ମପୁର ଶାଖା ମୁଖ୍ୟ ମୋହନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଧାର ପଥରେ ଅର୍ଥ ବ୍ୟବସ୍ଥା:ସୀତାରାମନ

ଚଣ୍ଡିଗଡ,୨୪।୯

ଦେଶର ଅର୍ଥ ବ୍ୟବସ୍ଥା ନିରନ୍ତର ସୁଧାର ପଥରେ ରହିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଏବଂ ପ୍ରତ୍ୟକ୍ଷ ଟିକସ ଆଦାୟ ବର୍ତ୍ତମାନ ବୃଦ୍ଧି ଘଟୁଛି। ଖୁଚୁରା ଏବଂ କ୍ଷୁଦ୍ର ନିବେଶକମାନେ ଭାରତୀୟ ଶେୟାର ବଜାର ଉପରେ ଭରଷା ଦେଖାଉଥିବାରୁ ଭାରତୀୟ ଷ୍ଟକ ବଜାରର ଆତ୍ମ ବିଶ୍ୱାସ ବଢିଛି। କୋଭିଡ ପୂର୍ବ ସ୍ଥିତିକୁ ଅର୍ଥ ବ୍ୟବସ୍ଥା ଦ୍ରୁତ ହାରରେ ପ୍ରତ୍ୟାବର୍ତ୍ତନ କରୁଛି। ଏହା ହୋଇ ନ ଥିଲେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଟିକସ ଆଦାୟରେ ଏଭଳି ଅଭିବୃଦ୍ଧି କେବେ ହୁଅନ୍ତା ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ୬ ବର୍ଷିଆ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରାଯାଇଛି। ପ୍ରତି ମାସରେ ହାରାହାରି ଜିଏସ୍‌ଟି ଆଦାୟ ୧.୧୧ ଲକ୍ଷ କୋଟି ଟଙ୍କାରୁ ୧.୧୨ ଲକ୍ଷ କୋଟି ଟଙ୍କା ମଧ୍ୟରେ ରହୁଛି। ଷ୍ଟକ ବଜାରରେ ପୂର୍ବରୁ ରିଟେଲ ନିବେଶକମାନେ ମ୍ୟୁଚୁଆଲ ଫଣ୍ଡ ଦ୍ୱାରା ଅଂଶ ଗ୍ରହଣ କରୁଥିବା ବେଳେ ବର୍ତ୍ତମାନ ପ୍ରତ୍ୟକ୍ଷ ଭାବେ ଭାଗ ନେଉଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BCF FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/- ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସାନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
PERSONAL LOAN
HOUSING LOAN
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9457958917
9458678925

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଫୁରସତ୍

### ତ୍ରୁଟିପୂର୍ଣ୍ଣ କେଶ କଟା ପାଇଁ ୨ କୋଟି କ୍ଷତିପୂରଣ



ନୂଆଦିଲ୍ଲୀ: ଦିଲ୍ଲୀର ଏକ ସେଲୁନ୍‌ରେ ଭୁଲ ଭାବେ ମହିଳାଙ୍କ କେଶ କାଟିବା ମହଙ୍ଗା ପଡିଛି। ସେଲୁନକୁ ଏବେ ୨ କୋଟି ଟଙ୍କାର କ୍ଷତି ପୂରଣ ଦେବାକୁ ପଡିବ। ଜାତୀୟ ଉପଭୋକ୍ତା ବିବାଦର ସମାଧାନ ଆୟୋଗ (ଏନସିଡିଆରଡିସି) ମହିଳାଙ୍କୁ ଦୁଇ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ କହିବାନୁସାରେ, ସେଲୁନ କେବଳ ମହିଳାଙ୍କ କେଶକୁ ଭୁଲ ଭାବେ କାଟି ନାହିଁ ବରଂ ଭୁଲ କେଶ ଔଷଧ ଦେଇ କେଶକୁ ସ୍ଥାୟୀ କ୍ଷତି ପହଞ୍ଚାଇଛି। ଏହି କାରଣରୁ ୨ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ଆର.କେ ଅଗ୍ରୱାଲ ଏବଂ ଡା. ଏସଏମ କାନ୍ତିକର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ କେଶକଟା ସମୟରେ ମହିଳାଙ୍କ ଆୟ କଥା ମଧ୍ୟ ବିଚାରକୁ ନେଇଥିଲେ। ଏହି ଘଟଣା ଏପ୍ରିଲ ୨୦୧୮ରେ ଘଟିଥିଲା। ମହିଳା ଜଣକ ହେୟାର ପ୍ରଡକ୍ଟରର ମଡେଲ ଥିଲେ ଏବଂ ବିଭିନ୍ନ ହେୟାର କେୟାର ବ୍ରାଣ୍ଡର ମଡେଲିଂ କରୁଥିଲେ। ସେ ତାଙ୍କ କେଶ ଚିକିତ୍ସା ପାଇଁ ଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲର ସେଲୁନକୁ ଯାଇଥିଲେ। ସେଠାରେ ତାଙ୍କ କେଶ ଭୁଲ୍ ଭାବେ କଟାଯାଇଯିବାରୁ ମହିଳାଙ୍କ ଆର୍ଥିକ କ୍ଷତି ହୋଇଥିଲା।

ସେଲୁନର ଭୁଲ କେଶ ଚିକିତ୍ସା ହେତୁ ମହିଳା ମଡେଲିଂ ଦୁନିଆରେ ଆଉ ଆଗକୁ ବଢିପାରି ନ ଥିଲେ। ଏହି ପରିପ୍ରେକ୍ଷୀରେ ମହିଳା ଜଣକ କହିଥିଲେ ଯେ, ସେଲୁନର ରାସାୟନିକ ପଦାର୍ଥ ଯୋଗୁ ତାଙ୍କ କେଶ ନଷ୍ଟ ହୋଇଯାଇଥିଲା ଏବଂ ଏହା ପରେ ସେ ତିନି କୋଟି କ୍ଷତିପୂରଣ ମାଗି ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନଙ୍କ ନିକଟକୁ ଯାଇଥିଲେ।

### କୁକୁର ପାଇଁ ଛତା ଧରିଲେ



ନୂଆଦିଲ୍ଲୀ: ଆଜିର ସମାଜରେ ଅନେକ ସହୃଦୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନବିକତାର ଉଦାହରଣ ସାଜିଛନ୍ତି। ଏମିତି ଜଣେ ବ୍ୟକ୍ତିଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା। କୁକୁରକୁ ବର୍ଷାରୁ ରକ୍ଷା କରିବା ପାଇଁ ଜଣେ ବ୍ୟକ୍ତି ଛତା ଧରି ରାସ୍ତା ଉପରେ ଅନେକ ସମୟ ଛିଡ଼ା ହୋଇଛନ୍ତି। ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି ରତନ ଟାଟା। ଫଟୋକୁ ଶେୟାର କରିବା ପରେ ସେ କ୍ୟାପଶନରେ ଲେଖିଛନ୍ତି କି ଜଣେ ଦୟାଳୁ କର୍ମଚାରୀ ନିଜ ଛତାରେ କୁକୁରକୁ ବର୍ଷାରୁ ରକ୍ଷା କରିଛନ୍ତି। ଫଟୋଟି ମୁମ୍ବାଇର। ମୁମ୍ବାଇରେ ସେଦିନ ପ୍ରବଳ ବର୍ଷା ହେଉଥିଲା ବୋଲି ସୂଚନା ଦିଏ। ତେଣୁ ବର୍ଷା ପ୍ରକୋପରୁ କୁକୁରକୁ ରକ୍ଷା କରିବା ପାଇଁ ମୁମ୍ବାଇର ଉକ୍ତ ବ୍ୟକ୍ତି ଏଭଳି ଦୟାଭାବ ଦେଖାଇଛନ୍ତି। ରତନ ଟାଟାଙ୍କର ଏହି ଫଟୋକୁ ସୋସିଆଲ ମିଡିଆରେ ଦେଖିବା ପରେ ଲୋକେ ଖୁବ୍ ପସନ୍ଦ କରିଛନ୍ତି। ବହୁସଂଖ୍ୟାରେ ଲୋକେ ଏହି ଫଟୋକୁ ପୁଣିଥରେ ଶେୟାର କରିବା ସହିତ ପ୍ରଶଂସା ବି କରିଛନ୍ତି। ସେଥିପାଇଁ ଏବେ ଏହି ଫଟୋଟି ଭାଇରାଲ ହେବାରେ ଲାଗିଛି। ଏବେ ସୁଦ୍ଧା ଏହି ଫଟୋକୁ ୧୦ ଲକ୍ଷରୁ ଅଧିକ ଲୋକ ପସନ୍ଦ କରି ସାରିଲେଣି। ତେବେ ଅଧିକାଂଶ ଲୋକ ଏହି ଫଟୋକୁ ଦେଖି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି।

### ଅଡୁଆରେ କପିଳ ଶର୍ମାଙ୍କ ଶୋ'



ମୁମ୍ବାଇ: ପୁଣି ଅଡୁଆରେ କମେଡିଆନ୍ କପିଳ ଶର୍ମାଙ୍କ 'ଦ କପିଳ ଶର୍ମା ଶୋ'। ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲା କୋର୍ଟରେ ଶୋ' ବିରୋଧରେ ଏତଲା ଦାଏର ହୋଇଛି। କୋର୍ଟ ରୁମ୍ ଦୃଶ୍ୟ ଦେଖାଉଥିବା ବେଳେ କଳାକାରମାନେ ମଦ୍ୟପାନ କରୁଥିବା ଶୋ'ରେ ଦେଖାଯାଇଥିଲା। ଏହା କୋର୍ଟ ପ୍ରତି ଅପମାନ ବୋଲି ଅଭିଯୋଗରେ କୁହାଯାଇଛି। ଏକ ଏପିସୋଡରେ ମଞ୍ଚ ଉପରେ କୋର୍ଟ ପରି ସେଟ୍ କରାଯାଇଥିଲା। ସେଥିରେ ଅଭିନେତାମାନେ ମଦ୍ୟପାନ କରୁଥିବା ଦେଖିବାକୁ ମିଳିଥିଲା। ଏହା କୋର୍ଟର ଅବମାନନା ହୋଇଥିବାରୁ ଏପରି ପ୍ରଦର୍ଶନକୁ ବନ୍ଦ କରିବା ଉଚିତ ବୋଲି କୁହାଯାଇଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
(ତାରିଖ: ୨୫.୦୯.୨୦୨୧)



୰ ଶ୍ରୀମତି ଗୁଣମୟୀ ମିଶ୍ର
ଆବିର୍ଭାବ-୦୨.୦୩.୧୯୪୫
ତିରୋଧାନ-୧୫.୦୯.୨୦୨୧
ସ୍ୱାମୀ ୰ ଗତିଶ୍ୱର ମିଶ୍ର। ଲକ୍ଷ୍ମୀସାଗର, ଭୁବନେଶ୍ୱର।
ତୁମେ ଯେଉଁଠାରେ ଅଛ ଭଲରେ ଥାଅ... ତୁମର ଆର୍ଶୀବାଦ ଆମ ଉପରେ ସବୁବେଳେ ରହିଥାଉ। ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ତୁମର ଶୋକ ସନ୍ତପ୍ତ ପରିବାର ବର୍ଗ।
ଧ-୨୧୭୪୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ରାଜ କିଶୋର ସେନାପତି
ବଡଗୁଆଳିପଡା, ଡେଲାଙ୍ଗ, ଭୁବନେଶ୍ୱର
ଆମକୁ ଏମିତି ହଠାତ୍ ଛାଡ଼ି ଚାଲିଯିବ, କେବେ ଭାବିନଥିଲୁ । ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା, ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କ ଜୀବନର ମାର୍ଗଦର୍ଶକ ହେଉ । ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
-----: ଶୋକସନ୍ତପ୍ତ:-----
ପତ୍ନୀ-ଜେମାମଣି, ପୁତ୍ର-ପ୍ରଗତି, ଜିତୁ, ପୁତ୍ରବଧୂ-ମାନା, ନିନା, ପୁତ୍ରୀ-ମମି, ମୁନା, ଟୁନି, ଜ୍ୱାଇଁ-ଦେବ, ପୂର୍ଣ୍ଣ, ମିଣ୍ଟୁ, ନାତି, ନାତୁଣୀ ପରିବାର ଓ ଆତ୍ମୀୟସ୍ୱଜନ
ଧ-୨୧୭୫୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ହାରାମଣି ତ୍ରିପାଠୀ
ଡିହପୁର, ମନ୍ଦାରବସ୍ତ, କଣାସ, ଜିଲ୍ଲା- ପୁରୀ
ଆବିର୍ଭାବ: ୩୧।୧୨।୧୯୩୦
ତିରୋଧାନ: ୦୭।୦୯।୨୦୨୦
(ଆଶ୍ୱିନ ମାସ, କୃଷ୍ଣପକ୍ଷ, ପଞ୍ଚମୀ ତିଥି)
ଚାହୁଁଚାହୁଁ ବର୍ଷଟିଏ ବିତିଗଲା। ସବୁକିଛି କାଲି ପରି ଲାଗୁଛି। ତୁମ ଅବର୍ତ୍ତମାନରେ ପ୍ରତିଟି ମୁହୂର୍ତ୍ତ ଅସହ୍ୟ ଅନୁଭବ ହେଉଛି। ତୁମ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମେ ଜୀବନର ପ୍ରତି ମୁହୂର୍ତ୍ତରେ ଅନୁଭବ କରିପାରୁଛୁ ଆଖିପତା ବୁଜିଲେ ଭାସି ଆସୁଛି ପ୍ରତିଟି ମୁହୂର୍ତ୍ତର ସ୍ମୃତି। ତୁମର ପୁଣ୍ୟତିଥି ଅବସରରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମା ଯେଉଁଠି ଥାଉ ଶାନ୍ତିରେ ରହୁ ଏବଂ ତୁମେ ଆଶୀର୍ବାଦ ସର୍ବଦା ଆମକୁ ପ୍ରଦାନ କରୁଥାଅ ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାର:
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀବୋହୂ, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୭୪୨

୨ୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରବୀନ୍ଦ୍ର କୁମାର ପ୍ରଧାନ
ଆବିର୍ଭାବ: ୦୫।୦୩।୧୯୬୨
ତିରୋଧାନ: ୨୫।୦୯।୨୦୧୯
ତୁମର ଆଦର୍ଶ, ସ୍ନେହ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୭୪୩

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସଂଘମିତ୍ରା ସ୍ୱାଇଁ
ଆବିର୍ଭାବ: ୨୫।୦୯।୧୯୮୨
ତିରୋଧାନ: ୦୭।୧୦।୨୦୨୦
(ଆଶ୍ୱିନ କୃଷ୍ଣପକ୍ଷ ପଞ୍ଚମୀ ତିଥି)
ଗେହ୍ଲାଳିଆ ମାମାରେ ତୁ ସିନା ଚାଲିଗଲୁ ଆମକୁ ପରକରି ଦେଇ ସେପାରିକୁ, ଜୀବନରେ ସମ୍ପର୍କ କେବେବି ସରେନି କଥା ନ ହେଲେ ମଧ ଆଖିରେ ରହିଥାଏ । ଆଖିରୁ ଦୂରେଇ ଗଲେ ବି ମନରେ ରହିଯାଏ । ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ଏତିକି ବିନମ୍ର ମିନତି, ତୋର ଅମର ଆତ୍ମାର ସଦ୍‌ଗତି ହେଉ ।
ହତଭାଗିନୀ ଶାଶୁ (କଲ୍ୟାଣୀ ସ୍ୱାଇଁ), ହତଭାଗ୍ୟ ଶ୍ୱଶୁର (ହେମନ୍ତ ସ୍ୱାଇଁ), ହତଭାଗ୍ୟ ସ୍ୱାମୀ ( ସ୍ମୃତି ରଞ୍ଜନ ସ୍ୱାଇଁ), ହତଭାଗିନୀ ନଣନ୍ଦ (ମାମୁନି), ହତଭାଗ୍ୟ ପୁତ୍ର (ପପୁଲୁ), ହତଭାଗ୍ୟ ବୁବୁ (Pet Dog).





କିଟ୍ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଶୁକ୍ରବାର ବାଳକ ବିଭାଗରେ ଓଡ଼ିଶା–କର୍ନାଟକ ଏବଂ ବାଳିକାରେ ଓଡ଼ିଶା–ଆନ୍ଧ୍ର ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶା କ୍ୱାର୍ଟର ଫାଇନାଲ୍‌ରେ

**ଜାତୀୟ ଜୁନିୟର ଖୋ ଖୋ**

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଓ ବାଳକ ଦଳ ପ୍ରବେଶ କରଛନ୍ତି। ଶୁକ୍ରବାର ବାଳିକା ବିଭାଗ ପ୍ରି–କ୍ୱାର୍ଟର ଫାଇନାଲରେ ବାଳିକା ଦଳ ୨୬–୫ ପଏଣ୍ଟରେ ହିମାଚଳ ପ୍ରଦେଶକୁ ଏବଂ ବାଳକ ୧୭–୧୦ରେ ମଣିପୁରକୁ ପରାସ୍ତ କରିଥିଲା। ପୂର୍ବରୁ ବାଳିକା ଦଳ (୨୩–୨) ଏକ ଇନିଂସ ଓ ୨୧ ପଏଣ୍ଟରେ ଆନ୍ଧ୍ର ପ୍ରଦେଶକୁ ଏବଂ ବାଳକ ଦଳ (୧୬–୯) ୭ ପଏଣ୍ଟରେ କର୍ନାଟକକୁ ହରାଇ ଦେଇଥିଲା।

ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ବାଳକ ବିଭାଗରେ ମଣିପୁର (୩୧–୨) ଇନିଂସ ଓ ୨୯ ପଏଣ୍ଟରେ ନାଗାଲାଣ୍ଡ, ଝାଡ଼ଖଣ୍ଡ (୧୩–୮) ଇନିଂସ ଓ ୫ ପଏଣ୍ଟରେ ଅରୁଣାଚଳ ପ୍ରଦେଶ, ତେଲଙ୍ଗାନା (୧୧–୧୦) ୧ ପଏଣ୍ଟରେ ଛତିଶଗଡ଼କୁ ହରାଇଥିବାବେଳେ ଦିଲ୍ଲୀ ଓ ତାମିଲନାଡୁ ମ୍ୟାଚ ୧୦–୧୦ ପଏଣ୍ଟରେ ଟାଇ ହୋଇଛି। ହରିୟାଣା (୨୦–୧୪) ୬ ପଏଣ୍ଟରେ ଗୁଜରାଟ, କୋହ୍ଲାପୁର (୩୦–୧୩) ୧୭ ପଏଣ୍ଟରେ ମଧ୍ୟଭାରତ, ଆନ୍ଧ୍ର ପ୍ରଦେଶ (୧୬–୧୩) ୩ ପଏଣ୍ଟରେ କେରଳକୁ ହରାଇ ଦେଇଛି।

ବାଳିକା ବିଭାଗରେ ଛତିଶଗଡ଼ (୧୯–୯) ଇନିଂସ ଓ ୧୦ ପଏଣ୍ଟରେ ଅରୁଣାଚଳ ପ୍ରଦେଶ, କୋହ୍ଲାପୁର (୧୦–୭) ଇନିଂସ ଓ ୩ ପଏଣ୍ଟରେ ରାଜସ୍ଥାନ, ହରିୟାଣା (୭–୬) ୧ ପଏଣ୍ଟରେ କେରଳ, ତାମିଲନାଡୁ (୨୦–୪) ଏକ ଇନିଂସ ୧୬ ପଏଣ୍ଟରେ ମଧ୍ୟଭାରତ, ପଞ୍ଜାବ (୯–୮) ୧ ପଏଣ୍ଟରେ ଦିଲ୍ଲୀ, ପଶ୍ଚିମବଙ୍ଗ (୧୦–୯) ୧ ପଏଣ୍ଟରେ ଗୁଜରାଟକୁ ପରାସ୍ତ କରିଛି।

## ସ୍ଲୋ ଓଭର ରେଟ୍ ପାଇଁ କେକେଆର୍‌କୁ ଜରିମାନା

**ଆବୁଧାବି, ୨୪।୯ (ପି.ଟି.):** ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ୍ ପାଇଁ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଅଧିନାୟକ ଇଅନ ମୋର୍ଗାନ ଓ ତାଙ୍କ ସାଥୀ ଖେଳାଳିମାନଙ୍କୁ ଜରିମାନା କରାଯାଇଛି। ମୋର୍ଗାନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ବେଳେ ତାଙ୍କ ସାଥୀ ଖେଳାଳିଙ୍କୁ ଜଣକା ପିଛା ୬ ଲକ୍ଷ ଟଙ୍କାରୁ କମ୍ କିମ୍ବା ସେମାନଙ୍କ ବ୍ୟକ୍ତିଗତ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏହି ମ୍ୟାଚରେ କେକେଆର୍ ୭ ଉଇକେଟରେ ବିଜୟ ଲାଭ କରିଥିଲା।

# ଓଡ଼ିଶାରେ ହେବ ଭାରତର ପ୍ରଥମ ଜାତୀୟ ଚେସ୍ ଏକାଡେମୀ

**ଭୁବନେଶ୍ୱର, ୨୪।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଚେସ୍ ପାଇଁ ଆସିଛି ଆଉ ଏକ ଖୁସି ଖବର। ଭାରତର ପ୍ରଥମ ଜାତୀୟ ଚେସ୍ ଏକାଡେମୀ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯିବ। ଏହା କିଟ୍ ଓ କିସ୍ କ୍ୟାମ୍ପରେ ଅବସ୍ଥାପିତ ହେବ। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ବାର୍ଷିକ ସାଧାରଣ କାଉନ୍‌ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଚେସ୍ ଏକାଡେମୀ ହେବ ଏବଂ ଏଥିରୁ ଖେଳାଳି ଉପକୃତ ହେବେ। ଉକ୍ତ ବୈଠକରେ ଯୋଗ ଦେଇଥିବା ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ)ର ସଭାପତି ରଞ୍ଜନ ମହାନ୍ତି ନିର୍ବିବାଦରେ ସର୍ବଭାରତୀୟ ଚେସ୍ ଫେଡେରେଶନର ଯୁଗ୍ମ ସମ୍ପାଦକ ମନୋନୀତ ହୋଇଛନ୍ତି। ଏଥିପାଇଁ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ସଭାପତି ରଞ୍ଜନ ମହାନ୍ତି ଏଆଇସିଏଫ୍ ସଭାପତି ସଞ୍ଜୟ କପୁର, ସମ୍ପାଦକ ଭରତ ସିଂ ଚୌହାନ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ଏବଂ ଓଡ଼ିଶା ସରକାରଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।



ସର୍ବଭାରତୀୟ ଚେସ୍ ଫେଡେରେଶନର ବାର୍ଷିକ ସାଧାରଣ କାଉନ୍‌ସିଲ ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

## ନଟରାଜନଙ୍କ ବଦଳ ଖେଳାଳି ଉମରାନ



**ଦୁବାଇ,୨୪।୯:** କୋଭିଡ୍–୧୯ ସଂକ୍ରମିତ ହୋଇ ଦ୍ରୁତ ବୋଲର ଟି. ନଟରାଜନ ହାଇଦ୍ରାବାଦ ଦଳରୁ ବାଦ୍ ପଡିଛନ୍ତି। ତାଙ୍କ ବଦଳରେ ନବାଗତ ଦ୍ରୁତ ବୋଲର ଉମରାନ ମଲିକଙ୍କୁ ହାଇଦ୍ରାବାଦ ଦଳରେ ସାମିଲ କରାଯାଇଛି। ଚଳିତ ଆଇପିଏଲରେ ଉମରାନ ସ୍ୱଳ୍ପ ସମୟ ପାଇଁ ଦଳରେ ସାମିଲ ହୋଇଛନ୍ତି ବୋଲି ହାଇଦ୍ରାବାଦ ଟିମ୍ ମ୍ୟାନେଜମେଣ୍ଟ ତରଫରୁ ସୂଚନା ଦିଆଯାଇଛି। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ପୂର୍ବରୁ ନଟରାଜନ କରୋନା ପଜିଟିଭ ବୋଲି ପରୀକ୍ଷାରୁ ଜଣାପଡିଥିଲା। ୨୧ ବର୍ଷୀୟ ଉମରାନ ଜମ୍ମୁ– କଶ୍ମୀର ତରଫରୁ ଗୋଟିଏ ଲେଖାଏ ଟି୨୦ ଓ ଲିଷ୍ଟ ଏ ମ୍ୟାଚ୍ ଖେଳି ୪ଟି ଉଇକେଟ ହାସଲ କରିଥିଲେ। ସେ ପୂର୍ବରୁ ନେଟ ବୋଲର ଭାବେ ହାଇଦ୍ରାବାଦ ଦଳରେ ସାମିଲ ହୋଇଥିଲେ।

# ବିଜୟଧାରା ବଜାୟ ଲକ୍ଷ୍ୟରେ ଦିଲ୍ଲୀ

**ଆବୁଧାବି,୨୪।୯**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଶନିବାର ପ୍ରଥମ ମୁକାବିଲାରେ ରାଜସ୍ଥାନ ରୟାଲ୍ସକୁ ଭେଟିବ। ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଏ ପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୭ ବିଜୟ, ୨ ପରାଜୟ ସହ ୧୪ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଦିଲ୍ଲୀ ତା'ର ଶୀର୍ଷସ୍ଥାନକୁ ଆହୁରି ଦୃଢ କରିବା ଲକ୍ଷ୍ୟରେ ରହିଛି। ଚଳିତ ସଂସ୍କରଣର ପ୍ରଥମ ଫେଜ୍‌ରେ ଦିଲ୍ଲୀ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ବୁଧବାର ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରି ଦ୍ୱିତୀୟ ଫେଜ୍ ଆରମ୍ଭ କରିଥିଲା।

ପ୍ରଥମ ଫେଜ୍‌ରେ ରାଜସ୍ଥାନ ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲେ ମଧ୍ୟ ଗତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସଠାରୁ ବିଜୟ ଛଡାଇ ନେଇ ୨ ରନରେ ଜିତିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଏହି ମ୍ୟାଚ୍‌ରେ ଦିଲ୍ଲୀକୁ ହରାଇପାରିଲେ ରାଜସ୍ଥାନ ପଏଣ୍ଟ ତାଲିକାର ଟପ୍–୪ରେ ସ୍ଥାନ ହାସଲ କରିବ। ରାଜସ୍ଥାନ ଏ ପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୪ଟି ଲେଖାଏ ବିଜୟ ଓ ପରାଜୟ ସହ ୮ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି।

ରାଜସ୍ଥାନ ପାଇଁ ଯୁବ ବ୍ୟାଟ୍ସମ୍ୟାନ ଯଶସ୍ୱୀ ଜୟସ୍ୱାଲ ଓ ମହିପାଲ ଲୋମରର ଭଲ ପ୍ରଦର୍ଶନ କରିଛନ୍ତି। ତେବେ ଅଧିନାୟକ ସଞ୍ଜୁ ସାମସନଙ୍କୁ ଅଧିକ ଦାୟିତ୍ୱ ନେବାକୁ ହେବ। ବୋଲିଂରେ ଯୁବ ଦ୍ରୁତ ବୋଲର କାର୍ତ୍ତିକ ତ୍ୟାଗୀ ଓ ବାଂଲାଦେଶ ପେସର ମୁସ୍ତାଫିଜୁର ରହମାନ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଏହି ଦୁଇ ବୋଲର ଦମ୍ ଦେଖାଇଛନ୍ତି। ଶେଷ ଦୁଇ ଓଭରରେ କଞ୍ଜୁସ ବୋଲିଂ କରି ଏହି ଦୁଇ ବୋଲରୁ ଦଳକୁ ଜିତାଇଥିଲେ। ଦିଲ୍ଲୀକୁ ହରାଇଲେ ଆଉ ୨ ପଏଣ୍ଟ ହାସଲ କରି ପଞ୍ଜାବ ଟପ୍–୪ରେ ସ୍ଥାନ ପାଇବ। ଦିଲ୍ଲୀରେ ଅଭିଜ୍ଞ ଓପନର ଶିଖର ଧାୱନ ଓ ଯୁବ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ ଇନିଂସ ଓପନ କରି ସଫଳତା ହାସଲ କରିଛନ୍ତି। ଧାୱନ ସର୍ବାଧିକ ୪୨୨ ଓ ପୃଥ୍ୱୀ ୩୧୯ ରନ ସଂଗ୍ରହ କରିଛନ୍ତି। ଏହି ଯୋଡି ୬ଟି ଅର୍ଦ୍ଧଶତକୀୟ ଭାଗୀଦାରି ସ୍ଥାପନ କରିବା ସହ ୮୮ଟି ଚୌକା ଓ ୨୧ଟି ଛକା ମାରିଛନ୍ତି। ଦ୍ୱିତୀୟ ଫେଜ୍‌ରେ ଶ୍ରେୟାସ ଆୟାର ଅପରାଜିତ ୪୭ ରନକରି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ପ୍ରଥମ ଫେଜରେ ଇଞ୍ଜୁରି କାରଣରୁ ବାଦ୍ ପଡିଥିଲେ। ଅଧିନାୟକ ରିଷଭ ପନ୍ତ (୨୪୮ ରନ), ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ଶିମରନ ହେଟମେୟରଙ୍କୁ ନେଇ ଦିଲ୍ଲୀ ମିଡିଲ ଅର୍ଡର ବେଶ୍ ଶକ୍ତିଶାଳୀ ମନେହେଉଛି। ବୋଲିଂ ବିଭାଗରେ ଦିଲ୍ଲୀ କୌଣସି ପରିବର୍ତ୍ତନ କରିବ ନାହିଁ। ଆଭେସ ଖାଁ, କାଗିସୋ ରାବାଡା ଓ ଅନରିଚ୍ ନୋର୍ଜ ଏହି ମ୍ୟାଚ୍‌ରେ ରାଜସ୍ଥାନ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ।

**ରାଜସ୍ଥାନ ରୟାଲ୍ସ ଦଳ:** ସଞ୍ଜୁ ସାମ୍‌ସନ (ଅଧିନାୟକ), ଲିଆମ୍ ଲିଭିଂଷ୍ଟୋନ୍, ଏଭିନ ଲୁଇସ୍, ଡେଭିଡ ମିଲର, ଖ୍ରିସ୍ ମୋରିସ, ଓସାନେ ଥୋମାସ, ମୁସ୍ତାଫିଜୁର ରହମନ, ଟାବ୍ରେଜ୍ ସାମ୍‌ସି, ଗ୍ଲେନ ଫିଲିପ୍ସ, ଚେତନ ସାକାରିୟା, ରିୟାନ ପରାଗ, ରାହୁଲ ଟେୱାଟିଆ, ଆକାଶ ସିଂ, ଅନୁଜ ରାୱତ, କେସି କାରିପପ୍ପା, ଯଶସ୍ୱୀ ଜୟସ୍ୱାଲ, ଶିବମ ଦୁବେ, ଶ୍ରେୟାସ ଗୋପାଳ, କାର୍ତ୍ତିକ ତ୍ୟାଗୀ, ମୟଙ୍କ ମାର୍କଣ୍ଡେ, ଜୟଦେବ ଉନାଡ୍‌କଟ, କୁଲ୍‌ଦୀପ ଯାଦବ ଓ ମହିପାଲ ଲୋମରର।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:** ରିଷଭ ପନ୍ତ (ଅଧିନାୟକ), ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ, ରିପଲ ପଟେଲ, ଶିଖର ଧାୱନ, ଶିମରନ ହେଟମେୟର, ଶ୍ରେୟାସ ଆୟାର, ଷ୍ଟିଭ ସ୍ମିଥ୍, ଅମିତ ମିଶ୍ରା, ଅନରିଚ ନୋର୍ଜ, ଆଭେସ ଖାଁ, ବେନ ଦ୍ୱାରସୁଇସ୍, ଇଶାନ୍ତ ଶର୍ମା, କାଗିସୋ ରାବାଡା, କୁଲୱନ୍ତ ଖେଜ୍ରୋଲିୟା, ଲୁକମ୍ୟାନ ମେରିୱାଲା, ପ୍ରବୀଣ ଦୁବେ, ଟମ୍ କୁରାନ, ଉମେଶ ଯାଦବ, ଅକ୍ଷର ପଟେଲ, ଲଳିତ ଯାଦବ, ମାର୍କସ ଷ୍ଟୋଇନିସ୍, ରବିଚନ୍ଦ୍ରନ ଅଶ୍ୱିନ, ସାମ ବିଲିଙ୍ଗ୍ସ ଓ ବିଷ୍ଣୁ ବିନୋଦ।

**ଆର୍ଚେରୀ ୱାର୍ଲ୍ଡ ଚାମ୍ପିୟନଶିପ୍**

# ୩ ଭାରତୀୟ କ୍ୱାର୍ଟରରେ

**ୟାଙ୍କଟନ (ୟୁଏସ୍‌ଏ), ୨୪।୯ (ପି.ଟି.)**

ଭାରତୀୟ ଆର୍ଚର ଅଙ୍କିତା ଭକତ, ଅଭିଷେକ ବର୍ମା ଓ ଜ୍ୟୋତି ସୁରେଖା ଭେନମ ପ୍ରମୁଖ ଏଠାରେ ଚାଲିଥିବା ବିଶ୍ୱ ଆର୍ଚେରୀ ଚାମ୍ପିୟନଶିପ୍‌ର ବ୍ୟକ୍ତିଗତ ଇଭେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବା ସହ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ଭାରତ ପୂର୍ବରୁ ମହିଳା କମ୍ପାଉଣ୍ଡ ଓ ମିକ୍ସଡ ଫାଇନାଲରେ ପ୍ରବେଶ କରି ଦୁଇଟି ପଦକ ନିଶ୍ଚିତ କରିସାରିଛି। ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଅଙ୍କିତା ଗୁରୁବାର ଅନୁଷ୍ଠିତ ବ୍ୟକ୍ତିଗତ ରିକର୍ଭ ଇଭେଣ୍ଟରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। କୋଲକାତାର ଏହି ୨୩ ବର୍ଷୀୟ ତୀରନ୍ଦାଜ ବିଶ୍ୱର ୪ନମ୍ବର ତଥା କୋରିଆର କାଙ୍ଗ୍ ଚାଏ–ୟଙ୍ଗ୍‌କୁ ହରାଇ ଦେଇଛନ୍ତି। କାଙ୍ଗ୍ ନିକଟରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଏକ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। କୋରିଆର ହେଭିୱେଟ୍ ଖେଳାଳିଙ୍କୁ ଅଙ୍କିତା ୬–୪ (୨୯–୨୮, ୨୮–୨୮, ୨୭–୨୭, ୨୪–୨୯, ୨୯–୨୮)ରେ ପରାସ୍ତ କରିଥିଲେ। କ୍ୱାର୍ଟରଫାଇନାଲରେ ସେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍)ର କାସେ କାଫ୍‌ହୋଲ୍ଡଙ୍କୁ ଭେଟିବେ। ବର୍ତ୍ତମାନର ବିଶ୍ୱ କପ୍ ସ୍ୱର୍ଣ୍ଣ ବିଜେତା ବର୍ମା ସ୍ଲୋଭାକିଆର ଜୋସେଫ୍ ବୋସାନସ୍କଙ୍କୁ ୧୪୫–୧୪୨ ( ୨୯–୨୮, ୩୦–୨୭, ୨୮–୨୯, ୩୦–୨୯, ୨୮–୨୯)ରେ ହରାଇ ଦେଇଛନ୍ତି। ପୂର୍ବତନ ଏସିଆନ ଗେମ୍ସ ଟିମ୍ ଚାମ୍ପିୟନ ବର୍ମା ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଆମେରିକାନ୍ ମାଇକ୍ ସ୍ଲୋଏସରଙ୍କ ସହ ମୁକାବିଲା କରିବେ। ଜ୍ୟୋତି ଚମତ୍କାର ପ୍ରଦର୍ଶନ ସହ କୋରିଆର ଚାଏଓନ୍ ସୋଙ୍କ ବିପକ୍ଷରେ ମୋଟ ଉପରେ ୧୪୬–୧୪୨ ରେ ବିଜୟ ହାସଲ କରିଛନ୍ତି। ସେ ବର୍ତ୍ତମାନ କ୍ରୋଏସିଆର ଆମାଣ୍ଡା ମ୍ଲିନାରିକ୍‌ଙ୍କୁ ସାମ୍ନା କରିବେ। ମ୍ଲିନାରିକ୍ ହେଉଛନ୍ତି ୨୧ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ।



ଜ୍ୟୋତି ସୁରେଖା ଭେନମ



ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଅଭ୍ୟାସ ସେସନରେ ସହକାରୀ କୋଚ୍ ମହମ୍ମଦ କୈଫ ଓ ଶ୍ରେୟାସ ଆୟାର।

# ହାଇଦ୍ରାବାଦ–ପଞ୍ଜାବ ମୁକାବିଲା ଆଜି

**ଶାରଜା,୨୪।୯**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶନିବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଓ ପଞ୍ଜାବ କିଙ୍ଗ୍ସ ମୁହାଁମୁହିଁ ହେବେ। ଲିଗ୍‌ରେ ଉଭୟ ଦଳ ସଂଘର୍ଷ କରୁଛନ୍ତି। ହାଇଦ୍ରାବାଦ ପଏଣ୍ଟ ତାଲିକାର ଅଷ୍ଟମ ତଥା ସର୍ବନିମ୍ନ ସ୍ଥାନରେ ରହିଥିବା ବେଳେ ପଞ୍ଜାବ ଗୋଟିଏ ସ୍ଥାନ ଉପରେ ରହି ସପ୍ତମ ସ୍ଥାନରେ ରହିଛି। ଏ ପର୍ଯ୍ୟନ୍ତ ହାଇଦ୍ରାବାଦ ୮ଟି ମ୍ୟାଚ୍ ଖେଳି ୧ ବିଜୟ ଓ ୭ଟି ପରାଜୟ ସହ ୨ ପଏଣ୍ଟ ପାଇଛି। ସେହିପରି ପଞ୍ଜାବ ୯ ମ୍ୟାଚ ଖେଳି ୩ ବିଜୟ, ୬ ପରାଜୟ ସହ ୬ ପଏଣ୍ଟ ହାସଲ କରିଛି। ତେଣୁ ପ୍ଲେ–ଅଫ୍‌ରେ ସ୍ଥାନ ହାସଲ କରିବାକୁ ହେଲେ ଉଭୟ ଦଳକୁ ଏବେ ପ୍ରାୟ ସବୁମ୍ୟାଚ୍ ଜିତିବାକୁ ହେବ। ଖାସ୍ କରି କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ହାଇଦ୍ରାବାଦ ଦଳକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ନିହାତି ଜରୁରୀ ହୋଇପଡିଛି। ଗତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାସ୍ତ ହେବା ପରେ ହାଇଦ୍ରାବାଦର ପ୍ଲେ–ଅଫ୍ ଆଶା କ୍ଷୀଣ ହୋଇଛି।

ଅପରପକ୍ଷରେ ପଞ୍ଜାବ ଗତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ବିଜୟୀ ହେବ ବୋଲି ଆଶା କରାଯାଉଥିଲେ ମଧ୍ୟ ଶେଷ ଓଭରରେ କାର୍ତ୍ତିକ ତ୍ୟାଗୀଙ୍କ ସୁନ୍ଦର ବୋଲିଂ କାରଣରୁ ପରାସ୍ତ ହୋଇଥିଲା। ପଞ୍ଜାବଠାରୁ ରାଜସ୍ଥାନ ବିଜୟ ଛଡାଇ ନେଇଥିଲା। ଶେଷ ଓଭରରେ ବିଜୟ ପାଇଁ ୪ ରନ ଆବଶ୍ୟକ ହେଉଥିବା ବେଳେ ପଞ୍ଜାବ ମାତ୍ର ଗୋଟିଏ ରନ୍ କରି ୨ ଉଇକେଟ ହରାଇଥିଲା। ଦଳରେ ଏକାଧିକ ଦେଶୀ, ବିଦେଶୀ ତାରକା ଖେଳାଳି ରହିଥିଲେ ମଧ୍ୟ ପଞ୍ଜାବ ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ଅଧିନାୟକ ଲୋକେଶ ରାହୁଲଙ୍କୁ ଏ ନେଇ ଧ୍ୟାନ ଦେବାକୁ ହେବ। ଆଇପିଏଲର ଗତ ୧୪ଟି ସଂସ୍କରଣରେ ପଞ୍ଜାବ ଦଳର ଅଧିନାୟକ ଓ କୋଚ ନିୟମିତ ଭାବେ ବଦଳିଛନ୍ତି। ଦଳରେ ମଧ୍ୟ ଆବଶ୍ୟକାତଠାରୁ ଅଧିକ ଓ ବାରମ୍ବାର ପରିବର୍ତ୍ତନ କରାଯାଇଛି। ବ୍ୟାଟିଂରେ ରାହୁଲ ଓ ମୟଙ୍କ ଅଗ୍ରୱାଲ ସବୁଠାରୁ ପ୍ରଭାବୀ ଓପନିଂ ଯୋଡି ସାବ୍ୟସ୍ତ ହୋଇଛନ୍ତି। ଗତ ମ୍ୟାଚ୍‌ରେ ଏହି ଯୋଡି ୧୧.୫ ଓଭରରେ ୧୨୦ ରନ ସଂଗ୍ରହ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ୪୧ ବର୍ଷୀୟ ବିସ୍ଫୋରକ କ୍ରିସ୍ ଗେଲ୍ ବିସ୍ଫୋରକ ବ୍ୟାଟିଂ କରିବାର କ୍ଷମତା ରଖୁଥିଲେ ମଧ୍ୟ ତାଙ୍କୁ ଗତ ମ୍ୟାଚ୍ ଖେଳାଯାଇ ନ ଥିଲା।



ଲୋକେଶ ରାହୁଲଙ୍କ ଅଭ୍ୟାସ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୨୫/୨୦୨୧ Rayagada, Saturday, September 25/ 2021

# କୋହଲି, ପଡିକାଲଙ୍କ ଅର୍ଦ୍ଧଶତକ

**ଶାରଜା, ୨୪।୯**

ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଅଧିନାୟକ ବିରାଟ କୋହଲି ଓ ଦେବଦତ୍ତ ପଡିକାଲଙ୍କ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହା ସତ୍ତ୍ୱେ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚରେ ଆରସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ଓପନିଂ ଯୋଡ଼ିରେ ୧୧୧ ରନ ଯୋଗକରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବାରେ ଆରସିବି ଇନିଂସ ଦିଗହରା ହୋଇ ଯାଇଥିଲା। କୋହଲି ୪୧ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୫୩ ରନ କରି ୧୪ତମ ଓଭରର ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ। କୋହଲିଙ୍କୁ ରବୀନ୍ଦ୍ର ଜାଡେଜାଙ୍କ ହାତରେ କ୍ୟାଚ କରାଇ ଡ୍ୱେନ ବ୍ରାଭୋ ଚେନ୍ନାଇକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଆତ୍ମବିଶ୍ୱାସର ସହ ଖେଳୁଥିବା ପଡିକାଲ ଦ୍ରୁତ ହାରରେ ରନ ସଂଗ୍ରହ କରି ୫୦ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୭୦ ରନ କରି ଶାର୍ଦ୍ଦୁଳ ଠାକୁରଙ୍କ ଶିକାର ହୋଇଥିଲେ। ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଦଳପାଇଁ ମହଙ୍ଗା ପଡ଼ିଥିଲା। ବିଶେଷ କରି ଦୁଇ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଏବି ଡି'ଭିଲର୍ସ ଓ ଗ୍ଲେନ ମ୍ୟାକ୍ସୱେଲଙ୍କ ବିଫଳତା ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ଡି'ଭିଲର୍ସ ୧୧ ବଲ୍‌ରୁ ୧୨ ଓ ମ୍ୟାକ୍ସୱେଲ ୯ ବଲ୍‌ରୁ ୧୧ ରନରେ ଆଉଟ ହୋଇଥିଲେ। ପଦାର୍ପଣ ଆଇପିଏଲ ମ୍ୟାଚ ଖେଳିଥିବା ଟିମ୍ ଡାଭିଡ ୧ ଓ ହର୍ଶଲ ପଟେଲ ୩ ରନରେ ଆଉଟ ହେବାରୁ ଆରସିବି ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଡ୍ୱେନ ବ୍ରାଭୋ ୩ଟି, ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ଦୀପକ ଚହର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୫୬/୬(ଦେବଦତ୍ତ ପଡିକାଲ-୭୦, ବିରାଟ କୋହଲି-୫୩, ଡ୍ୱେନ ବ୍ରାଭୋ-୩/୨୪, ଶାର୍ଦ୍ଦୁଳ ଠାକୁର-୨/୨୯, ଦୀପକ ଚହର-୧/୩୫)।



ଉଇକେଟ ନେବା ପରେ ଡ୍ୱେନ୍ ବ୍ରାଭୋଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ଶନିବାର ମ୍ୟାଚ**



ଦିଲ୍ଲୀ କ୍ୟାପିଟାଲ୍ସ
ବନାମ
ରାଜସ୍ଥାନ ରୟାଲ୍ସ
ସ୍ଥାନ : ଆବୁଧାବି
ସମୟ : ଅପରାହ୍ନ ୩.୩୦

ସନ୍‌ରାଇଜର୍ସ
ବନାମ
ପଞ୍ଜାବ କିଙ୍ଗ୍ସ
ସ୍ଥାନ : ଶାରଜା
ସମୟ : ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୭ | ୨ | ୧୪ | +୦.୬୧୩ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୬ | ୨ | ୧୨ | +୧.୨୨୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | -୦.୭୦୬ |
| ନାଇଟ ରାଇଡର୍ସ | ୯ | ୪ | ୫ | ୮ | +୦.୩୬୩ |
| ରାଜସ୍ଥାନ ରୟାଲ୍ସ | ୮ | ୪ | ୪ | ୮ | -୦.୧୫୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୪ | ୫ | ୮ | -୦.୩୧୦ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୩୪୫ |
| ସନ୍‌ରାଇଜର୍ସ | ୮ | ୧ | ୭ | ୨ | -୦.୬୮୯ |

## ମୁମ୍ବାଇକୁ ହରାଇଲା କୋଲକାତା

**ଆବୁଧାବି, ୨୪।୯**

ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୧ର ଦ୍ୱିତୀୟ ପର୍ଯ୍ୟାୟରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ୭ ଉଇକେଟରେ ମୁମ୍ବାଇକୁ ପରାସ୍ତ କରିଛି। ଫଳରେ ଏହି ପର୍ଯ୍ୟାୟରେ ମୁମ୍ବାଇ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ କୋଲକାତା ୧୫.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରି ନେଇଥିଲା। ମୁମ୍ବାଇ ଏହା ପୂର୍ବ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସଠାରୁ ୨୦ ରନରେ ହାରିଥିଲା। ଏଠାରେ ବିଜୟ ଫଳରେ କୋଲକାତା ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ମୁମ୍ବାଇ ୬ଷ୍ଠ ସ୍ଥାନକୁ ଖସିଛି।

# ଭାରତ ସିରିଜ୍ ହାରିଲା



ବିଜୟସୂଚକ ରନ୍ ସ୍କୋର ପରେ ଉଲ୍ଲସିତ ବେଥ୍ ମୁନି।

**ମହିଳା କ୍ରିକେଟ**

**ମ୍ୟାକ୍‌କେ, ୨୪।୯ (ପି.ଟି.):** ଭାରତ ବିପକ୍ଷ ଦ୍ୱିତୀୟ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୫ ଉଇକେଟରେ ରୋମାଞ୍ଚ ବିଜୟ ହାସଲ କରିଛି। ଏଥିସହ ଘରୋଇ ଦଳ ୨-୦ରେ ଅଗ୍ରଣୀ ଲାଭ କରିବା ସହ ଗୋଟିଏ ମ୍ୟାଚ ବାକି ଥାଇ ଆଗୁଆ ସିରିଜ କବ୍‌ଜା କରିନେଇଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟ ଲାଭ କରିବା ପାଇଁ ଅଷ୍ଟ୍ରେଲିଆ ଅନ୍ତିମ ଓଭରରେ ୧୩ ରନ ଆବଶ୍ୟକ କରୁଥିଲା। ଶେଷ ବଲ୍‌ରେ ହିଁ ଦଳ ବିଜୟ ଲାଭ କରିଥିଲା। ମ୍ୟାଚ ଶେଷ ହେବାବେଳକୁ ମୁନି ୧୨୫ ଓ ନିକୋଲା କାରେ ୩୯ରନ କରି ଅପରାଜିତ ରହିଥିଲେ। ଅଭିଜ୍ଞ ଝୁଲଣ ଗୋସ୍ୱାମୀ ଅନ୍ତିମ ଓଭରରେ ୨ଟି ନୋ ବଲ୍ ପକାଇଥିଲେ। ପୂର୍ବରୁ ଓପନର ସ୍ମୃତି ମନ୍ଧାନାଙ୍କ ଧୈର୍ଯ୍ୟପୂର୍ଣ୍ଣ ୮୬ରନ ସହାୟତାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆୟୋଜକ ଦଳ ବିପକ୍ଷରେ ଚ୍ୟାଲେଞ୍ଜିଂ ୨୭୪ ରନ କରିଥିଲା। ମନ୍ଧାନା ତାଙ୍କ ୧୯ତମ ଅର୍ଦ୍ଧଶତକରେ ୧୧ଟି ଚୌକା ଲଗାଇଥିଲେ। ରିଚା ଘୋଷ (୪୪)ଙ୍କ ସହ ତାଙ୍କର ୭୬ରନ ଏବଂ ଶେଫାଳି ବର୍ମା (୨୨)ଙ୍କ ସହ ତାଙ୍କର ୭୪ରନର ଭାଗୀଦାରି ହୋଇଥିଲା। ଏଥିଯୋଗୁ ଭାରତ ଏକ ଚ୍ୟାଲେଞ୍ଜ ଦେବା ଭଳି ସ୍କୋର କରିପାରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଭାରତ ମହିଳା ଦଳ :** ୫୦ ଓଭରରେ ୨୭୪/୭ (ସ୍ମୃତି ମନ୍ଧାନା-୮୬, ରିଚା ଘୋଷ-୪୪ ; ତାହଲିଆ ମ୍ୟାକ୍‌ଗ୍ରା (୩/୪୫), ସୋଫି ମୋଲିନେକ୍ସ (୨/୨୮), ଡାର୍ସି ବ୍ରାଉନ୍(୧/୬୩)। **ଅଷ୍ଟ୍ରେଲିଆ ମହିଳା ଦଳ:** ୫୦ ଓଭରରେ ୨୭୫/୫ (ବେଥ୍ ମୁନି-୧୨୫*, ତାହଲିଆ ମ୍ୟାକ୍‌ଗ୍ରା-୭୪ ; ଝୁଲଣ ଗୋସ୍ୱାମୀ-୧/୪୦, ମେଘନା ସିଂ-୧/୩୮, ଦୀପ୍ତି ଶର୍ମା-୧/୬୦)।

**ସଂକ୍ଷେପରେ**

## ହ୍ୱାଟମୋର ବରୋଦା ହେଡ୍ କୋଚ୍



**ଭଦୋଦରା,୨୪।୯:** ଅଷ୍ଟ୍ରେଲିଆ ପୂର୍ବତନ କ୍ରିକେଟର ତଥା ବିଶ୍ୱକପ୍ ବିଜୟୀ କୋଚ୍ ଡେଭ୍ ହ୍ୱାଟମୋର ବରୋଦା ହେଡ କୋଚ୍ ଭାବେ ନିଯୁକ୍ତ ପାଇଛନ୍ତି। ଆଗାମୀ ସେସନରେ ସେ ଦାୟିତ୍ୱ ଗ୍ରହଣ କରିବେ। ଏ ନେଇ ଶୁକ୍ରବାର ବରୋଦା କ୍ରିକେଟ ଆସୋସିଏଶନ ସମ୍ପାଦକ ଅଜିତ ଲିଲି କହିଛନ୍ତି। ସେ ବୁଧବାର ଯୋଗ ଦେଇଛନ୍ତି। ସେ ମଧ୍ୟ ବିଭିନ୍ନ ବୟସବର୍ଗର କୋଚ୍‌ଙ୍କୁ ମଧ୍ୟ ଗାଇଡ୍ କରିବେ। ୬୭ ବର୍ଷୀୟ ହ୍ୱାଟମୋରଙ୍କର ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ଯଥେଷ୍ଟ ଅଭିଜ୍ଞତା ରହିଛି। ତାଙ୍କ ତତ୍ତ୍ୱାବଧାନରେ ୧୯୯୬ରେ ଶ୍ରୀଲଙ୍କା ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏହାପରେ ସେ ବିଭିନ୍ନ ଦଳ ଓ ଭାରତୀୟ ଘରୋଇ କ୍ରିକେଟ ପାଇଁ କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ସେ ନେପାଳ ଓ କେରଳ ପାଇଁ ମଧ୍ୟ କାର୍ଯ୍ୟକରିଛନ୍ତି। ୨୦୨୧-୨୦୨୨ ସେସନ ପାଇଁ ଘରୋଇ କ୍ରିକେଟ ସିଜନ ଆରମ୍ଭ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘୋଷଣା କରିସାରିଛି।

## ପ୍ରଫେସନାଲ ରେସ୍‌ଲିଂରେ ଚେଷ୍ଟା କରିବେ ସତ୍‌ନାମ

**ନୂଆଦିଲ୍ଲୀ, ୨୪।୯ (ପି.ଟି.):** ଡୋପିଂ ପାଇଁ ବାସନ୍ଦ ହେବା ପୂର୍ବରୁ ବାସ୍କେଟବଲ ଖେଳାଳି ସତ୍‌ନାମ ସିଂ ଭମାରା ପ୍ରଥମ ଭାରତୀୟ ଭାବେ ଏନ୍‌ବିଏ ଟିମ୍‌ରେ ସ୍ଥାନ ପାଇବା ସୌଭାଗ୍ୟ ଅର୍ଜନ କରିଥିଲେ। ବର୍ତ୍ତମାନ ସେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ଏକ ପ୍ରଫେସନାଲ ରେସ୍‌ଲିଂରେ ଭାଗ ନେବାଲାଗି ମନ ବଳାଇଛନ୍ତି। ୨୫ ବର୍ଷୀୟ ସିଂ ୨୦୧୫ରେ ଡଲାସ ମାଭେରିକ୍ସ ବାସ୍କେଟବଲ୍ ଦଳ ସହିତ ଚୁକ୍ତି କରି ଏନ୍‌ବିଏରେ ସାମିଲ ହୋଇ ଇତିହାସ ସୃଷ୍ଟି କରିଥିଲେ। ବର୍ତ୍ତମାନ ସେ ଆଟଲାଣ୍ଟାସ୍ଥିତ ନାଇଟ୍‌ମେୟାର ଫ୍ୟାକ୍ଟ୍ରିରେ ଜଣେ ପ୍ରୋ-ରେସ୍‌ଲର ଭାବେ ଟ୍ରେନିଂ ନେଉଛନ୍ତି। ସେ ଅଲ୍ ଏଲିଟ୍ ରେସ୍‌ଲିଂ (ଏଇଡବ୍ଲ୍ୟୁ)ରେ ଭାଗ ନେବେ। ସିଂ ଏନ୍‌ବିଏ କିମ୍ବଦନ୍ତୀ ଶାକ୍ୱିଲ ଓ'ନିଲଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ୨୦୧୯ରେ ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ସିଂ ବର୍ତ୍ତମାନ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଶୃଙ୍ଖଳା କମିଟି ଦ୍ୱାରା ୨ ବର୍ଷ ବାସନ୍ଦ ହୋଇଛନ୍ତି। ଏହାର ମିଆଦ ନଭେମ୍ବର ୧୯ରେ ଶେଷ ହେଉଛି।

# ୧୯ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ କର୍ମକର୍ତ୍ତାମାନେ।

**ଜଟଣୀ, ୨୪।୯ (ଡି.ଏନ୍.ଏ.)**

ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଦ୍ୱାରା ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଆଶ୍ରୟ ଇନ୍‌ଡୋର ହଲ୍‌ରେ ୧୯ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଆସୋସିଏଶନର ସମ୍ପାଦକ ନିଳିନ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୬ଜଣ ପୁରୁଷ ଏବଂ ମହିଳା ଭାଗନେଇଛନ୍ତି। ବାଳକ ସିଙ୍ଗଲ୍ସ ଏବଂ ଡବଲ୍ସ, ବାଳିକା ସିଙ୍ଗଲ୍ସ ଏବଂ ଡବଲ୍ସ ସହିତ ମିକ୍ସଡ ଡବଲ୍ସ ମଧ୍ୟ ଖେଳାଯିବ। ମୋଟ ୫ଟି ଇଭେଣ୍ଟରେ ଖେଳ ହେବ ଏବଂ ୧୬ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଶୁକ୍ରବାର ପ୍ରଥମ ଦିବସରେ ୮୦ଜଣ ବାଳକ ଏବଂ ବାଳିକାଙ୍କୁ ନେଇ ଖେଳ ହୋଇଥିଲା। ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ରେଫରି ରୀତା ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ତାଙ୍କୁ ଆଶ୍ରୟ କ୍ଲବର ସଦସ୍ୟ ସୁରଜ ପଟ୍ଟନାୟକ, ପୁଣ୍ୟଶ୍ଳୋକ ଦଳାଇ, ଦିବ୍ୟରଞ୍ଜନ ମହାନ୍ତି, ଶରତ ବେହେରା ପ୍ରମୁଖ ସହାୟତା କରିଥିଲେ।

# ସେମିଫାଇନାଲରେ ଏଫ୍‌ସି ଗୋଆ

**କଲ୍ୟାଣୀ, ୨୪।୯**

ଏଫ୍‌ସି ଗୋଆ ୧୩୦ତମ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଗୋଆ ୫-୧ ଗୋଲରେ ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଛି। ପୂରା ୯୦ ମିନିଟ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଗୋଆ ପକ୍ଷରୁ ଦେବେନ୍ଦ୍ର ମୁର୍ଗାଓକର (୧୫ତମ ମିନିଟ), ମହମ୍ମଦ ନେମିଲ (୧୮) ଓ ବ୍ରାଣ୍ଡନ ଫର୍ନାଣ୍ଡେସ (୪୫+୩) ପ୍ରଥମାର୍ଦ୍ଧରେ ୩ଟି ଏବଂ ଲିଆଣ୍ଡର ଡି'କୁନ୍‌ହା (୮୪ ) ଓ ରୋମାରିଓ ଜେସୁରାଜ (୯୦+୨) ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ଦେଇଥିଲେ। ଦିଲ୍ଲୀ ପକ୍ଷରୁ ନିଖିଲ ମାଲି ୮୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଗୋଆ ଦଳର ଲିଆଣ୍ଡର ଡି'କୁନ୍‌ହା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲ ଶନିବାର ବେଙ୍ଗାଲୁରୁ ଏଫ୍‌ସି ଓ ଆର୍ମି ଗ୍ରୀନ୍ ମଧ୍ୟରେ ଅନୁଷ୍ଠିତ ହେବ। ଏହାର ବିଜେତାକୁ ଗୋଆ ୨୯ ତାରିଖରେ ଦ୍ୱିତୀୟ ସେମିଫାଇନାଲରେ ଭେଟିବ। ମ୍ୟାଚଟି ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲ ୨୭ ତାରିଖରେ ମହମ୍ମଡାନ ସ୍ପୋର୍ଟିଂ ଓ ବେଙ୍ଗାଲୁରୁ ୟୁନାଇଟେଡ ମଧ୍ୟରେ ଖେଳାଯିବ।



ବିଜୟ ହାସଲ ପରେ ଉଲ୍ଲସିତ ଏଫ୍‌ସି ଗୋଆ ଦଳର ଖେଳାଳିମାନେ।

## ମାଇକେଲ ଓଏନ୍ ପାକିସ୍ତାନ ଫୁଟ୍‌ବଲ ଲିଗ୍‌ର ବ୍ରାଣ୍ଡ ଆମ୍ବାସାଡ଼ର



**କରାଚୀ, ୨୪।୯ (ପି.ଟି.):** ଇଂଲଣ୍ଡର ପୂର୍ବତନ ଫୁଟ୍‌ବଲ ଷ୍ଟାର ମାଇକେଲ ଓଏନ ଶୁକ୍ରବାର ପାକିସ୍ତାନ ଫୁଟବଲ ଲିଗ୍ (ପିଏଫ୍‌ଏଲ୍)ର ବ୍ରାଣ୍ଡ ଆମ୍ବାସାଡ଼ର ଭାବେ ନିଯୁକ୍ତି ପାଇଛନ୍ତି। ଗ୍ଲୋବାଲ ସକ୍କର ଭେଞ୍ଚର (ଜିଏସ୍‌ଭି) ହେଉଛି ଏହି ଘରୋଇ ଫୁଟ୍‌ବଲ ଲିଗ୍‌ର ଆୟୋଜକ। ଓଏନଙ୍କ ସହ ଏହି କମ୍ପାନୀ ୩ ବର୍ଷିଆ ଚୁକ୍ତି କରିଛି। ଅକ୍ଟୋବରରେ ଓଏନ୍ ପିଏଫ୍‌ଏଲର ଲୋଗୋ ଉନ୍ମୋଚନ ଇଂଲଣ୍ଡରେ କରିବେ ବୋଲି ଜିଏସ୍‌ଭି ପକ୍ଷରୁ ସୂଚନା ଦିଆଯାଇଛି। ଓଏନ ଆହୁରି ମଧ୍ୟ ଫୁଟ୍‌ବଲ ମାଷ୍ଟର୍ସ କ୍ଲାସେସ୍‌ର ଏକ ସିରିଜର ପରିଚାଳନା ପାଇଁ ପାକିସ୍ତାନ ଗସ୍ତରେ ଯିବେ। ଇଂଲଣ୍ଡ ଜାତୀୟ ଦଳ ବ୍ୟତୀତ ଓଏନ ଟପ୍ ଲିଗ୍‌ରେ ମାଞ୍ଚେଷ୍ଟର ୟୁନାଇଟେଡ୍, ରିଅଲ ମାଡ୍ରିଡ୍, ଲିଭରପୁଲ୍ ଓ ନ୍ୟୁ କ୍ୟାସେଲ ୟୁନାଇଟେଡ୍‌ରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ୨୦୦୧ରେ ବାଲନ ଡି' ଅର୍ ପୁରସ୍କାର ମଧ୍ୟ ଜିତିଥିଲେ।

# ଏକ ଫୋନ୍ କଲ୍ ବଦଳାଇଛି ଜୀବନ

**ମୁମ୍ବାଇ, ୨୪।୯:** ହସ୍ପିଟାଲରୁ କୋଲକାତା ନାଇଟ ରାଇଡର୍ସର ନୂଆ ବ୍ୟାଟିଂ ସେନସେସନ ଭେଙ୍କଟେଶ ଆୟାର ପୂର୍ବତନ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ସଞ୍ଜୟ ଜଗଦଲେଙ୍କୁ ଏକ ଫୋନ୍ କଲ କରିଥିଲେ। ଏହି ଫୋନ୍ କଲ ତାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ବ୍ୟାଟିଂ ପ୍ରତିଭା ଓ ଉପଯୋଗୀ ବୋଲିଂ ଦକ୍ଷତା ଥିଲେ ମଧ୍ୟ ଏହି ଫୋନ୍ କଲ ଏବେ ତାଙ୍କ ପାଇଁ ଖ୍ୟାତି ଓ ଯଶ ଆଣିଦେଇଛି। ଆଗକୁ ସେ ଜଣ ସଫଳ କ୍ରିକେଟର ହୋଇପାରିବେ ବୋଲି ଆଶା କରାଯାଉଛି।

୨୦୧୯ ରଣଜୀ ଟ୍ରଫି କ୍ୟାମ୍ପରୁ ବାଦ୍ ପଡିବା ପରେ ସେ ଅଭିଜ୍ଞ କ୍ରିକେଟ ପ୍ରଶାସକ ଓ ପୂର୍ବତନ ଜାତୀୟ ଚୟନକର୍ତ୍ତା ଜଗଦଲେଙ୍କୁ ଫୋନ କରି ସାହାଯ୍ୟ ମାଗିଥିଲେ। ଭେଙ୍କଟେଶଙ୍କ ଇଚ୍ଛା ଶକ୍ତି ଓ ମନୋଭାବ ଦେଖି ଜଗଦଲେ ବେଶ୍ ପ୍ରଭାବିତ ହୋଇଥିଲେ। ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଖେଳୁଥିବା ବେଳେ ତାଙ୍କୁ ଦେଖିଆସିଛି ବୋଲି ଜଗଦଲେ କହିଛନ୍ତି। ୧୨-୧୩ ବର୍ଷରୁ ସେ ଲଗାତର ଉଇକେଟକିପିଂ କରୁଥିଲେ ଓ ଭଲ ଖେଳୁଥିଲେ। ୨-୩ବର୍ଷତଳେ ସେ ୨୩ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ସେ ମଧ୍ୟ ପ୍ରଦେଶ ପାଇଁ ଆଖିଦୃଶିଆ ପ୍ରଦର୍ଶନ କରିଥିଲେ। ୨୦୧୯ ରଣଜୀ ସେସନ ପାଇଁ ଚୟନକର୍ତ୍ତାମାନେ ୨୫- ୩୦ ଖେଳାଳିଙ୍କୁ ନେଇ ଏକ ଶର୍ଟଲିଷ୍ଟ ଜାରିକରିଥିଲେ। ଏଥିରେ ଭେଙ୍କଟେଶଙ୍କ ନାମ ନ ଥିଲା। ଅବଶ୍ୟ ଏ ବିଷୟରେ ସବିଶେଷ କିଛି ଜାଣି ନ ଥିଲି। ତେବେ ସେ ହସ୍ପିଟାଲରୁ ମତେ କଲ କରିଥିଲେ ବୋଲି ଜଗଦଲେ କହିଛନ୍ତି। ୮-୯ ଦିନ ହେବ ହସ୍ପିଟାଲରେ ରହିଛି ଓ କ୍ରିକେଟ ଖେଳିପାରି ନାହିଁ। ଯଦି ମୋତେ ସିଲେକ୍ସନ ଟ୍ରାଏଲରେ ସାମିଲ କରାଯାଏ ତାହାଲେ ଭଲ ହେବ ଓ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବି ବୋଲି ଭେଙ୍କଟେଶ କହିଥିଲେ। ତାଙ୍କର ଏହି ମନୋଭାବ ମତେ ପ୍ରଭାବିତ କରିଥିଲା। ହସ୍ପିଟାଲରେ ଥିଲେ ମଧ୍ୟ ସେ ମତେ କଲ କରିଥିଲେ ଜଗଦଲେ ମନେ ପକାଇ କହିଛନ୍ତି। ଏହାରେ ସେ ଭେଙ୍କଟେଶଙ୍କୁ ସୁଯୋଗ ଦେବା ପାଇଁ ଚୟନକର୍ତ୍ତାଙ୍କୁ କହିଥିଲେ। ଏହାପରେ ଭେଙ୍କଟେଶ ପଛକୁ ଫେରି ଚାହିଁନାହାନ୍ତି ଓ ଯାହା ଘଟିଛି ତାହା ସମସ୍ତଙ୍କୁ ଜଣା। ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଦମ୍‌ଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୬ ବର୍ଷୀୟ ଭେଙ୍କଟେଶ ଏବେ କୋଲକାତର ବ୍ୟାଟିଂ ସେନସେସନ ବନିଯାଇଛନ୍ତି। ମୁମ୍ବାଇ ବିପକ୍ଷରେ ସେ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଓ ବାଙ୍ଗାଲୋର ବିପକ୍ଷରେ ଦ୍ରୁତ ତଥା ଅପରାଜିତ ୪୧ ରନ ସଂଗ୍ରହ କରିଥିଲେ।

ଚୟନକର୍ତ୍ତାଙ୍କୁ ଭେଙ୍କଟେଶଙ୍କ ପ୍ରତିଭା ଓ ଦକ୍ଷତା ନେଇ ଅବଗତ କରାଇଥିଲି। ଜଣେ ପଞ୍ଚମ ବୋଲରଙ୍କ ଆବଶ୍ୟକତା ଓ ଜଣେ ବ୍ୟାଟ୍ସମ୍ୟାନ- ବୋଲର ବା ଅଲରାଉଣ୍ଡରଙ୍କ ଆବଶ୍ୟକତା ସବୁ ଦଳ ନିକଟରେ ଥାଏ। ଏପରିସ୍ଥଳେ ଭେଙ୍କଟେଶଙ୍କ ଗୁରୁତ୍ୱ ରହିଛି। ତେଣୁ ତାଙ୍କୁ ଏକ ସୁଯୋଗ ଦିଆଯିବା ଆବଶ୍ୟକ। ସମ୍ଭାବ୍ୟ ଦଳରେ ସ୍ଥାନ ପାଇ ନ ଥିଲେ ମଧ୍ୟ ତାଙ୍କୁ ଦୁଇଟି ଟ୍ରାଏଲ ମ୍ୟାଚ୍ ଖେଳିବାର ସୁଯୋଗ ଦେବା ପାଇଁ ଚୟନକର୍ତ୍ତାଙ୍କୁ କହିଥିଲେ। ଗୋଟିଏ ମ୍ୟାଚ୍‌ରେ ସୁଯୋଗ ଦେବା ଠିକ୍ ହେବ ନାହିଁ। ସେ ଟ୍ରାଏଲ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ ଓ ମଧ୍ୟପ୍ରଦେଶ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଥିଲେ। ଫିଟ୍‌ନେସ ପାଇଁ ସେ କଠିନ ପରିଶ୍ରମ କରୁଛନ୍ତି।



ଭେଙ୍କଟେଶ ଆୟାର

# ଓଡ଼ିଶା ବାଳିକା, ବାଳକ ସଫ୍ଟବଲ ଦଳ ଘୋଷିତ

**ଭୁବନେଶ୍ୱର, ୨୪।୯ (କ୍ରୀଡ଼ା ପ୍ରତିନିଧି)**

ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ଆସନ୍ତା ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ସଫ୍ଟବଲ ଦଳ ଶୁକ୍ରବାର ପଞ୍ଜାବ ଯାତ୍ରା କରିଛି। ଓଡ଼ିଶା ସଫ୍ଟବଲ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ରାଜକିଶୋର ପଟ୍ଟନାୟକ, କୋଷାଧ୍ୟକ୍ଷ ଶକ୍ତି ରଞ୍ଜନ ମହାନ୍ତି, ଅମୀୟ କୁମାର ଚାନ୍ଦ, ବିଭୁଦତ୍ତ ରଥ, ଅଚ୍ୟୁତାନନ୍ଦ ସାହୁ, ସୁନୀତା ବର୍ମା ଏବଂ ଅନ୍ୟ କର୍ମକର୍ତ୍ତାମାନେ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ବାଳିକା ଦଳ: ଧରିତ୍ରୀ ସିଂ, ଦୟନ୍ତି ଟପ୍ପୋ, ସୁଲୋଚନା ମଲିକ, ମମତା ସିଂ, ମାମାଲି ବେହେରା, ପ୍ରତିମା ଜେନା, ରାଜଶ୍ରୀ ପଣ୍ଡା, ମୋନାଲିସା ଦାସ, ପ୍ରତିକ୍ଷା ତ୍ରିପାଠୀ, ଅପର୍ଣ୍ଣା ସାମଲ, ସସ୍ମିତା ସ୍ୱାଇଁ, ପ୍ରିସିତା ଦାସ, ଲୋପାମୁଦ୍ରା ସାହୁ, ସୋନାଲିକା ଜେନା। କୋଚ୍: ଜିତେନ୍ଦ୍ର ମହାନ୍ତି, ମ୍ୟାନେଜର: ଜୟଶ୍ରୀ ମହାନା। ଓଡ଼ିଶା ବାଳକ ଦଳ: ତପୁ ସିଂ, ଖଗେଶ୍ୱର ମଲିକ, ସୁନୀଲ ଟୁଡୁ, ସନ୍ଦିପ କୁମାର କରକରିଆ, ପ୍ରିୟାଂଶୁ ଶେଖର ବିଶ୍ୱାଳ, ସତ୍ୟରଞ୍ଜନ ନାୟକ, ସୁରତା ଲକ୍ଷ୍ମଣ, ଜ୍ୟାକସନ ପାଲାକା, ରଞ୍ଜନ କୁମାର ଦାସ, ଲୋକେଶ କୁମାର, ଶୁଭ୍ରଜିତ ସାହୁ, ପଦ୍ମଲୋଚନ ପଣ୍ଡା, ବିଦ୍ୟୁତ୍‌ଜ୍ୟୋତି ସାହୁ, ପରଭେଶ ପାତ୍ର। କୋଚ୍: ଗୌତମ ବିଶ୍ୱାସ, ମ୍ୟାନେଜର: କୈଳାସ ଚନ୍ଦ୍ର ମହାଲିକ।



ଜାତୀୟ ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ଗହଣରେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ